
ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ଜୁଲାଇ ୨୦୨୩
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ଚତୁର୍ଥ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଙ୍ଗ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, July 2023, Issue No. IV
ISSN NO. 2583-147X (P)
**RNI No. : ODIODI/2015/64435**
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଶାସ୍ତ୍ରୀୟ ଓଡ଼ିଆ ଭାଷା : ଶିକ୍ଷା ଓ ନିଯୁକ୍ତି
– ଡ. ଇନ୍ଦ୍ରମଣି ସାହୁ ୦୭

ଡାନିଲୋଡୋଲ୍‌ସି : ସିସିଲିର ଗାନ୍ଧୀ
ଇଟାଲୀରେ ଅହିଂସା
– ସାଇ ଶ୍ରୀଲୋକନାଥ ପ୍ରସାଦ ସେଠୀ ୧୨

ବୋଲି
– ଡ. ଅନନ୍ତ କିଶୋର ଜେନା ୧୫

ଅଖିଳ ମୋହନ ପଟ୍ଟନାୟକଙ୍କ ଗଳ୍ପରେ ପ୍ରକୃତି ଓ ପରିବେଶର ଚିତ୍ର
– ମେନନ ସାହୁ ୧୮

ଜଣେ ପାଠକ ଦୃଷ୍ଟିରେ କରୁଣା ଓ କାରୁଣ୍ୟର କାରିଗର
ବ୍ୟାସକବି ସେନାପତିଙ୍କ ସରସ୍ୱତୀ ରେବତୀ
– ଡକ୍ଟର ସନ୍ତୋଷ କୁମାର ନାୟକ ୨୧

ଗାନ୍ଧୀବାଦର ତଳେ
– ପ୍ରତୀଚୀ ନନ୍ଦ ୨୯

ମଧ୍ୟକାଳୀନ ଓଡ଼ିଆ ପଦିଆ ସାହିତ୍ୟ
– ବିଜୟଲକ୍ଷ୍ମୀ ଦାଶ ୩୪

ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ସମୀକ୍ଷା: ବିଚାର ଓ ବିମର୍ଶ
– ସନ୍ତୋଷ ଭୋଇ ୩୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ୱା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

### ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଠିକଣା .................................................................. ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର .............................................. ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................... ତାରିଖ.......................................

ବ୍ୟାଙ୍କ୍.............................................. ସ୍ଥାନ...................................................

ତାରିଖ........................................... ଦସ୍ତଖତ...................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 9, Issue No.IV, July 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଶାସ୍ତ୍ରୀୟ ଓଡ଼ିଆ ଭାଷା : ଶିକ୍ଷା ଓ ନିଯୁକ୍ତି

**ଡ. ଇନ୍ଦ୍ରମଣି ସାହୁ**

ପରକୀୟ ଭାଷାଶିକ୍ଷା ଜଳ ଉପରେ ଘୃତବିନ୍ଦୁ ପତନବତ୍ ଅର୍ଥାତ୍ ଶିକ୍ଷାକାରୀ ହୃଦୟରେ ଜ୍ଞାନ ଆବଦ୍ଧ ରହେ । ମାତୃଭାଷା ଶିକ୍ଷା ଜଳ ଉପରେ ତୈଳବିନ୍ଦୁ ପତନବତ୍ ଅର୍ଥାତ୍ ଦେଶ ମଧ୍ୟରେ ସର୍ବତ୍ର ବିସ୍ତାର ଲାଭ କରେ । (ଫକୀରମୋହନ ସେନାପତି, ଅଭିଭାଷଣ, ଉତ୍କଳ ସାହିତ୍ୟ ସମାଜ)

ମଣିଷ ଭାଷା ଶିଖେ । କିନ୍ତୁ ଶିକ୍ଷା ପାଇଁ ଭାଷା ଅପରିହାର୍ଯ୍ୟ କି ? ଏ ପ୍ରଶ୍ନର ଉତ୍ତର ଅନିର୍ଦ୍ଦିଷ୍ଟ । ତେବେ ଶିକ୍ଷାକ୍ଷେତ୍ରର ଭୂମି ଓ ଭୂମିକାରେ ଥିବା ଭାଷା ଯେ ଅପେକ୍ଷାକୃତ ସଜୀବ ଓ ସମର୍ଥ, ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇପାରେ । ଶିକ୍ଷା ବ୍ୟବସ୍ଥାରେ ଓଡ଼ିଆଭାଷାର ଗରିମା ଓ ଗୁରୁତ୍ୱର ଚିତ୍ରପଟ୍ଟଟି କେତେ ଉଜ୍ଜ୍ୱଳ, ତା'ର ଅବଧାରଣା ଅପରିହାର୍ଯ୍ୟ । ଓଡ଼ିଆ ଭାଷାର ବର୍ଣ୍ଣମାଳାରେ କେତେ ଗୋଟି ବର୍ଣ୍ଣ ଅଛି ? ଏ ପ୍ରଶ୍ନର ଉତ୍ତର ବୁଦ୍ଧିଜୀବିଙ୍କଠାରୁ ସାଧାରଣ ଓଡ଼ିଆଙ୍କ ପର୍ଯ୍ୟନ୍ତ କେହି ନିର୍ଦ୍ଦିଷ୍ଟ ଭାବେ କହିପାରିବେ ନାହିଁ । ବହୁ ତଥ୍ୟ ଓ ମତର ଆବିର୍ଭାବ ହେବ । କୌଣସି ଭାଷାରେ ବର୍ଣ୍ଣମାଳାକୁ ନେଇ ସାମାଜିକ ସ୍ତରରେ ଏପରି ସନ୍ଦିଗ୍ଧତା ସଚରାଚର ଦେଖାଯାଏ ନାହିଁ । ଭାଷାଗତ ହେଉ ବା ଧ୍ୱନିତାତ୍ତ୍ୱିକ ହେଉ, ଭିନ୍ନ ଭିନ୍ନ ମତ ଥିଲେ ବି ସମାଜର ବୃହତ୍ତର ସ୍ତର ନିମନ୍ତେ ଏହାର ଏକ ମାନକୀକରଣ ଅପରିହାର୍ଯ୍ୟ ନୁହେଁ କି ? କେତେଦିନ ଏ ଜାତିର ପିଲାମାନଙ୍କ ଭାଷା ଶିକ୍ଷାର ପ୍ରଥମ ଭୂମିଟି ଏପରି କୁହେଳିକାମୟ ହୋଇରହିବ ?

ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀରେ ଭାଷା (ଓଡ଼ିଆ), ଗଣିତ, ପରିବେଶ ପାଠ, ଡ୍ରଇଁ- ଏପରି ଚାରୋଟି ବିଷୟ, ପ୍ରତ୍ୟେକ ୫୦ ମାର୍କ ବିଶିଷ୍ଟ, ସର୍ବମୋଟ ୨୦୦ ମାର୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ରହିଅଛି । ଏହି ଦୁଇ ଶ୍ରେଣୀରେ ଭାଷା ବିଷୟଟି ସମୁଦାୟ ପାଠ୍ୟକ୍ରମର ଶତକଡ଼ା ୨୫ । ତୃତୀୟ, ଚତୁର୍ଥ ଓ ପଂଚମ ଶ୍ରେଣୀରେ ନୂତନ ବିଷୟ ଭାବେ ୫୦ ମାର୍କ ବିଶିଷ୍ଟ ଇଂରାଜୀର ହୋଇଛି ଆର୍ବିଭାବ । ସୁତରାଂ ସର୍ବମୋଟ ୨୫୦ ମାର୍କର ପାଠ୍ୟକ୍ରମ । ଏହି ତିନୋଟି ଶ୍ରେଣୀରେ ଭାଷା ବିଷୟଟି ସମୁଦାୟ ପାଠ୍ୟକ୍ରମର ଶତକଡ଼ା ୨୦ । ଷଷ୍ଠ ଓ ସପ୍ତମ ଶ୍ରେଣୀର ୪୦୦ ମାର୍କର ପାଠ୍ୟକ୍ରମରେ ଭାଷା (ଓଡ଼ିଆ), ଇଂରାଜୀ, ହିନ୍ଦୀ ଓ ସଂସ୍କୃତ- ଏପରି ଚାରୋଟି ଭାଷା ଶିକ୍ଷାର ବ୍ୟବସ୍ଥା । ପ୍ରତ୍ୟେକ ଭାଷା ବିଷୟ ୫୦ ମାର୍କ । ଏହି ଦୁଇ ଶ୍ରେଣୀ ପାଇଁ ଭାଷା (ଓଡ଼ିଆ) ବିଷୟଟି ସମୁଦାୟ ପାଠ୍ୟକ୍ରମର ଶତକଡ଼ା ୧୨.୫ । ଅଷ୍ଟମ ଶ୍ରେଣୀରେ ସମୁଦାୟ ୬୫୦ ମାର୍କର ପାଠ୍ୟକ୍ରମ । ଏହାର ଛାତ୍ରଛାତ୍ରୀ ଭାଷା (ଓଡ଼ିଆ), ଇଂରାଜୀ ସହ ହିନ୍ଦୀ ଓ ସଂସ୍କୃତ ମଧ୍ୟରୁ ଯେକୌଣସି ଗୋଟିଏ ଭାଷା ବିଷୟ ଗ୍ରହଣ କରିପାରିବେ ଏବଂ ପ୍ରତ୍ୟେକ ଭାଷା ବିଷୟ ୧୦୦ ମାର୍କ ବିଶିଷ୍ଟ । ଅର୍ଥାତ୍ ଓଡ଼ିଆ ଭାଷା ବିଷୟ ସମଗ୍ର ପାଠ୍ୟକ୍ରମର ଶତକଡ଼ା ୧୫.୩୮ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପ୍ରାଥମିକ (୧-୫) ଓ ଉଚ୍ଚ ପ୍ରାଥମିକ (୬-୮) ଭେଦରେ ଦ୍ୱିବିଧ । ପ୍ରାଥମିକ ସ୍ତରରେ ଓଡ଼ିଆ ଭାଷା ମାଧ୍ୟମ ବା ବିଷୟ ଭାବେ ବାଧ୍ୟତାମୂଳକ ନୁହଁ, ଇଚ୍ଛାଧୀନ । ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ପାଇଁ କୌଣସି ଭିନ୍ନ ଭାଷାଭାଷୀ ଓଡ଼ିଶାର ସନ୍ତାନକୁ ଓଡ଼ିଆ ଶିକ୍ଷା କରିବାକୁ ହୋଇ ନଥାଏ । ସରକାର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ପାଠ୍ୟପୁସ୍ତକକୁ ତେଲଗୁ, ବେଙ୍ଗଲା, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଯୋଗାଇ ଦେବା ସହ ସମ୍ପୃକ୍ତ ଭାଷା ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରିଛନ୍ତି । ଅଧିକନ୍ତୁ, ଓଡ଼ିଶାରେ ଏମ୍‌ଏଲ୍‌ଇ ଯୋଜନାରେ ପ୍ରାୟ ୩୫୦୦ ଆଦିବାସୀ ଭାଷାଶିକ୍ଷକ କାର୍ଯ୍ୟ କରୁଅଛନ୍ତି । କିନ୍ତୁ, ସେ ପ୍ରାଥମିକ ହେଉ ବା ମାଧ୍ୟମିକ

କୌଣସି ସ୍ତରରେ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ହେଲେ ବି ଓଡ଼ିଆ ଭାଷା ବିଷୟର ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ପଦବୀ ସୃଷ୍ଟି କରାଯାଇ ନାହିଁ କି ନିଯୁକ୍ତି ଦିଆଯାଏ ନାହିଁ । ଯେକୌଣସି ଶିକ୍ଷକ ଏପରି କି ସ୍ଥଳବିଶେଷରେ ବିଦ୍ୟାଳୟର କିରାଣୀଙ୍କ ଦ୍ୱାରା ବି ଏହି କାର୍ଯ୍ୟଟି ସମ୍ପନ୍ନ ହୋଇଥାଏ । ଓଡ଼ିଶାରେ ପ୍ରଥମ ଭାଷା (ଏମ୍ଆଇଏଲ୍) ଭାବେ ୧୦୦ ମାର୍କର ଓଡ଼ିଆ ଭାଷା ବିଷୟକୁ ସର୍ବାଧିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚୟନ କରାଯିବାର ସ୍ୱାଭାବିକ ସମ୍ଭାବନାକୁ ଦେଖି ଅନ୍ତତଃ ମାଧ୍ୟମିକ ସ୍ତରରେ ଓଡ଼ିଆ ଭାଷାଶିକ୍ଷକ ପଦବୀ ସୃଷ୍ଟି କରି ନିଯୁକ୍ତି ଦେବାର ଆବଶ୍ୟକତା ରହିଛି ।

ନବମ ଓ ଦଶମ ଶ୍ରେଣୀକୁ ନେଇ ମାଧ୍ୟମିକ ସ୍ତର । ଏହି ସ୍ତରରେ ପ୍ରତ୍ୟେକ ଶ୍ରେଣୀର ସମୁଦାୟ ପାଠ୍ୟକ୍ରମ ୬୦୦ ମାର୍କ । ଏଥିରେ ତିନୋଟି ଭାଷା ଶିକ୍ଷାର ବ୍ୟବସ୍ଥା ରହିଛି-ପ୍ରଥମ ଭାଷା (ମାତୃଭାଷା), ଦ୍ୱିତୀୟ ଭାଷା ଓ ତୃତୀୟ ଭାଷା । ପ୍ରଥମ ଭାଷା ବା ମାତୃଭାଷା ଭାବେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ, ବଙ୍ଗଳା, ତେଲଗୁ, ଉର୍ଦ୍ଦୁ, ହିନ୍ଦୀ ଓ ବୈକଳ୍ପିକ ଇଂରାଜୀ ମଧ୍ୟରୁ ପସନ୍ଦ ଅନୁଯାୟୀ ଗୋଟିଏ ଭାଷାକୁ ଗ୍ରହଣ କରିବାର ସୁଯୋଗ ଦିଆଯାଇଛି । ଦ୍ୱିତୀୟ ଭାଷା ଭାବେ ହିନ୍ଦୀ ବା ଇଂରାଜୀ ମଧ୍ୟରୁ ଗୋଟିଏ ଭାଷାକୁ ଚୟନ କରିବାର ସୁବିଧା ରହିଛି । ଯଦି କେହି ପ୍ରଥମ ଭାଷା ରୂପେ ବୈକଳ୍ପିକ ଇଂରାଜୀକୁ ଗ୍ରହଣ କରିଥାଏ, ସେ କ୍ଷେତ୍ରରେ ହିନ୍ଦୀ ହେବ ତା'ର ଦ୍ୱିତୀୟ ଭାଷା, ଇଂରାଜୀ ନୁହଁ । ଅନ୍ୟ ସମସ୍ତଙ୍କୁ ଇଂରାଜୀ ଭାଷାକୁ ଦ୍ୱିତୀୟ ଭାଷା ଭାବେ ନେବାକୁ ହୋଇଥାଏ । ଛାତ୍ରଛାତ୍ରୀ ଗ୍ରହଣ କରିଥିବା ପ୍ରଥମ ବା ମାତୃଭାଷା ଅନୁଯାୟୀ ସେମାନେ ହିନ୍ଦୀ, ସଂସ୍କୃତ, ଓଡ଼ିଆ ଓ ପାର୍ସି ମଧ୍ୟରୁ ନିଜ ନିଜର ତୃତୀୟ ଭାଷାକୁ ଚୟନ କରିପାରିବେ । ଯେଉଁମାନଙ୍କର ପ୍ରଥମ ଭାଷା ଓଡ଼ିଆ, ସେମାନେ ହିନ୍ଦୀ ବା ସଂସ୍କୃତ ମଧ୍ୟରୁ ଯେକୌଣସି ଗୋଟିକୁ ଏବଂ ଯେଉଁମାନଙ୍କର ପ୍ରଥମ ଭାଷା ବଙ୍ଗଳା କିମ୍ବା ତେଲଗୁ ସେମାନେ ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ମଧ୍ୟରୁ ଯେକୌଣସିକୁ ତୃତୀୟ ଭାଷା ରୂପେ ଗ୍ରହଣ କରିପାରିବେ । ସେହିପରି ଯେଉଁ ପିଲାମାନଙ୍କର ମାତୃଭାଷା ବା ପ୍ରଥମଭାଷା ଉର୍ଦ୍ଦୁ ସେମାନେ ଓଡ଼ିଆ, ହିନ୍ଦୀ କମ୍ବା ପାର୍ସି ମଧ୍ୟରୁ କୌଣସିଟିକୁ ତୃତୀୟ ଭାଷା ରୂପେ ନେଇପାରିବ । ହିନ୍ଦୀକୁ ପ୍ରଥମଭାଷା ରୂପେ ଚୟନ କରିଥିବା ପିଲା ଓଡ଼ିଆ ବା ସଂସ୍କୃତ ମଧ୍ୟରୁ ଏବଂ ଇଂରାଜୀକୁ ପ୍ରଥମଭାଷା ରୂପେ ଗ୍ରହଣ କରିଥିବା ପିଲା ଓଡ଼ିଆ, ସଂସ୍କୃତ ବା ପାର୍ସି ମଧ୍ୟରୁ ଯେକୌଣସି ଗୋଟିଏ ଭାଷାକୁ ନିଜର ତୃତୀୟ ଭାଷା ରୂପେ ପାଇପାରିବେ । ଭାଷା ଚୟନର ଏପରି ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ଇଂରାଜୀର ସ୍ଥାନ ସୁରକ୍ଷିତ । ତାହାକୁ ଫାଙ୍କି କେହି ମାଧ୍ୟମିକ ଶିକ୍ଷା ଶେଷ କରିପାରିବେ ନାହିଁ । ବସ୍ତୁତଃ, ଇଚ୍ଛାଧୀନ ଭାଷା ତାଲିକାରେ ଇଂରାଜୀ ଅନ୍ୟତମ ଭାଷା ହେଲେ ବି ତାହା ବାଧ୍ୟତାମୂଳକ ହୋଇଛି ।

ଉଚ୍ଚ ମାଧ୍ୟମିକ ( +2) ସ୍ତରରେ ଥିବା ମୁଖ୍ୟ ପାଠ୍ୟ ବିଭାଗ ହେଉଛି- କଳା, ବିଜ୍ଞାନ ଓ ବାଣିଜ୍ୟ । ଏହି ତିନୋଟିଯାକ ବିଭାଗରେ ଦୁଇଟି ଭାଷାର ଅଧ୍ୟୟନକୁ ବାଧ୍ୟତାମୂଳକ କରାଯାଇଛି । ଗୋଟେ 'ଇଂରାଜୀ', ଅନ୍ୟଟି 'ଆଧୁନିକ ଭାରତୀୟ ଭାଷା ବା ଏମ୍.ଆଇ.ଏଲ୍' । ଏହି ଏମ୍.ଆଇ.ଏଲ୍ ଗୋଟିଏ ଭାଷାଗୁଚ୍ଛ । ଏହାମଧ୍ୟରେ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ତେଲଗୁ, ଉର୍ଦ୍ଦୁ ସହିତ ତଥାକଥିତ ଆଧୁନିକ ଭାରତୀୟ ଭାଷା ଇଂରାଜୀ ଓ ସଂସ୍କୃତ ମଧ୍ୟ ରହିଛନ୍ତି । ଏହି ସାତଗୋଟି ଭାଷା ମଧ୍ୟରୁ ଏମ୍.ଆଇ.ଏଲ. ଭାବେ ଛାତ୍ରଛାତ୍ରୀଙ୍କୁ ୧୦୦ ମାର୍କର ଗୋଟିଏ ଭାଷା ବାଛି ନେବାକୁ ହେବ । ପ୍ରଥମ ୧୦୦ ମାର୍କର ବାଧ୍ୟତାମୂଳକ ଇଂରାଜୀ ବିଷୟ ଅତିରିକ୍ତ ଏମ୍.ଆଇ.ଏଲ ଭାଷାଗୁଚ୍ଛରୁ ପିଲାମାନେ ଚୟନ କରୁଥିବା ୧୦୦ ମାର୍କର ଇଂରାଜୀ ଭାଷାକୁ ବୈକଳ୍ପିକ ଇଂରାଜୀ (Alternative English) କୁହାଯାଇଥାଏ । ବାଧ୍ୟତାମୂଳକ ଇଂରାଜୀ ସହ ବୈକଳ୍ପିକ ଇଂରାଜୀକୁ ଗ୍ରହଣ କରୁଥିବା ପିଲା ଉଚ୍ଚମାଧ୍ୟମିକ ଶିକ୍ଷାରେ ସର୍ବମୋଟ ୪୦୦ ମାର୍କର ପାଠ୍ୟକ୍ରମ ପଢୁଥିଲେ ବି ତାକୁ ଓଡ଼ିଶାରୁ ଶିକ୍ଷା ପ୍ରମାଣପତ୍ର ପାଇବାକୁ ଗୋଟିଏ ମାର୍କର ସୁଦ୍ଧା ଓଡ଼ିଆ ପଢ଼ିବାକୁ ପଡ଼ିନଥାଏ । ସବୁଠୁ ରୋଚକ କଥାଟି ହେଲା ଭାଷା ବିଜ୍ଞାନର ପରିଭାଷା ଓ ମାନଦଣ୍ଡରେ ସଂସ୍କୃତ ଆଧୁନିକ ଭାଷା ନହୋଇ ଅନ୍ୟ ରାଜ୍ୟଠୁ ଏକ ବିରଳ ବ୍ୟତିକ୍ରମ ଭାବେ ଉଚ୍ଚ ମାଧ୍ୟମିକ (+2)ରେ ଏମ୍.ଆଇ.ଏଲ ଭାଷାଗୁଚ୍ଛ ମଧ୍ୟରେ ସଂସ୍କୃତ ଓଡ଼ିଆ ଭାଷାର ବିମାତା ହୋଇ ବସିଅଛି । ଭଲ ଓଡ଼ିଆ ଜାଣୁନଥିବା ପିଲା କିପରି ଯେ ସଂସ୍କୃତରେ ପଣ୍ଡିତ ହୋଇ ଶତକଡା ୯୮ ରଖି ପକାନ୍ତି, ତାହା ସାଧାରଣ ବୁଦ୍ଧିରେ ବୁଝି ହୁଏନାହିଁ । ଉଭୟ ନିଜ ବୃତ୍ତି ଓ ଏକ ମୁମୂର୍ଷୁ ଭାଷାକୁ ଜୀବନ୍ୟାସ ଦେବାକୁ ଓଡ଼ିଶାରେ ଦ୍ୱୈତ ଶାସନର ଦେବକାଳରେ ଯେଉଁ ଫନ୍ଦି ରଚନା କରାଯାଇଥିଲା ତାହା ଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାକୁ ତଳିତଳାନ୍ତ କରି ସାରିଲାଣି । ସହଜ ମାର୍କର ହରେକମାଲ୍ ଦେଖାଇ ସଂସ୍କୃତ ଆମ ଓଡ଼ିଆ ବିଦ୍ୟାର୍ଥୀର ମନ ସହ ହୃଦୟକୁ

ଏକାବେଳେକେ ଚୋରିକରି ନେଉଛି । ପ୍ରାଥମିକ ଓ ମାଧ୍ୟମିକ କ୍ଷେତ୍ର ଭଳି ଉଚ୍ଚ ମାଧ୍ୟମିକ ସ୍ତରରେ ବି ଓଡ଼ିଆ ଭାଷା ବିଷୟକୁ ଜଣେ ଅଧ୍ୟୟନ ନକରି ତା'ର ଶିକ୍ଷା ଶେଷ କରିବାରେ କୌଣସି ପ୍ରତିବନ୍ଧକ ନାହିଁ । ପୁନଶ୍ଚ, ଉଚ୍ଚ ମାଧ୍ୟମିକ (+2) ସ୍ତରରେ କଳା, ବିଜ୍ଞାନ ଓ ବାଣିଜ୍ୟର ପିଲାମାନଙ୍କୁ ପ୍ରଦତ୍ତ କେତେ ଗୋଟି ବିଷୟ ମଧ୍ୟରୁ ଚାରୋଟି ଇଚ୍ଛାଧୀନ ବା ଅପସ୍‌ନାଲ ଚୟନ କରି ପାରିବାର ସୁଯୋଗ ଦିଆଯାଇଛି । କଳାରେ ପ୍ରଦତ୍ତ ଇଚ୍ଛାଧୀନ ବା ଅପସ୍‌ନାଲ ବିଷୟର ସଂଖ୍ୟା ସର୍ବମୋଟ ବାଇଶି । ସେଥିମଧ୍ୟରେ ଛଅଟି ଭାଷା ବିଷୟ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ତେଲୁଗୁ, ଉର୍ଦ୍ଦୁ ଓ ସଂସ୍କୃତ ଅନ୍ତର୍ଭୁକ୍ତ । ବାଣିଜ୍ୟରେ ଇଚ୍ଛାଧୀନ ବା ଅପସ୍‌ନାଲ ବିଷୟ ମଧ୍ୟରେ କୌଣସି ଭାଷା ବିଷୟ ନାହିଁ । କିନ୍ତୁ ରୋଚକ ବିଷୟଟି ହେଲା, ବିଜ୍ଞାନରେ ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୀବବିଜ୍ଞାନ ପ୍ରଭୃତି ବିଷୟମାନଙ୍କ ମଧ୍ୟରେ ଇଚ୍ଛାଧୀନ ବା ଅପସ୍‌ନାଲ ବିଷୟ ଭାବେ କେବଳ ସଂସ୍କୃତ ଏକ ବିରଳ ମହିମ୍ନ ଆସନଟିଏ ଲାଭ କରିଛି । ସଂସ୍କୃତକୁ ଏପରି ପ୍ରୋତ୍ସାହିତ କରିବା ପଛରେ କେଉଁ ଉଦ୍ଦେଶ୍ୟ କାମ କରୁଛି ? କେବଳ ବିଜ୍ଞାନ ନେଇଥିବା ପିଲାଙ୍କ ସାର୍ଟିଫିକେଟକୁ ଅଧିକ ଉଜ୍ଜ୍ୱଳ କରିବାକୁ ଏ ସୁବିଧା ଦିଆଯାଇ ନାହିଁ ତ ?

ଉଚ୍ଚ ମାଧ୍ୟମିକ ସ୍ତରର ଦୁଇବର୍ଷିଆ ପାଠ୍ୟକ୍ରମରେ 'ଏମ୍.ଆଇ.ଏଲ୍' ଅନ୍ତର୍ଭୁକ୍ତ ଭାଷା ବିଷୟ ଗୁଡ଼ିକ ପ୍ରତ୍ୟେକ ୨୦୦ ମାର୍କ । କିନ୍ତୁ ଭୋକେଶନାଲ୍ ପାଠ୍ୟକ୍ରମରେ ଭାଷା ବିଷୟଗୁଡ଼ିକ ୧୦୦ ମାର୍କକୁ କମାଇ ଦିଆଯାଇଛି । +୨ ଭୋକେସନାଲ୍ ପାଠ୍ୟକ୍ରମରେ 'ଏମ୍.ଆଇ.ଏଲ୍' ମଧ୍ୟରେ ଓଡ଼ିଆ ଭାଷାକୁ ବୈକଳ୍ପିକ ଇଂରାଜୀ, ବଙ୍ଗଳା, ହିନ୍ଦୀ, ଓଡ଼ିଆ, ସଂସ୍କୃତ, ତେଲଗୁ ଓ ଉର୍ଦ୍ଦୁ ସହ ନିଜକୁ ଗ୍ରହଣୀୟ କରିବାର ପ୍ରତିଦ୍ୱନ୍ଦ୍ୱିତାରେ ପାଉଥିବା ବେଳେ +୩ ଭୋକେସନାଲ୍ ପାଠ୍ୟକ୍ରମରେ ତାକୁ କେବଳ ହିନ୍ଦୀ ଭାଷା ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଉଛି । ଓଡ଼ିଆ ଭାଷା ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶାରେ କେଉଁଠି ଓ କେତେବେଳେ ବି ଅପ୍ରତିଦ୍ୱନ୍ଦ୍ୱୀ ନୁହଁ ।

ଉଚ୍ଚଶିକ୍ଷାରେ ଓଡ଼ିଆ ଭାଷା ବିଷୟ ଇଚ୍ଛାଧୀନ, ବାଧ୍ୟତାମୂଳକ ନୁହଁ । +୩ର କଳା ବିଭାଗର ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟ 'ଏମ୍.ଆଇ.ଏଲ୍' ରେ ଓଡ଼ିଆ ଭାଷା ବିଷୟ ଅନ୍ତର୍ଭୁକ୍ତ । ଏହି 'ଏମ୍.ଆଇ.ଏଲ୍' ରୂପକ ଭାଷାଗୁଚ୍ଛରେ ଚାରୋଟି ଭାଷାବିଷୟ ଓଡ଼ିଆ, ହିନ୍ଦୀ, ଉର୍ଦ୍ଦୁ ଓ ବୈକଳ୍ପିକ ଇଂରାଜୀ ସ୍ଥାନିତ । ଏହି ଚାରୋଟି ମଧ୍ୟରୁ ଗୋଟିକୁ ଚୟନ କରିପାରିବାର ସୁଯୋଗ ଥିବାରୁ ବସ୍ତୁତଃ ଓଡ଼ିଆ ଭାଷାସାହିତ୍ୟ ବିଷୟଟି ବାଧ୍ୟତାମୂଳକ ହୋଇ ରହିନାହିଁ । କଳା ବିଭାଗର ପିଲା ଓଡ଼ିଆ ଭାଷାସାହିତ୍ୟ ବିଷୟକୁ ଅନର୍ସ ବିଷୟ ବା ଏକ ଇଚ୍ଛାଧୀନ (ଇଲେକ୍‌ଟିଭ୍) ବିଷୟ ଭାବେ ଅଧ୍ୟୟନ କରିପାରିବାର ବ୍ୟବସ୍ଥା ବା ସୁଯୋଗ ରହିଛି । ବିଜ୍ଞାନ ବିଭାଗର ପିଲା ପାଇଁ ବାଧ୍ୟତାମୂଳକ ବିଷୟ ଭାବେ 'ଏମ୍.ଆଇ.ଏଲ୍' ମଧ୍ୟରେ ଓଡ଼ିଆ ଓ ହିନ୍ଦୀ ଭାଷା ମଧ୍ୟରୁ ଗୋଟିଏକୁ ଚୟନ କରିବାର ସ୍ୱାଧୀନତା ରହିଛି । ବିଜ୍ଞାନ ପାଠ୍ୟକ୍ରମରେ ଇଂରାଜୀ ଭାଷା ବିଷୟର ସ୍ଥାନ ଯେପରି ଦୃଢ଼ ଓ ଅନତି କ୍ରମଣୀୟ ସେପରି ସୌଭାଗ୍ୟ ଓଡ଼ିଆ ଭାଷା ପାଇଁ ଦୁର୍ଲଭ । ନିକଟ ଅତୀତରେ ବାଣିଜ୍ୟ ସ୍ନାତକ ଭାଷାବିଷୟ ଭାବେ କେବଳ ଇଂରାଜୀ ପଢୁଥିଲେ । ପରିବର୍ତ୍ତିତ ପାଠ୍ୟ ଖସଡ଼ାରେ ଇଂରାଜୀ ବଦଳରେ 'ଏମ୍.ଆଇ.ଏଲ୍' ମଧ୍ୟରୁ ଯେକୌଣସି ଏକ ଭାଷାକୁ ଅଧ୍ୟୟନର ବିଷୟ ଭାବେ ରଖି ପାରିବାର ବ୍ୟବସ୍ଥା କରାଯାଇଛି ।

ବିଇଡ଼ି ପାଠ୍ୟକ୍ରମରେ କେବଳ କଳା ବିଭାଗର 'ଗୁରୁ ଛାତ୍ରଛାତ୍ରୀ'ଙ୍କ ପାଇଁ ୧୦୦ ମାର୍କର ଦୁଇଟି ଭାଷାବିଷୟ ଇଂରାଜୀ ଓ ଓଡ଼ିଆ ରହିଛି । ସେହିସବୁ ବିଷୟର ଶିକ୍ଷାଦାନକୁ କିପରି ଗୁଣାତ୍ମକ କରାଯାଇ ପାରିବ ଏହି ପାଠ୍ୟକ୍ରମର ଲକ୍ଷ୍ୟ । କଳା ବିଭାଗର 'ଗୁରୁ ଛାତ୍ରଛାତ୍ରୀ' ଇଂରାଜୀ ବିଷୟ ସହ ଏକ ସାମାଜିକ ବିଜ୍ଞାନ ବିଷୟ କିମ୍ବା ଓଡ଼ିଆ ବିଷୟ ସହ କୌଣସି ସାମାଜିକ ବିଜ୍ଞାନ ବିଷୟକୁ ନେଇ ଅଧ୍ୟୟନ କରି ପାରିବେ । ଅନ୍ୟାନ୍ୟ ପାଠ୍ୟକ୍ରମ ଭଳି ଏ କ୍ଷେତ୍ରରେ ବି ଓଡ଼ିଆ ଭାଷା ବିଷୟ ନରଖି ଜଣେ କଳା ବିଭାଗର 'ଗୁରୁ ଛାତ୍ରଛାତ୍ରୀ' ବିଇଡ଼ି ଶିକ୍ଷାକୁ କୃତିତ୍ୱର ସହ ସମାପନ କରିପାରେ । ସିଟି (D.El.Ed) ପାଠ୍ୟକ୍ରମରେ କେବଳ ଓଡ଼ିଆ ବିଷୟଟି ବାଧ୍ୟତାମୂଳକ । ଇଂରାଜୀ, ସଂସ୍କୃତ ଓ ହିନ୍ଦୀ ବିଷୟ ସହ ଓଡ଼ିଆ ଭାଷା ବିଷୟର ପ୍ରଶିକ୍ଷଣ ଏହାର ଗୁରୁ ଛାତ୍ରଛାତ୍ରୀମାନେ ଗ୍ରହଣ କରିଥାନ୍ତି । କେଉଁ ଭାଷା ବିଷୟଟି ଏଠାରେ ଇଚ୍ଛାଧୀନ ନୁହେଁ । ପ୍ରାଥମିକ ସ୍ତରରେ ଶିକ୍ଷାଦାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏପରି ବ୍ୟବସ୍ଥା ହୋଇଛି । ଶିକ୍ଷା କ୍ଷେତ୍ରରେ ଗୋଟିଏ ଭାଷାର ପ୍ରୟୋଗ ଓ ପ୍ରତିଷ୍ଠା ତା'ର ସାମର୍ଥ୍ୟର ପରିଚାୟକ । ପୃଥିବୀ କାହିଁକି, ଭାରତର ବିଭିନ୍ନ ରାଜ୍ୟରେ ରାଜ୍ୟ ଭାଷାଗୁଡ଼ିକର ଯେଉଁ ପ୍ରୟୋଗ ଓ ପ୍ରତିଷ୍ଠା ତାହା ଓଡ଼ିଆ ଭାଷା କ୍ଷେତ୍ରରେ ତଥାପି ସ୍ୱପ୍ନ ହୋଇରହିଛି । ସରକାରୀ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ମାଧ୍ୟମ ଓଡ଼ିଆ ହୋଇଥିଲେ ବି ଓଡ଼ିଶା ରାଜ୍ୟରେ ଅସଂଖ୍ୟ ଇଂରାଜୀ

ମାଧ୍ୟମ ବିଦ୍ୟାଳୟ ନିମ୍ନ ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ଗ୍ରାମ ସହର ସବୁଠାରେ ସୁଦୃଶ୍ୟ ଠାଣିରେ ଦଣ୍ଡାୟମାନ । ଅଧିକନ୍ତୁ, ଆଦର୍ଶ ବିଦ୍ୟାଳୟ ନାମରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେବା ସରକାର ଯୋଗାଇ ଦେଲେଣି । ସ୍ମରଣୀୟ ଯେ ଓଡ଼ିଆ ଭାଷାକୁ ସମ୍ମାନ ଓ ବିଷୟ ଭାବେ ନେଇ ସ୍ନାତକ ଓ ସ୍ନାତକୋତ୍ତର ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସୀମିତ ସଂଖ୍ୟାରେ ସରକାର 'ଫକୀରମୋହନ ଭାଷାବୃତ୍ତି' ପ୍ରଦାନ କରୁଛନ୍ତି ଏବଂ ଅଧୁନା କେତୋଟି ଶିକ୍ଷାନୁଷ୍ଠାନ ଓଡ଼ିଆ ସମ୍ମାନ ବିଷୟରେ ନାମଲେଖାକୁ ଦେୟମୁକ୍ତ କରିଛନ୍ତି । ଓଡ଼ିଶାରେ ଓଡ଼ିଆ ଭାଷାରେ ନିଯୁକ୍ତି ସୁଯୋଗର ଉତ୍କଟ ସୀମିତତା ଭାଷା ଶିକ୍ଷା ପାଇଁ ଏସବୁ ପ୍ରୋତ୍ସାହନକୁ ସାଫଲ୍ୟମଣ୍ଡିତ କରିପାରୁ ନାହିଁ । ଏହା ଯେପରି ବେକାରୀ ଗହ୍ୱରକୁ ଏକ ଆକର୍ଷଣୀୟ ଆମନ୍ତ୍ରଣ ।

ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଓଡ଼ିଆ ଭାଷାର ସ୍ଥିତି କିପରି ? ସରକାରଙ୍କ ସମ୍ପୃକ୍ତ ସଂସ୍ଥାଦ୍ୱାରା ପରିଚାଳିତ ବିଇଡ଼ି ପ୍ରବେଶିକା ପରୀକ୍ଷାର ପାଠ୍ୟକ୍ରମକୁ ଦେଖିଲେ ବ୍ୟବସ୍ଥାର ଓଡ଼ିଆ ଉନ୍ନାସିକତା ସ୍ପଷ୍ଟ ବାରି ହୋଇପଡ଼େ । ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନପତ୍ରରେ ଓଡ଼ିଆ ଭାଷା ବିଷୟରୁ କୌଣସି ପ୍ରଶ୍ନ ଆସେନା । କେବଳ କଳା ବିଭାଗର ପିଲା ସମୁଦାୟ ୯୦ ମାର୍କରୁ ମାତ୍ର ୧୦ ମାର୍କର ଓଡ଼ିଆ ବିଷୟରୁ ପ୍ରଶ୍ନ ପାଇଥାନ୍ତି । କିନ୍ତୁ, ଇଂରାଜୀ ବିଷୟରୁ ୨୫ ମାର୍କର ପ୍ରଶ୍ନ ଆସିଥାଏ । ଫଳରେ ବିଇଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷାରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗରିମା ଓ ଗୁରୁତ୍ୱ ଅବହେଳିତ ହୋଇ ରହିଯାଏ । କିନ୍ତୁ ସିଟି (D.El.Ed) ପ୍ରବେଶିକାର ପାଠ୍ୟକ୍ରମ ଅପେକ୍ଷାକୃତ ନିରପେକ୍ଷ ଓ ସନ୍ତୁଳିତ । ଅନ୍ୟାନ୍ୟ ବିଷୟ ପରି ଓଡ଼ିଆ ଭାଷାରୁ ୧୫ ମାର୍କର ପ୍ରଶ୍ନ ଏଥିରେ କରାଯାଇଥାଏ । 'ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (OTET)' ରେ ସମୁଦାୟ ୩୦୦ ମାର୍କର ପାଠ୍ୟକ୍ରମରୁ ପ୍ରତ୍ୟେକ ଇଂରାଜୀ ଓ ଓଡ଼ିଆ ଭାଷାର ଗୁରୁତ୍ୱର ମୂଲ୍ୟ ୬୦ ମାର୍କ । କିନ୍ତୁ, ଓଡ଼ିଆ ଭାଷା ବଦଳରେ ପରୀକ୍ଷାର୍ଥୀ ଉର୍ଦ୍ଦୁ, ହିନ୍ଦୀ, ତେଲଗୁ ଓ ବଙ୍ଗଳା ଭାଷାକୁ ଚୟନ କରିପାରିବାର ସୁଯୋଗ ଦିଆଯାଇଛି । ଏହି ସୁଯୋଗ ଓଡ଼ିଆ ଭାଷାକୁ ଇଚ୍ଛାଧୀନ କରିଦେଇଛି ବୋଲି କୁହାଯାଇପାରେ ।

ନିଯୁକ୍ତି ସୃଷ୍ଟିକାରୀ ଭାଷାର ଗୁରୁତ୍ୱ ସମସ୍ତେ ଅନୁଭବ କରନ୍ତି ଓ ଏହି ଗୁରୁତ୍ୱ ଗୋଟିଏ ଭାଷାର ଜୀବନୀଶକ୍ତିକୁ ସବଳ କରିଥାଏ । ଓଡ଼ିଆ ଭାଷାର ନିଯୁକ୍ତି କ୍ଷମତା ଓଡ଼ିଶାରେ ଉତ୍କଟ ଭାବେ ସୀମିତ । ଓଡ଼ିଆରେ ସ୍ନାତକୋତ୍ତର ପଢ଼ି ଏ ରାଜ୍ୟର ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକଟିଏ ହେବାର ସୁଯୋଗ ନଥାଏ ? ଓଡ଼ିଶାରେ ଓଡ଼ିଆ ନଜାଣି ଶାସନ, ପ୍ରଶାସନ, ଅନୁଶାସନ ସବୁ ସୁରୁଖୁରୁରେ ଚଳାଯାଇପାରେ । ତେବେ ଏପରି କ୍ଷେତ୍ରରେ ଓଡ଼ିଆ ଭାଷାର ନିଯୁକ୍ତି ସୁଯୋଗ ବଢ଼ିବ କିପରି ? କେତୋଟିର ଉଦାହରଣ ନିଆଯାଉ । ଓଡ଼ିଶା ସବଅର୍ଡ଼ିନେଟ ଷ୍ଟାଫ୍ ସିଲେକସନ୍ କମିଶନ ଦ୍ୱାରା ୨୦୨୧ ମସିହାରେ ଅମିନ, ସହକାରୀ ରାଜସ୍ୱ ନିରୀକ୍ଷକ, ରେଷ୍ଟଗାର୍ଡ଼ ପ୍ରଭୃତି ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ନିୟୋଜନ ପାଇଁ ୧୮୦ ମାର୍କ ବିଶିଷ୍ଟ ନିଯୁକ୍ତି ପରୀକ୍ଷାର ପାଠ୍ୟକ୍ରମରେ ଗଣିତ, ସାଧାରଣ ଜ୍ଞାନ, ଇଂରାଜୀ ଓ କମ୍ପ୍ୟୁଟର ବିଷୟରୁ ପ୍ରତ୍ୟେକ ୪୦ ମାର୍କର ପ୍ରଶ୍ନ ଥିଲାବେଳେ ଓଡ଼ିଆ ବିଷୟରୁ ମାତ୍ର ୨୦ ମାର୍କର ପ୍ରଶ୍ନର ବ୍ୟବସ୍ଥା ଥିଲା । ସେହିପରି ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଆୟୋଜିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଇଂରାଜୀର ବିଷୟଗତ ଗୁରୁତ୍ୱ ନିକଟରେ ଓଡ଼ିଆ ଭାଷା ମ୍ଳାନ ବୋଲି କୁହାଯାଇପାରେ । ଯଦିଓ ବହୁ ଦାବି ଓ ପ୍ରତିବାଦ ପରେ ଅଧୁନା ଆୟୋଗ ପରୀକ୍ଷାର ମାଧ୍ୟମ ଓଡ଼ିଆ ହୋଇପାରିବାର ନିୟମ ପ୍ରଣୟନ କରିଛନ୍ତି । ଓଡ଼ିଆ ଭାଷା ବିଷୟର ସ୍ନାତକୋତ୍ତରଙ୍କ ଲାଗି କେବଳ ଅଧ୍ୟାପକ ଚାକିରିର ଏକମାତ୍ର ସୁଯୋଗ ରହିଛି । କହିବା ବାହୁଲ୍ୟ ଏହି ସୁଯୋଗର ଅବଧି ଅନିୟମିତ ଓ ପଦବୀ ସଂଖ୍ୟା ଆଶାୟୀ ବେକାରଙ୍କଠାରୁ ଅକଳ୍ପନୀୟ ଭାବେ କମ୍ । ଓଡ଼ିଶାରେ ଏହି ଅଧ୍ୟାପକ ଚାକିରି ବ୍ୟତୀତ ଏମତି କୌଣସି ସରକାରୀ ପଦବୀ ନାହିଁ, ଯାହା କେବଳ ଓଡ଼ିଆ ଭାଷା ବିଷୟର ବିଧିବଦ୍ଧ ଶିକ୍ଷାକୁ ମାନଦଣ୍ଡ ଭାବେ ଗ୍ରହଣ କରି ନିଯୁକ୍ତି ଦିଆଯାଏ । ପୂର୍ବରୁ ସୂଚିତ ଓଡ଼ିଆ ସ୍ନାତକ ଓ ସ୍ନାତକୋତ୍ତରଙ୍କ ଲାଗି ବିଦ୍ୟାଳୟ ଫାଟକ ଏବେ ବି ଖୋଲା ହୋଇ ନାହିଁ ।

ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ୨୦ ଫେବୃୟାରୀ, ୨୦୧୪ ରେ ଶାସ୍ତ୍ରୀୟମାନ୍ୟତା ପ୍ରଦାନ କଲେ । ଭାରତ ସରକାରଙ୍କ ରାଜପତ୍ର (ଗେଜେଟ୍)ରେ ମାର୍ଚ୍ଚ ମାସ ୧୧ ତାରିଖରେ ଏହା ବିଧିବଦ୍ଧ ଭାବେ ଘୋଷିତ ହେଲା । ପ୍ରଥମ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା ଭାବେ ଓଡ଼ିଆ ଭାଷାକୁ ଏ ମର୍ଯ୍ୟାଦା ମିଳିଲା । ସରକାରଙ୍କ ନୀତି ଅନୁସାରେ ଏଣିକି ଓଡ଼ିଆ ଭାଷା ସାହିତ୍ୟର ଗବେଷକଙ୍କ ନିମନ୍ତେ ବର୍ଷକୁ ଦୁଇଟି ମୂଲ୍ୟବାନ ଆନ୍ତର୍ଜାତିକ ପୁରସ୍କାର ପ୍ରତିଷ୍ଠା କରାଯିବ । ଏହି ଭାଷାର ଅଧ୍ୟୟନ

ଓ ଗବେଷଣା ପାଇଁ ଉଚ୍ଚମାନର ଗବେଷଣା ପରିଷଦ ସ୍ଥାପନ କରାଯିବ । ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦ ଖୋଲିବା ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କୁ ନିର୍ଦ୍ଦେଶ ଦିଆଯିବ । ଅଧିକନ୍ତୁ ଓଡ଼ିଆ ଭାଷାର ଉନ୍ନତି, ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ସରକାର ଶହେକୋଟି ଟଙ୍କାର ଅନୁଦାନ ପ୍ରଦାନ କରିବା ସହ ପ୍ରତିବର୍ଷ କେନ୍ଦ୍ର ବଜେଟ୍‌ରୁ ଭଷାର ପ୍ରସାର ନିମନ୍ତେ ଅନ୍ୟୁନ ପାଂଚ କୋଟି ଟଙ୍କାର ବ୍ୟବସ୍ଥା କରିବେ । ଏସବୁ ଆଶା ଆଶ୍ୱାସନାର କୁହୁଡ଼ି ମଧ୍ୟରେ ଦଶନ୍ଧିଟିଏ ଶେଷ ହେବାକୁ ବସିଛି । ଏଇ ଗତ କିଛି ଦିନ ତଳେ ରାଜ୍ୟସଭାରେ ସାଂସଦ ଜୟରାମ ରମେଶଙ୍କ ବୟାନ ଆଧାରରେ ସମ୍ବାଦପତ୍ରରେ ପ୍ରକାଶ ପାଇଛି ଏକ ବିମର୍ଷକର ଖବର, ଯାହାର ଶିରୋନାମା ଥିଲା– 'ସଂସ୍କୃତ ପାଇଁ ୬୪୦ କୋଟି ଟଙ୍କା, ଓଡ଼ିଆକୁ ଶୂନ' । କେନ୍ଦ୍ର ସରକାରଙ୍କଠାରୁ ଶାସ୍ତ୍ରୀୟ ଭାଷା ଭାବେ ଓଡ଼ିଆ ଟଙ୍କାଟିଏ ପାଇ ନାହିଁ ବୋଲି ସେଥିରେ ଦର୍ଶାଯାଇଛି । ଅଧିକନ୍ତୁ, କେତୋଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଚୌକି ପ୍ରତିଷ୍ଠା ହୋଇଛି ବା ହେବାକୁ ଯାଉଛି । 'ଓଡ଼ିଆ ବିଶ୍ୱବିଦ୍ୟାଳୟ'ର ଗର୍ଭବାସ ଶେଷ ହୋଇନାହିଁ । ଡିସେମ୍ବର ୨୬, ୨୦୧୭ ରେ ପ୍ରଥମଥର ପାଇଁ ରାଜ୍ୟ କ୍ୟାବିନେଟର ବୈଠକ ରାଜଧାନୀ ବାହାରେ ଶ୍ରୀକ୍ଷେତ୍ର ପୁରୀଠାରେ ଅନୁଷ୍ଠିତ ହୋଇ 'ପର୍ଯ୍ୟଟନ ଏବଂ ସଂସ୍କୃତି' ବିଭାଗରୁ 'ସଂସ୍କୃତି ବିଭାଗ'କୁ ପୃଥକ କରାଯାଇ 'ସଂସ୍କୃତି ବିଭାଗ'କୁ 'ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି' ବିଭାଗ ନାମରେ ନାମିତ କରାଯାଇଥିଲା । "ସରକାରୀ କାର୍ଯ୍ୟ ଓ ପ୍ରଶାସନରେ ଭାଷାର ପ୍ରସାରଣ ବୃଦ୍ଧି କରିବା, ଏହାର ସମୃଦ୍ଧି ଓ ସଂରକ୍ଷଣ ସହିତ ବୃତ୍ତି ଏବଂ ପ୍ରବୃତ୍ତିର ଭାଷା ଭାବରେ ଅଧିକ ଉପଯୋଗୀ କରାଇବା ତଥା ଭାଷା ଓ ସାହିତ୍ୟର ବିକାଶକୁ ଏକ ବୌଦ୍ଧିକ ସ୍ତରରେ ପହଂଚାଇବା" ପାଇଁ ଏହି ଅଧିବେଶନରେ କୋଡ଼ିଏ ସରିକି ନିଷ୍ପତ୍ତି ଗ୍ରହଣ ହୋଇଥିଲା । କେତୋଟି କାର୍ଯ୍ୟକାରୀ ହୋଇଛି, କେତୋଟି ହୋଇପାରି ନାହିଁ ।

ଗୋଟିଏ ଭାଷାର ପ୍ରମୁଖ ଜୀବନୀ ଶକ୍ତି ତା'ର ଶିକ୍ଷା ବ୍ୟବସ୍ଥାରେ ଗରିମା ଓ ଗୁରୁତ୍ୱ ତଥା ନିଯୁକ୍ତି ପ୍ରଦାନର ସାମର୍ଥ୍ୟ ସହ ଜଡ଼ିତ । ଉଭୟ ମାନଦଣ୍ଡରେ ଓଡ଼ିଆ ଭାଷା ନିଜ ରାଜ୍ୟ ଓଡ଼ିଶାରେ ଉଲ୍ଲେଖନୀୟ ଭାବେ ଦୁର୍ବଳ । ଏ ଦିଗରେ ଉଭୟ ଜନସାଧାରଣ ଓ ସରକାରଙ୍କ ଉଦାସୀନତା ଭାଷାର ଭବିଷ୍ୟତକୁ ଅନ୍ଧାର କରିଦେଉଛି । ମାତୃଭାଷା ସମସ୍ତଙ୍କ ପ୍ରିୟ । କେହି ବି କେବେ ଚାହେଁନା ତା ମାତୃଭାଷାର ସ୍ଥିତି ଦୁର୍ବଳ ହେଉ । ଓଡ଼ିଆ ଭାଷା 'ଭାଷା ସ୍ଥିତି ସାମର୍ଥ୍ୟ'ର ତାଲିକାରେ ପୃଥିବୀରେ ୭୦ତମ ସ୍ଥାନରେ ଥିଲେ ବି ଓଡ଼ିଆଏ ଯେପର୍ଯ୍ୟନ୍ତ ତାକୁ ଭଲପାଉଥିବେ ଓ ତା'ର ସାନ୍ନିଧ୍ୟ ପ୍ରତି ନିର୍ଭରଶୀଳ ଥିବେ ସେପର୍ଯ୍ୟନ୍ତ ଓଡ଼ିଆ ଭାଷାର ମୂଳ ଶକ୍ତ ରହିବ । ଓଡ଼ିଆଙ୍କ ସଚେତନତା ଓ ଉଦ୍‌ଯୋଗ ଭାଷା ପାଇଁ ସଂଜୀବନୀ ହେବ । କିନ୍ତୁ, ଶାସ୍ତ୍ରୀୟ ମାନ୍ୟତା ବା ଅନ୍ୟ କୌଣସି ମାନ୍ୟତାଠାରୁ  ଓଡ଼ିଆ ଭାଷା ତା'ର ଭାଷାଭାଷୀଙ୍କ ପାଖରୁ ନିର୍ଭରଶୀଳତା ଆଶାକରେ । ସେଥିଲାଗି ଭାଷାକୁ ମଧ୍ୟ ଯୋଗ୍ୟ, ସମର୍ଥ ଓ ଉପଯୋଗୀ ହେବାକୁ ହେବ । ଭାଷାନୁଗତ୍ୟ ଗୋଟିଏ ଭାଷାର ଜୀବନୀଶକ୍ତିର ମାପକାଠି । ଭାଷାଭାଷୀଙ୍କ ସମ୍ପୃକ୍ତ ଭାଷା ପ୍ରତି ମମତା ତୁଟିଗଲେ ଭାଷାର ଚେର ଉପୁଡ଼ିଯାଏ । ତେବେ ଭାଷା ପ୍ରତି ଆନୁଗତ୍ୟ ତୁଟେ କାହିଁକି ? ଯଦି ଗୋଟିଏ ଭାଷା ତା'ର ଭାଷାଭାଷୀଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ପୂରଣ କରିପାରେ ନାହିଁ ତେବେ ସେମାନେ ଏଥିପାଇଁ ଅନ୍ୟ ସମର୍ଥ ଭାଷା ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି । ଅନ୍ୟ ଭାଷା ପ୍ରତି ଭାଷାଭାଷୀମାନେ ଆକୃଷ୍ଟ ହେବା ଅର୍ଥ ମାତୃଭାଷା ପ୍ରତି ସେ ଜାତିର ବିଶ୍ୱାସଘାତକତା । ଭାଷା ମାତୃଭାଷୀଙ୍କ ଦୋମୁହାଁ ମମତାକୁ ସହ୍ୟ କରିପାରେ ନାହିଁ । ତେଣୁ ଓଡ଼ିଆଙ୍କୁ ହୃଦୟ ଓ ମନରେ ଜାଗ୍ରତ ହୋଇ ଭାଷାପ୍ରତି ମମତାଶୀଳ ଓ ତା'ର ସୁରକ୍ଷା ପାଇଁ ମନନଶୀଳ ହେବା ଆଜି ସମୟର ଆହ୍ୱାନ ନୁହେଁ କି ?

ସହକାରୀ ପ୍ରାଧ୍ୟାପକ
ବିଶ୍ୱଭାରତୀ, ଶାନ୍ତିନିକେତନ–୭୩୧ ୨୩୫
ଦୂରଭାଷ : ୯୬୭୯୨୧୯୨୯୧

ISSN -2583-147X (P), **Vol.- 9, Issue No.IV, July 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଡାନିଲୋଡୋଲ୍ସି : ସିସିଲିର ଗାନ୍ଧୀ

## ଇଟାଲୀରେ ଅହିଂସା

**ସାଇ ଶ୍ରୀଲୋକନାଥ ପ୍ରସାଦ ସେଠୀ**

**ହିଂସାର ବ୍ୟାଧିକୁ ଅଧିକ ହିଂସା ଦ୍ୱାରା ଦୂରକରି ହେବନାହିଁ : ଡାନିଲୋଡୋଲ୍ସି**

ମହାତ୍ମାଗାନ୍ଧୀଙ୍କ ଜୀବନାଦର୍ଶନ ସାରା ପୃଥିବୀରେ ଅନେକ ମହାନ କର୍ମଯୋଗୀ, ବିପ୍ଳବୀ ସାହିତ୍ୟିକଙ୍କୁ ପ୍ରଭାବିତ କରିଛି ଓ ସେମାନେ ଅହିଂସାତ୍ମକ ପନ୍ଥା ଅବଲମ୍ବନ କରି ସାମାଜ ସଂସ୍କାର ସମ୍ଭବ କରି ଦେଖାଇଛନ୍ତି । ଆସନ୍ତୁ ଚିହ୍ନିବା ସିସିଲିର ଅହିଂସ ଆନ୍ଦୋଳନର ସ୍ଥପତି ଡାନିଲୋଡୋଲସିଙ୍କୁ । ଡାନିଲୋଡୋଲସି ଜଣେ ଇଟାଲୀୟ ଅହିଂସାବାଦୀ ସମାଜ ସଂସ୍କାରକ । ଦ୍ୱିତୀୟ ମହାସମର ପରେ ପଶ୍ଚିମ ସିସିଲି ଗ୍ରାମାଂଚଳରେ କୃଷକ, ଶ୍ରମିକ ଓ ଜନସାଧାରଣ ଉତ୍କଟ ଦାରିଦ୍ର୍ୟ, ଭେଦଭାବ, ତସ୍କରରାଜ, ଭ୍ରଷ୍ଟ ପ୍ରଶାସନିକ ଅବହେଳା ଆଦିର ଶୀକାର ହୋଇଥିଲେ । ସେମାନଙ୍କରଏପରି ଦୁର୍ବିସହ ଜୀବନକୁ ପରିବର୍ତ୍ତନ କରିବାରେ ଡାନିଲୋଡୋଲସି ମହାତ୍ମାଗାନ୍ଧୀଙ୍କ ଅହିଂସା ମାର୍ଗ ଓ ସର୍ବୋଦୟ ପନ୍ଥା ଆପଣାଇ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ।

ଡାନିଲୋଡୋଲସି ୨୮ ଜୁନ ୧୯୨୪ ମସିହାରେ ଉତ୍ତର ଇଟାଲୀର ଟ୍ରାଇଏଷ୍ଟ ନିକଟବର୍ତ୍ତୀ ସେସନା ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମାତା ଜଣେ ସ୍ଲୋଭେକୀୟ ହୋଇଥିବା ବେଳେ ପିତା ଜଣେ ଇଟାଲୀୟ ଟ୍ରେନ ଚାଳକ ଥିଲେ । ଏଣୁ ତାଙ୍କର ବାଲ୍ୟାବସ୍ଥା ବିଭିନ୍ନ ସ୍ଥାନରେ ଅତିବାହିତ ହୋଇଛି । ପିଲାବେଳେ ଭୋଗିଥିବା ଶାରିରୀକ ଦଣ୍ଡ ଯୋଗୁଁ ତାଙ୍କର ହିଂସା ପ୍ରତି ଘୃଣାଭାବ ଜାତ ହୋଇଥିଲା । ତାଙ୍କର ପିତା ସର୍ବଦା ତାଙ୍କୁ ଲୋକଙ୍କ ଦାରିଦ୍ର୍ୟ ଓ ଯନ୍ତ୍ରଣା ଦୂର କରିବାରେ ବ୍ରତୀ ରହିବାକୁ ପ୍ରେରଣା ଯୋଗାଉ ଥିଲେ । ଡାନିଲୋଡୋଲସି ରୋମ ବିଶ୍ୱବିଦ୍ୟାଳୟରେ ସ୍ଥାପତ୍ୟ ଓ ନଗର ଯୋଜନା ପ୍ରଣାଳୀ ବିଷୟରେ ଅଧ୍ୟୟନ କରିବା ସହ ମିଲାନ ରେସେ ବିଷୟରେ ଅଧିକ ଚାରିବର୍ଷ ଅଧ୍ୟୟନ କରିଥିଲେ । ସ୍ନାତକ ଉପାଧୀ ପାଇବାକୁ ଆଉ କିଛି ସପ୍ତାହ ମାତ୍ର ବାକି ଥିବାବେଳେ ସେ ଅଧ୍ୟୟନ ବର୍ଜନ କରିଥିଲେ । ସେ ସେତେବେଳେ କବିତା ଓ ନିର୍ମାଣବିଜ୍ଞାନ ସମ୍ପର୍କୀତ ରଚନା ପ୍ରକାଶିତ କରୁଥିଲେ । ଜଣେ ଯନ୍ତ୍ରୀ ଭାବେ ପ୍ରଶିକ୍ଷିତ ହୋଇ ମଧ୍ୟ ଅନାଥ ଶିଶୁ ଓ ନିସହାୟ ଲୋକଙ୍କ ଦୁର୍ଦ୍ଦଶାରେ ବ୍ୟଥିତ ହୋଇ ସେଟୁସ୍କାନିର ଏକ ଖ୍ରୀଷ୍ଟିୟ ସଙ୍ଗଠନରେ ଯୋଗ ଦେଇଥିଲେ । ତରୁଣାବସ୍ଥାରେ ସେ ଇଉରୋପକୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ ହୋଇ ବିଧ୍ୱଂସଲୀଳାରେ ଅନ୍ତର୍ଭୁକ୍ତ ହେବାର ଦେଖିଥିଲେ । ତେଣୁ ଯୁଦ୍ଧ ପ୍ରତିତାଙ୍କର ବିତୃଷ୍ଣା ଯାତ ହୋଇଥିଲା । ତାଙ୍କୁ ଯୋରକରି ଫ୍ୟାସିଷ୍ଟ ସୈନ୍ୟ ଦଳରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ସେ ଆକ୍ରମଣ ତାଲିମକୁ ପ୍ରତ୍ୟାଖ୍ୟାନ କରି ରୋମ ପଳାୟନ କରିବାକୁ ଚେଷ୍ଟା କରିଥିଲେ । ଏଥିପାଇଁ ବେଶ୍ କିଛି ବର୍ଷ ବନ୍ଦୀଜୀବନ ବିତାଇ ଥିଲେ । ଜଣେ ନିଷ୍ପାପର ଆପତ୍ତିକାରି ଭାବେ ସେ ମନୁଷ୍ୟ ହତ୍ୟା କେବେ ଗ୍ରହଣୀୟ ନୁହେଁ ବୋଲି ସଙ୍କଳ୍ପ କରିଥିଲେ । ଭଗବତ ଗୀତା, କୋରାନ, ବାଇବେଲ, କନଫୁସିୟସ ଓ ତାଓସେଚିଙ୍କ ବାଣୀ ପଠନ କରି ତାଙ୍କର ଆଧ୍ୟାତ୍ମିକ ଜାଗରଣ ହୋଇଥିଲା । ସେ ଅନୁଭବ କରିଥିଲେ ଯେ ବିତ୍ତଶାଳୀ ଲୋକଙ୍କ ପାଇଁ ବିଳାସପୂର୍ଣ୍ଣ ଆମୋଦଦାୟକ ହର୍ମ୍ୟ ନିର୍ମାଣ ତାଙ୍କ ଜୀବନର ଲକ୍ଷ୍ୟ ନୁହଁ, ଏଣୁ ସେ ମଧ୍ୟବିତ୍ତ ଜୀବନଶୈଳୀ ତ୍ୟାଗକରି ଯୁଦ୍ଧ ଲାଗି ଅନାଥ ହୋଇ ଥିବା ଶିଶୁ ଓ ଅସହାୟ ଲୋକଙ୍କ ପାଇଁ କାମ କରିବା ଆରମ୍ଭ କରିଥିଲେ । ଏହି କ୍ରମରେ ନୋମାଡେଲ୍ଫିଆ ଜାଗରଣର ପ୍ରତିଷ୍ଠାତା କ୍ୟାଥୋଲିକ ଧର୍ମଯାଜକ ଡନ ଜାନେ ସାଲ୍ଟିନିଙ୍କ ପ୍ରତିଷ୍ଠିତ ଅନାଥାଶ୍ରମରେ ଯୋଗ ଦେଇଥିଲେ । ସେଠାରେ ଖାଦ୍ୟ ପରଷିବାଠୁ ଆରମ୍ଭ କରି ପାଇଖାନା ସଫା କରିବା, ରୋଗୀଙ୍କ ଯତ୍ନ ନେବା ଆଦି କାର୍ଯ୍ୟରେ ନିଜକୁ ନିମଜ୍ଜିତ କରିଦେଲେ । ତାଙ୍କ ନିଷ୍ଠାରେ

ମୁଗ୍ଧ ହୋଇ ତାଙ୍କୁ ତୁସ୍କାନିସ୍ଥ ସେଲଫାରେଲୋର ଅନ୍ୟ ଏକ ସଙ୍ଗଠନର ଦାୟିତ୍ୱ ଦିଆଗଲା, କିନ୍ତୁ ଡାନିଲୋଡୋଲସିଙ୍କୁ କମ୍ୟୁନିଷ୍ଟପନ୍ଥୀ ବୋଲି ସନ୍ଦେହ କରି ସେଠାର ସରକାର ସେହି ଅନୁଷ୍ଠାନକୁ ବନ୍ଦ କରିବାକୁ ଚାହୁଁଥିଲେ । ୧୯୫୧ ରେ ତାଙ୍କୁ ପୁନଃ ବାଧ୍ୟତାମୂଳକ ସୈନ୍ୟବାହିନୀରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଖ୍ରୀଷ୍ଟିଆନ ଗଣତାନ୍ତ୍ରିକ ବିଚାରଧାରା ବିଷୟରେ ଅବଗତ ହୋଇଥିଲେ । ପ୍ରତିକୂଳ ପରିସ୍ଥିତିରେ ଭଟିକାନ ମଧ୍ୟ କ୍ୟାଥୋଲିକ ଡନ ଜାନେ ସାଲ୍ଟିନିଙ୍କୁ ପାଗଳ ଧର୍ମଯାଜକ ଆଖ୍ୟା ଦେଇଥିଲା । ତତ୍କାଳୀନ ସରକାର ତାଙ୍କ ପ୍ରତିଷ୍ଠିତ ଅନାଥାଶ୍ରମକୁ ବନ୍ଦ କରି ଏହାର ଅନ୍ତେବାସୀଙ୍କୁ ଶରଣାର୍ଥୀ ଶିବିରକୁ ସ୍ଥାନାନ୍ତରିତ କରି ଦେଇଥିଲେ ।

ଡାନିଲୋଡୋଲସି ନିଜର ବୈଷୟିକ ଜୀବିକାର୍ଜନର ଭବିଷ୍ୟତକୁ ତ୍ୟାଗ କରି ସମର୍ପିତ ସମାଜ ସେବାପନ୍ଥା ଆପଣାଇ ଇଟାଲୀର ତସ୍କର କବଳିତ ତଥା ଅନାହାର କ୍ଲିଷ୍ଟ ଅଂଚଳର ଉନ୍ନତି ଲକ୍ଷ୍ୟରେ ଦୁର୍ଗମ ଓ ନିଷ୍ପ୍ରଭ ପଶ୍ଚିମ ସିସିଲିକୁ ନିଜ ଅନ୍ତିମ କ୍ଷଣ ପର୍ଯ୍ୟନ୍ତ କର୍ମଭୂମି ରୂପେ ଗ୍ରହଣ କରିଥିଲେ । ଟ୍ରାପେଟୋ ନାମକ ଏକ ଧିବର ଗ୍ରାମରେ ନିଜର ଅତ୍ୟଳ୍ପ ସଞ୍ଚୟ ଓ ସ୍ୱଳ୍ପ ବାହ୍ୟ ଅନୁଦାନକୁ ଆଧାର କରି ସେଠାର ସବୁଠୁ ଅସହାୟ ଗୃହହୀନ ଲୋକଙ୍କ ପାଇଁ ଝାଟିମାଟି କୁଡିଆର ଏକ ବସ୍ତି ନିର୍ମାଣ କରିଥିଲେ, ଯାହାକୁ ସେ ଭଗବାନଙ୍କ ଗ୍ରାମ ବୋଲି ଅଭିହିତ କରଥିଲେ । ସେଠାର ଜଣେ ଅତ୍ୟନ୍ତ ଗରୀବ ବିଧବା ପାଞ୍ଚସନ୍ତାନର ଜନନୀଙ୍କୁ ବିବାହ କରି ଆହୁରି ପାଞ୍ଚ ଅନାଥ ଶିଶୁଙ୍କୁ ପୋଷ୍ୟସନ୍ତାନ ରୂପେ ଗ୍ରହଣ କରିଥିଲେ । ସେ ସେଠାର ସ୍ଥାନୀୟ ଭାଷା ଶିକ୍ଷା କରିଥିଲେ ଯାହା ତାଙ୍କୁ ସେବାକାର୍ଯ୍ୟ କରିବାରେ ବେଶ୍ ସହାୟକ ହୋଇଥିଲା । ସିସିଲିର ସାଧାରଣ ପରିବେଶର ଭିତ୍ତିଭୂମି ଥିଲା ପ୍ରଚ୍ଛନ୍ନ ଅଜ୍ଞତା, ଦାରିଦ୍ର୍ୟ, ହିଂସା ଓ ହତ୍ୟା । ଡାନିଲୋଡୋଲସି ବ୍ୟାପକ ଅନୁଧ୍ୟାନ ଓ ଅନୁସନ୍ଧାନ କରି ଏହି ସ୍ଥିତିର କାରଣ ଚିହ୍ନଟ କରିଥିଲେ । ସେ ଜାଣିବାକୁ ପାଇଥିଲେ ଯେ ସେଠାର ଲୋକଙ୍କୁ ବର୍ଷର ଅଧେ ଦିନ କାମ ମିଳେ ନାହିଁ,ଏଣୁ ଖାଦ୍ୟ ଓ ଔଷଧ ଲାଗି ଲୋକଙ୍କ ମଧ୍ୟରେ ଚୋରି ଓ ଲୁଟ ମାମୁଲି ଘଟଣା ଥିଲା । ବଞ୍ଚିବା ପାଇଁ ସଗ୍ରାମ କରୁଥିବା ଲୋକଙ୍କ ପ୍ରତି ଭ୍ରଷ୍ଟ ନିଷ୍ଠୁର ସରକାରୀ ଅଧିକାରୀ ଅକଥନୀୟ ଅତ୍ୟାଚାର କରିବା ସହ ବିନା ଶୁଣାଣିରେ ଲୋକମାନଙ୍କୁ ଜେଲଦଣ୍ଡ ଦେଉଥିଲେ । ସେଠାରେ ପକ୍କାରାସ୍ତା ନଥିଲା, ବିଦ୍ୟାଳୟ ଓ ଚିକିତ୍ସାଳୟ ପରି ସର୍ବନିମ୍ନ ମୌଳିକ ଆବଶ୍ୟକତା ମଧ୍ୟ ନଥିଲା । ଡାନିଲୋଡୋଲସି ସ୍ୱୀକାର କରିଥିଲେ ଯେ, ଲୋକସେବକ ଭାବେ ସଙ୍ଘର୍ଷ କରିବା ବେଳେ ସାମ୍ନା କରିଥିବା ଜଟିଳ ପରିସ୍ଥିତି ତାଙ୍କୁ ପଢା ବହିଠାରୁ ଅଧିକ ଶିକ୍ଷା ଦେଇଥିଲା । ସେ ସମୟରେ ଟ୍ରାପେଟୋରେ ଏକ ଅସହାୟ ଶିଶୁର ଅନାହାର ଜନିତ ମୃତ୍ୟୁ ହୋଇଥିଲା, ଯାହାକି ତାଙ୍କୁ ଅତ୍ୟନ୍ତ ବ୍ୟଥିତ କରିଥିଲା । ଏହାକୁ ବିରୋଧ କରି ଟ୍ରାପେଟୋ ସହରକୁ ଜଳସେଚନ ସୁବିଧା ଦିଆ ନଗଲେ ସେ ଅନଶନ କରିବେ ବୋଲି ସ୍ଥାନୀୟ ଅଧିକାରୀଙ୍କୁ ଚରମ ପତ୍ର ଲେଖିଥିଲେ । ସେମାନେ କର୍ଣ୍ଣପାତ ନ କରନ୍ତେ, ସ୍ଥାନୀୟ ଅଧିବାସୀଙ୍କ ବାରଣସତ୍ତ୍ୱେ ଡାନିଲୋଡୋଲସି ନିଜର ସହଯୋଗୀଙ୍କ ସମର୍ଥନରେ ଆମରଣ ଅନଶନ ଜାରି ରଖିଥିଲେ । ଏଥିଲାଗି ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟି ହୃଦଘାତ ହେତୁ ଅର୍ଦ୍ଧେକ ପକ୍ଷାଘାତ ପୀଡିତ ହୋଇ ମୃତ୍ୟୁଆସନ୍ନ ବୋଲି ଚିକିତ୍ସକ ଘୋଷଣା କରନ୍ତେ, ଅଷ୍ଟମ ଦିନରେ ସରକାରୀ ପ୍ରତିନିଧି ଆସି ସହାୟତାର ପ୍ରତିଶୃତି ଦେବା ସହ ସେଠାର ଜଳସେଚନ ବ୍ୟବସ୍ଥା, ଅସହାୟ ଦରିଦ୍ରଙ୍କ ଉନ୍ନତି ଓ ଟ୍ରାପେଟୋ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଅନୁଦାନ ରାଶି ମଞ୍ଜୁର କରିବାରୁ ସେ ନିଜର ଆମରଣ ଅନଶନ ଭଙ୍ଗ କରିଥିଲେ । ତାଙ୍କୁ ସେଠାର ନାଗରିକତ୍ୱ ପ୍ରଦାନ କରା ଯାଇଥିଲା । କ୍ରମେ ବିପୁଳ ଜନସମର୍ଥନ ପାଇବା ସହ ସେଠିକାର ବିକାଶ ନାୟକ ଭାବେ ପରିଚିତ ହୋଇଥିଲେ ।

ଡାନିଲୋଡୋଲସି ଦାରିଦ୍ର୍ୟ ପ୍ରପୀଡିତ ଏହି ଦ୍ୱୀପାଞ୍ଚଳର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସ୍ଥାନୀୟ ଏବଂ ଦେଶର ସରକାରଙ୍କ ଅବହେଳା ବିରୁଦ୍ଧରେ ଅହିଂସା ଅନଶନ ମାଧ୍ୟମରେ ପ୍ରତିବାଦ ଜାରି ରଖିଥିଲେ । ଗାନ୍ଧୀଙ୍କ ପରି ଅହିଂସା ଅନଶନ ଓ ଅନ୍ୟାୟ ବିରୋଧରେ ତାଙ୍କର ସତ୍ୟାଗ୍ରହକୁ ଦେଖି ସାମ୍ବାଦିକମାନେ ତାଙ୍କୁ ସିସିଲିର ଗାନ୍ଧୀ ଭାବେ ଅଭିହିତ କରିଥିଲେ । ୧୯୫୬ରେ ଟ୍ରାପେଟୋ ସହରରେ ୧୦୦୦ ଲୋକଙ୍କ ସହଯୋଗରେ ଓ ଶ୍ରମ ସଙ୍ଗଠନ ପ୍ରତିନିଧିଙ୍କ ସମର୍ଥନରେ ସ୍ୱେଚ୍ଛାକୃତ ଅନଶନ ସହ ରାସ୍ତା ମରାମତି ଦ୍ୱାରା ତାଙ୍କର ପ୍ରତିବାଦର ଆରମ୍ଭରେ ସରକାରୀ ଶୃଙ୍ଖଳା ରକ୍ଷକମାନେ ସେମାନଙ୍କୁ ଏଥିରୁ ନିବୃତ ରହିବାକୁ ବାଧ୍ୟ କରିଥିଲେ । ଇଟାଲୀ ସମ୍ବିଧାନ ଅନୁଚ୍ଛେଦ ୪ ଅନୁସାରେ ନାଗରିକମାନେ ଦେଶ ପାଇଁ ସେମାନଙ୍କ ଦାୟିତ୍ୱ ନିର୍ବାହ କରିପାରିବେ । ଅଥଚ କୌଣସି ଭଙ୍ଗାରୁଜା ବାସରକାରି ସମ୍ପତ୍ତିକୁ କ୍ଷତି କରୁନଥିବା ସ୍ଥଳେ ଅହିଂସା ପ୍ରତିବାଦରେ ଅଂଶ ଗ୍ରହଣକାରୀଙ୍କ ଉପରେ ଲାଠି ପ୍ରହାର ଓ ନିର୍ଯ୍ୟାତନା ହେବା ସହ ଡାନିଲୋଙ୍କ ବିଚାର କରାଯାଇ ସଶ୍ରମ ଜେଲ ଦଣ୍ଡାଦେଶ ହୋଇଥିଲା । ଏ ବିଚାର ପ୍ରକ୍ରିୟା ଡାନିଲୋଡୋଲସିଙ୍କ ଅହିଂସା କାର୍ଯ୍ୟକ୍ରମ ଆଡକୁ ଆନ୍ତର୍ଜାତିକ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା । ପରିଶେଷରେ ସେ ଏହି ଅଭିଯାନରେ ବିଜୟୀ ହେବା ସହ ସେଠାର ରାସ୍ତା ଓ

ଜଳସେଚନର ସୁବିଧା କରାଯିବାରୁ କୃଷକମାନେ ଅଶେଷ ଉପକୃତ ହୋଇଥିଲେ । ଅକ୍ଟୋବର ୭, ୧୯୬୯ ରେ ଅହିଂସାତ୍ମକ ଭୂ-ସଂସ୍କାର ଓ ଜନ ଜାଗରଣର ଦୁଇ ଶୀର୍ଷ ସ୍ଥାନୀୟ ନେତା ସେଜାରଚାଭେଜ ଓ ଡାନିଲୋଡୋଲସିଙ୍କର ନ୍ୟୁୟର୍କଠାରେ ସାକ୍ଷାତ ହୋଇଥିଲା । ଉଭୟ୪୫ ବର୍ଷୀୟ ସମବୟସ୍କ ବିଶ୍ୱାସ କରୁଥିଲେ ଯେ ଭୂ-ସଂସ୍କାର ଓ ସର୍ବୋଦୟ କାର୍ଯ୍ୟ ସମଗ୍ର ବ୍ୟବସ୍ଥାର ଅଂଶବିଶେଷ ହୋଇଥିବାରୁ ଏହି ଆନ୍ଦୋଳନ ଗୋଟିଏ ସ୍ଥାନରେ ସୀମିତ ନରହି ସାମଗ୍ରୀକ ଭାବେ ସବୁ ସାମାଜିକ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ ହେବା ଚାହିଁଲେ । ଏଣୁ ଡୋଲସି୧୯୭୦ ମସିହାରେ ଦେଶର ଏକଚାଟିଆ ପ୍ରସାରଣ ନୀତିକୁ ବିରୋଧ କରି ବେସରକାରୀ ବେତାରକେନ୍ଦ୍ର ସ୍ଥାପନ କରିବାରେ ସଫଳ ହୋଇଥିଲେ । ତାଙ୍କର ସେବାମୂଳକ ଅହିଂସାତ୍ମକ କାର୍ଯ୍ୟକୁ ଦୃଷ୍ଟିରେ ରଖି ୧୯୫୮ରେ ମସ୍କୋ (ରୁଷିଆ) ୩୦,୦୦୦ ଡଲାର ମୂଲ୍ୟର ଲେନିନ ଶାନ୍ତି ପୁରସ୍କାରରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲା । ରୋମର ଏକ ସମାଜବାଦୀ ଗଣତାନ୍ତ୍ରିକ ଅନୁଷ୍ଠାନ "ଲାଜିଉଷ୍ଟିଜିଆ" ହଙ୍ଗେରୀ କର୍ମକର୍ତ୍ତାଙ୍କ ହତ୍ୟାର ପ୍ରତିବାଦ କରି ତାଙ୍କୁ ଏହି ସମ୍ମାନ ଗ୍ରହଣ ନ କରିବାକୁ ପ୍ରସ୍ତାବ ଦେଇଥିଲା । କିନ୍ତୁ ମାନବକଲ୍ୟାଣ ତାଙ୍କର ଲକ୍ଷ୍ୟ ହୋଇଥିବାରୁ ଏହାକୁ ରୂପାୟନ କରିବା ପାଇଁ ସେ ଯେକୌଣସି ଉତ୍ସରୁ ବିନା ଦ୍ୱିଧାରେ ଅନୁଦାନ ଅର୍ଥ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ସ୍ୱୀକାର କରିଥିଲେ । ସେ ୨୫୦୦୦ ଡଲାର ମୂଲ୍ୟର ଅନୁଦାନକୁ ପୂର୍ଣ୍ଣ ନିଯୁକ୍ତି ଉପରେ ଗବେଷଣା କରୁଥିବା ଏକ ସମିତିକୁ ଦାନ କରିଥିଲେ । ଆମେରିକୀୟ ସଙ୍ଗଠନ "AFSC" ତରଫରୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ତାଙ୍କ ନାମ ଦୁଇଥର ମନୋନିତ କରାଯାଇଥିଲା । ଭାରତ ତରଫରୁ ୧୯୮୯ରେ ତାଙ୍କୁ ଗାନ୍ଧୀଶାନ୍ତି ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଆନ୍ତର୍ଜାତିକ "ଯମୁନାଲାଲ ବଜାଜ" ପୁରସ୍କାରରେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଡାନିଲୋଡୋଲସି ଜଣେ ଉଚ୍ଚକୋଟୀର ଲେଖକ ଥିଲେ । ସେ ରଚନା କରିଥିବା ପୁସ୍ତକ ସବୁ ୧୦ରୁ ଉର୍ଦ୍ଧ୍ୱ ଭାଷାରେ ଅନୁବାଦିତ ହୋଇଛି । ତାଙ୍କ ରଚିତ ଶ୍ରେଷ୍ଠ ପୁସ୍ତକଗୁଡିକ ମଧ୍ୟର 'ରିପୋର୍ଟ ଫ୍ରମ୍ ପାଲେର୍ମୋ, ୱେଷ୍ଟ, ସିସିଲିଆନ ଲାଇଭସ, ଦ-ଆଉଟ-ଲ-ଅଫ-ପାର୍ଟିନିକୋ' ଆଦି ରଚନା ଅତ୍ୟନ୍ତ ଜନପ୍ରିୟ । ଏହିସବୁ ପୁସ୍ତକରେ ସେସିସିଲିରେ ନିଜ ଅଭିଜ୍ଞତା ଓ ସେଠାର ସାମାଜିକ ସ୍ଥିତି ଅଧ୍ୟୟନର ବିଶଦ ବିବରଣୀ ବାଖ୍ୟା କରିଛନ୍ତି । କିପରି ରାଜନୀତି, ସାମ୍ବାଦିକତା ଓ ସିନେମା କାହାଣୀରେ ଭ୍ରଷ୍ଟ ପ୍ରଶାସକ ତଥା ତସ୍କରଙ୍କ ସଙ୍ଗଠିତ ଅପରାଧକୁ ଗୌରବାନ୍ୱିତ ଭାବେ ପରିବେଷଣ କରାଯାଉଥିଲେ ମଧ୍ୟ ସେ ଏହି ଜଟିଳ ପରିସ୍ଥିତି ବିରୁଦ୍ଧରେ ସଗ୍ରାମ କରି ଜନ ସହେଯାଗରେ ସଫଳ ହୋଇଥିଲେ । ତାଙ୍କ ମତରେ କୌଣସି ଉନ୍ନତି ମୂଳକ ଯୋଜନାର ବାସ୍ତବ ରୂପାୟନ ପାଇଁ ତଥ୍ୟର ସଠିକତା ଓ ଅନ୍ତଃଦୃଷ୍ଟି ଅତ୍ୟନ୍ତ ସହାୟକ । ଡାନିଲୋଡେଲସି ମହାତ୍ମା ଗାନ୍ଧୀଙ୍କର ଜଣେ ପ୍ରକୃତ ଅନୁଗାମୀ ଭାବେ ବିଶ୍ୱାସ କରୁଥିଲେ ଯେ ଅହିଂସା ଓ ଶାନ୍ତି କେବଳ ପ୍ରଚାର ସର୍ବସ୍ୱ ବାସ୍ଥାନୀୟ ଆନ୍ଦୋଳନ ନୁହଁ ବରଂ ଏହା ଏକ ସାମୁହିକ ସଂସ୍କାରର ଭିତ୍ତିଭୂମି । ଅସୁମାରୀ କାର୍ଯ୍ୟ ମଧ୍ୟରେ ଯେ କେହି ଲକ୍ଷ୍ୟକରି ପାରୁଥିଲେ ଡାନିଲୋଡୋଲସିଙ୍କର ସଦା ଅଫୁରନ୍ତ ସ୍ମିତହାସ୍ୟ । ୧୯୯୭ ଡିସେମ୍ବର ୩୦ ତାରିଖରେ ଡାନିଲୋଡୋଲସି ହୃଦଘାତରେ ଇହଲୀଳା ସମ୍ବରଣ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅର୍ଥନୈତିକ ଅନଗ୍ରସର ସିସିଲିର ତସ୍କର ଉପଦ୍ରୁତ ଅଞ୍ଚଳର ଦୃତ ପ୍ରଗତି ଦିଗରେ ତାଙ୍କ ଅବଦାନ ଚିର ଅବିସ୍ମରଣୀୟ । ଆଜିର ଭାରତରେ ମହାତ୍ମାଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ଆଦର୍ଶ ମାନୁଥିବା ବିପଥଗାମୀ ଯୁବାବର୍ଗ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପୂର୍ଣ୍ଣ ଅନୁପ୍ରାଣିତ ହୋଇ କାର୍ଯ୍ୟରତ ଥିବା ବ୍ୟକ୍ତି ବିଶ୍ୱର ବହୁ ପ୍ରତିକୂଳ ପରିସ୍ଥିତିକୁ ଅହିଂସା ଅସ୍ତ୍ର ଦ୍ୱାରା ସଜାଡି ପାରିଛନ୍ତି । ଓଡିଶାର ମନିଷୀ ଚିତ୍ତରଞ୍ଜନ ଦାସ ଡାନିଲୋଡୋଲସିଙ୍କ ପରି ନିଜ ଜୀବନକୁ ମଧ୍ୟ ଉତ୍ସର୍ଗ କରି ଯାଇଛନ୍ତି । ତାଙ୍କର ଦୃଢ଼ ଆତ୍ମବିଶ୍ୱାସର ସହକାର୍ଯ୍ୟ ଓ ସଫଳତା, ମହାତ୍ମାଗାନ୍ଧୀଙ୍କ ଅହିଂସା ଓ ତ୍ୟାଗର ପଥକୁ ବର୍ତ୍ତମାନ ପରିସ୍ଥିତି ପାଇଁ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ପ୍ରମାଣିତ କରୁଛି ।

ଓଡିଶା ପ୍ରଶାସନିକ ସେବା ଅଧିକାରୀ

ଦୂରଭାଷ : ୯୪୩୭୨୭୦୦୪୫

ISSN -2583-147X (P),Vol.- 9, Issue No.IV, July 2023
Bastabatara Pariprakash Prachee
*Peer Reviewed and Referred Research Journal*

# ବୋଲି

## ଡ. ଅନନ୍ତ କିଶୋର ଜେନା

'ବୋଲି' କୁ ଇଂରାଜୀରେ ସ୍ପିଚ୍ କଫନରଂଗୀ ବା ରୂପେ ଗ୍ରହଣ କରାଯାଇଅଛି । ଏହି ଶୈଳୀ ବ୍ୟକ୍ତିକୁ ସ୍ୱତଃ ଭାବରେ ପରିଚିତ କରାଏ । କୌଣସି ବ୍ୟକ୍ତି ଯଦି ନିଆରା ଢଙ୍ଗରେ ବାର୍ତ୍ତାଳାପ କରୁଥାଏ;ତେବେ ଅନେକଙ୍କ ଭିତରେ ସେ ବାରି ହୋଇପଡ଼େ । ଯେପରି ବିନାକା ଗୀତମାଳାର ଅମିନ୍‌ଶାୟାନୀଙ୍କ ଉପସ୍ଥାପନାଶୈଳୀ କିମ୍ବା କଟକ ରେଡ଼ିଓ କେନ୍ଦ୍ରରୁ ପ୍ରସାରିତ କୃଷି ସଂସାର କାର୍ଯ୍ୟକ୍ରମର ବ୍ରଜଭାଇ; ନିଆରା କଣ୍ଠସ୍ୱର ଓ କଳାତ୍ମକ ପ୍ରକାଶ ଭଂଗୀ ଅଜସ୍ର ଶ୍ରୋତାଙ୍କୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳର ନେତାଙ୍କ ସ୍ୱତନ୍ତ୍ର କଥନ ଶୈଳୀ । ସେ ଅନ୍ୟମାନଙ୍କଠାରୁ ପୃଥକ ଭାବରେ ଚିହ୍ନିତ କରିଥାଏ ।

ଭାଷାତତ୍ତ୍ୱର ନିୟମ ଓ ପଦ୍ଧତି ଅନୁସାରେ ବିଶ୍ଳେଷଣ ଜଣାଯାଏ ଯେ, ଯୁଗଯୁଗ ଧରି ଗୋଟିଏ ଅଂଚଳର ଏକ ଜାତି ବା ଗୋଷ୍ଠୀ କିମ୍ବା ବାସିନ୍ଦା ନିଜସ୍ୱ ଶୈଳୀ କଥା କରୁଥିଲେ ଏବଂ ଏହା ମାନବ ଭାଷା ବା ଉପଭାଷା ଠାରୁ ଭିନ୍ନ ହୋଇଥିବ ତାହାକୁ ସେହି ମାନଙ୍କ ଭାଷା ବା ଉପଭାଷା ବୋଲି କୁହାଯାଏ । ହିନ୍ଦୀରେ ବୋଲି ସଂପର୍କରେ ଅତି ସୁନ୍ଦର ଭାବରେ ବ୍ୟାଖ୍ୟା କରାଯାଇ କୁହାଯାଇଛି – କିସି ଭାଷା ୟହ ଶାଖା, ଯୋ ଛୋଟେ କ୍ଷେତ୍ରିୟ ବର୍ଗଶେ ବୋଲି ଯାତି ହୈ ହିନ୍ଦୀ ଭାଷା, ଲିପି ଓ ବ୍ୟାକରଣ । ସେହିପରି ହିନ୍ଦୀ ଭାଷା କୋଷରେ କୁହାଯାଇଛି ଯେ ଭାଷା କା କ୍ଷେତ୍ରୀୟ ରୂପ ବୋଲି କହଲାତା ହୈ । ଅର୍ଥାତ୍, ଦେଶକେ ବିଭିନ୍ନ ଭାଗୋ ମେଁ ବୋଲି ଜାନେ ୱାଲି ଭାଷା କହଲାତା ହୈ ଔର କିସି ଭି କ୍ଷେତ୍ରୀୟ ବୋଲି କା ଲିଖିତ ରୂପ ସ୍ଥିର ସାହିତ୍ୟ ଭାଷା କହଲାତା ହୈ ।

ଉପର ବର୍ଣ୍ଣିତ ହିନ୍ଦୀ ସଂଜ୍ଞାନୁସାରେ ବ୍ରଜ ବୋଲି ଓ ଖଡ଼ିବୋ ପରି ଅନେକ କ୍ଷେତ୍ରୀୟ ବୋଲି ହିନ୍ଦୀ ଭାଷାରେ ପରିଲକ୍ଷିତ । ମାତ୍ର ଓଡ଼ିଶା କିମ୍ବା ଓଡ଼ିଆ ଭାଷାରେ ବୋଲି ସଂପର୍କରେ କେବଳ ପୁରୀ ବୋଲି ... ଅନ୍ୟ କିଛି ପରିଚିତ ବୋଲି ନାମ ଅଦ୍ୟାବଧି ଅଭାଷା ଓ ଅଜଣା । ଓଡ଼ିଆ ଭାଷାରେ ଅନେକ ସ୍ୱତନ୍ତ୍ର ବୋଲିର ନିଦର୍ଶନ ବିଦ୍ୟମାନ । ଏହି ବୋଲିଗୁଡ଼ିକର ପୃଥକ୍ ପୃଥକ୍ ପ୍ରକାଶଭଙ୍ଗୀ ଓ ଉଚ୍ଚାରଣ ଶୈଳୀ ଓଡ଼ିଆ ଭାଷାଭାଷୀ ମାନଙ୍କର ଆବାସିକ ସ୍ଥାନ ଓ କ୍ଷେତ୍ରୀୟ ସ୍ୱରୂପକୁ ପ୍ରତିପାଦିତ କରି ସହାୟକ ହୋଇଥାଏ ।

ଓଡ଼ିଆ ଭାଷାରେ କ୍ଷେତ୍ର ବିଶେଷରେ ଦୃଷ୍ଟିଗୋଚର ହେଉଥିବା ବୃତ୍ତିଗୁଡ଼ିକୁ ଜାତି, ସାମାଜିକ ସ୍ଥିତି, ଶିକ୍ଷାର ଆଧାର ଓ ଆଂଚଳିକତା ଭିତ୍ତିରେ ବିଭାଜନ କରାଯାଇପାରେ ।

୧. ଜାତି – ଓଡ଼ିଶାରେ ବ୍ରାହ୍ମଣ, କ୍ଷେତ୍ରୀୟ, ବୈଶ୍ୟ ଓ ଶୂଦ୍ର ପରି ଚାରି ବର୍ଣ୍ଣର ଲୋକେ ବାସ କରୁଥିଲେ ହେଁ, ଏମାନେ ଅନେକ ପ୍ରକାରର ଭାଗରେ ବିଭକ୍ତ । ସମସ୍ତଙ୍କର ବାର୍ତ୍ତାଳାପ ସମାନ ନୁହେଁ । ବ୍ରାହ୍ମଣ ଶାସନରେ ଯେପରି ଭାଷାର ପ୍ରୟୋଗ କରାଯାଏ ଶୂଦ୍ର ଜାତିମାନେ ସେହିପରି ଭାଷା ବ୍ୟବହାର କରନ୍ତି ନାହିଁ । ବିଶେଷତଃ ବ୍ରାହ୍ମଣମାନେ ଶୁଦ୍ଧ ମାର୍ଜିତ ଓ ସଂସ୍କୃତାନୁସାରୀ ଶବ୍ଦର ପ୍ରୟୋଗ କଲାବେଳେ ଜାତିର ଲୋକମାନେ ଅପେକ୍ଷାକୃତ ଗ୍ରାମୀଣ ଓ ଅପଭ୍ରଂଶ ଶବ୍ଦର ପ୍ରୟୋଗ କରିଥାନ୍ତି ଯାହା ଭାଷାର ଏକ ସୂକ୍ଷ୍ମ ବ୍ୟବଧାନ ସୃଷ୍ଟି କରି ସେହି ଅଂଚଳ ବାସିନ୍ଦାଙ୍କ ଭିତରେ ପାର୍ଥକ୍ୟର ରେଖା ଟାଣି ଥାଏ । ଏବେ କେତେକ ଶବ୍ଦକୁ ଉଦାହରଣ ରୂପେ ଗ୍ରହଣ କରଯାଇପାରେ ।

ବ୍ରାହ୍ମଣ ଶାସନର ଭାଷା – ଗଡୁ, କଂସା, ଚାବିକାଠି, ପତ୍ର ସ୍ନାନ, ଶୌଚ, ଭୋଜନ ।

ସାଧାରଣ ଜନତାଙ୍କର ଭାଷା- ଲୋଟା, ବେଲା, କୁଞ୍ଚକାଠି, ପତର ଗାଧୁଆ-ପାଧୁଆ, ଖାଇବା, ବାଆ, ଦାଦୀ-ଦାଦା, କଳା ।

୨. ବୃତ୍ତି – ବୃତ୍ତି ଅନୁସାରେ ଅନେକଙ୍କ ଭାଷାରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇ ଜଣକର ବାର୍ତ୍ତାଳାପରୁ ସେ କେଉଁ ଅଂଚଳର ଓ କେଉଁ ବୃତ୍ତିର ତାହା ସହଜରେ ହୃଦୟଙ୍ଗମ କରିହୁଏ । ଉଦାହରଣ ସ୍ୱରୂପ ଜଣେ କୃଷକର ଭାଷାରେ କୃଷି ସମ୍ବନ୍ଧୀୟ ଶବ୍ଦାବଳୀର ଆଞ୍ଚଳିକତା ପରିଲକ୍ଷିତ ହେଲାବେଳେ ସ୍ୱର୍ଣ୍ଣକାରର ଭାଷାରେ ସାର୍ବଜନୀନତା ଆତ୍ମପ୍ରକାଶ କରିଥାଏ । ଯେପରି ଫୁଲ ଜଣେ କୃଷକ ଓଜନ ମାପ ପାଇଁ ବିଶା ଏକ କେଜି ପାଂଚଶହ ଗ୍ରାମ୍ କହିଲା ବେଳେ ବାଲେଶ୍ୱରରେ ଏହାକୁ ଦେଢ଼ସେର, ଗଞ୍ଜାମରେ ଦେଢ଼ମାଣ, କଟକରେ ଦେଢ଼ କହିଥାନ୍ତି । ସେହିପରି ସ୍ୱର୍ଣ୍ଣକାରର ଭାଷାରେ କେବଳ ଭରି ଓ ତୋଳାଟା ଉଚ୍ଚାରିତ ହୋଇଥାଏ । ଯାହା ଓଡ଼ିଶାର ପ୍ରତ୍ୟେକଟି ଜିଲ୍ଲାରେ ସ୍ୱର୍ଣ୍ଣାଳଙ୍କାର ଏକକ ଭାବରେ ଭରି ଓ ତୋଳାକୁ ଗ୍ରହଣ କରାଯାଇଥାଏ । କେବଳ ମାପ ଏକକ ନୁହେଁ କୃଷି ସମ୍ବନ୍ଧୀୟ ଏପରି ଅସଂଖ୍ୟ ଶବ୍ଦ ଓଡ଼ିଶାର ବିଭିନ୍ନ ପ୍ରଚଳିତ ଯାହା ଗୋଟିଏ ଜିଲ୍ଲା ଭିତରେ ପ୍ରଚଳିତ ଭାଷାରେ ମଧ୍ୟ ପାର୍ଥକ୍ୟ ହୋଇପାରେ । ସେହିପରି ପୋଲିସ ବୃତ୍ତି ଓ ଶିକ୍ଷକ ବୃତ୍ତିଧାରୀଙ୍କ ଭାଷାର ସ୍ୱତନ୍ତ୍ରତା ବିଷୟରେ ଆଲୋଚନା କରିବା ନିଷ୍ପ୍ରୟୋଜନ ମନେ ହୁଏ ।

୩. ସାମାଜିକ ସ୍ଥିତି – ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳରେ ବସବାସ କରୁଥିବା ଜମିଦାର ପ୍ରତିଷ୍ଠିତ ବ୍ୟବସାୟୀ ସରକାରୀ ଚାକିରିଆଙ୍କର କଥନ ଶୈଳୀ ଓ ସାଧାରଣ ପ୍ରାଣିଧାନ ଯୋଗ୍ୟ । ସାମାଜିକ ସୁସ୍ଥିତି ଓ ଦୁଃସ୍ଥିତି ପାଇଁ ମଣିଷର ଭାଷା ମଧ୍ୟ ବଢ଼ିଯିବାର ଅନେକ ଦୃଷ୍ଟାନ୍ତ ରହିଛି ।

୪. ଶିକ୍ଷାର ଆଧାର – ଶିକ୍ଷା, ଭାଷାର ସ୍ୱତନ୍ତ୍ରତା ସୃଷ୍ଟି କରିବାର ଏକ ବଳିଷ୍ଠ ଭୂମିକା ଗ୍ରହଣ କରି ଆସିଛି । ବିଶ୍ୱବିଦ୍ୟାଳୟ ଶିକ୍ଷା ପ୍ରାପ୍ତ ବ୍ୟକ୍ତିର ଭାଷାରେ ଯେଉଁ ମାର୍ଜିତ ଓ ତୀର୍ଯ୍ୟକ୍ ଦୃଷ୍ଟିଭଂଗୀ ପ୍ରକାଶିତ ହୁଏ ଜଣେ ଅଶିକ୍ଷିତ ଗାଉଁଲିରେ ରୂପରେଖ ପ୍ରକାଶିତ ହୁଏ ନାହିଁ । ଅଥଚ ଗ୍ରାମ୍ୟଜନତା ତାଙ୍କର ମୌଳିକତାକୁ ଧରି ବଜାୟ ରଖିବାରେ ଗର୍ବ ଅନୁଭବ କରିଥାନ୍ତି । ଗ୍ରାମ୍ୟ ଜନତାଙ୍କର କଥୋପକଥନରେ ବ୍ୟବହୃତ ହେଉଥିବା ପ୍ରତ୍ୟେକଟି ଶବ୍ଦ, ତା'ର ଉଚ୍ଚାରଣଗତ ଶୈଳୀ ପ୍ରକାଶ ଭଂଗୀ ଅନୁସାରେ ଭାଷାବିତମାନେ ଅତି ସହଜରେ ସେ କେଉଁ ଅଂଚଳ ବାସିନ୍ଦା ବୋଲି ଜାଣି ପାରନ୍ତି ।

୫. ଆଂଚଳିକତା ଭିତ୍ତିରେ ବୋଲିର ବିଶେଷତ୍ୱ କୁହାଯାଇ ଭାଷାର ଓ ପରିବର୍ତ୍ତନଶୀଳ ଓ ଅଧିକୃତ ବ୍ୟକ୍ତିର ସ୍ୱଭାବିକତାନୁସାରେ ଏହା ଆତ୍ମପ୍ରକାଶ କରିଥାଏ । ପୁନଶ୍ଚ ଏହି ଭାଷା ମଧ୍ୟ ପ୍ରତି ଦଶରୁ କୋଡ଼ିଏ କିଲୋମିଟର ବ୍ୟବଧାନ ଗ୍ରାମ ସହର ଓ ସାମାଜିକ ଭୌଗୋଳିକ ସ୍ଥିତି ଅନୁସାରେ ନୂତନତା ସୃଷ୍ଟି କରିଥାଏ । ଏହି ଦୃଷ୍ଟିରୁ ନିରୀକ୍ଷଣ କଲେ ଜଣାଯାଏ ଯେ ଓଡ଼ିଆ ଭାଷାର ପ୍ରତ୍ୟେକଟି ଆଂଚଳିକ ଉପଭାଷା ଭିତରେ ଅନେକ ବୋଲିର ସ୍ଥିତି ସେହି ଅଂଚଳର ବିଶେଷଙ୍ଗ୍ୟ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ସେଗୁଡ଼ିକର ସୂକ୍ଷ୍ମ ବିବେଚନା କଲେ ବୋଲି ପ୍ରକୃତ ସ୍ୱରୂପକୁ ଜାଣିହେବ ।

କ. ପୁରୀ ବୋଲି – ଓଡ଼ିଆ ଭାଷାର ବୋଲି ଭାବରେ ପୁରୀର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ପୁରୀବାସୀଙ୍କ ବାର୍ତ୍ତାଳାପରେ ଲହରିଆ ଉଚ୍ଚାରଣ, ନିର୍ଦ୍ଦିଷ୍ଟ ଶବ୍ଦ ପ୍ରୟୋଗ ଓ ସମ୍ବୋଧନ ଓ ବିଶେଷ୍ୟ ବିଶେଷଣର ପ୍ରୟୋଗ ପାଇଁ ଏମାନେ ଓଡ଼ିଶାର ପୁରପଲ୍ଲୀରେ ସର୍ବ ପରିଚିତ । ଯଥା–

ଲହରିଆ ଉଚ୍ଚାରଣ – ଏ ମଣି...ମାକେ, ଆମ ଆଡ଼େ ଟିକେ ଦେଖିବ କି..ଦେଖିଲେ ମାକେ କ'ଣ ଅହିବର୍କତ ପଡିବ ?

ଶବ୍ଦ – ଶୋଇଛନ୍ତି କୁ – ପହଡ଼ରେ ଅଛନ୍ତି କେତେବେଳେ ଉଠିବେ – ପହଡ଼ ଭାଙ୍ଗିବ କେତେବେ ସରପକା ଚା ମଳେଇ ଟିକେ ମାରି ଦିଅ । ଭାଙ୍ଗବଟା ଟେଳା ଇତ୍ୟାଦି ।

ସମ୍ବୋଧନ – ଗୋସେଇଁ, ମଣି, ମଣିଆ, ଭାଇନା ଇତ୍ୟାଦି ।

ବିଶେଷ୍ୟ – ବିଶେଷଣ ପ୍ରୟୋଗ କାଚ, କାଚମାର୍କା, ପରିଷ୍କାର, ଉତ୍କୃଷ୍ଟ, ଗାଳି ଅର୍ଥରେ ପେଲେଇ ପୁଅ ସଂସ୍କୃତି ପୋଇଲି ପୁତ୍ର ଛୋଡ଼ିପୁଅ ଚେଳୀପୁତ୍ର ଦାସୀପୁତ୍ରର ଅପଭ୍ରଂଶ ।

ସାଧାରଣତଃ ପୁରୀର ଖାଦ୍ୟପେୟର ନାମ ଓ ଗାଳିଗୁଲଜ ପରି କେବଳ ଶବ୍ଦ, ପୁରୀ ବୋଲି ସ୍ୱତନ୍ତ୍ରତାକୁ ବିଶେଷ ରୂପେ ପ୍ରତିପାଦିତ କରିଥାଏ ।

ଖ. କଟକୀ ବୋଲି – କଟକୀ ଉପଭାଷାକୁ ଭାଷା ବିଜ୍ଞାନରେ ମାନକଭାଷା ରୂପେ ବିବେଚନା କରାଯାଇଛି । ଭାଷା ଓଡ଼ିଶାର ଅନ୍ୟାନ୍ୟ ଅଂଚଳର ଭାଷାଠାରୁ ଅଧିକ ମାର୍ଜିତ ଓ ଶୁଭ ହେଲେ ହେଁ କେତେକ ନିର୍ଦ୍ଦିଷ୍ଟ ଅଂଚଳର କଥନ ଭଂଗୀରେ ଏହା ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ । ଯେପରି କଟକ ଶେଖ୍ ବଜାର

ଅଂଚଳରେ ରହୁଥିବା କିନ୍ତୁ ଜନତା ନଂ ସ୍ଥାନରେ ବ୍ୟବହାର କରନ୍ତି । ଉଦାହରଣ ସ୍ୱରୂପ ନବେ-ଲବେ, ବଡ଼ିଆ ନବ ଯଦି ନିଅ । ନଦେଲେ ନାହିଁ ଲବ ଯଦି ଲିଅ ନଲେଲେ ନାହିଁ ଇତ୍ୟାଦି ।

ସେହିପରି ଜଗତସିଂହପୁରର ନାଉଗାଁ ଓ ଏହାର ଆଖପାଖ ଅଂଚଳରେ ପ୍ରତ୍ୟେକ ଲୋକ କ୍ରିୟାରେ ଅନୁସ୍ୱାର ସଂଯୁକ୍ତ କରି କଥାବାର୍ତ୍ତା କରନ୍ତି । ଖାଉଛି କାଉଁଚି, ଯାଉଛି ଯାଉଁଛି, ଶୋଇଛି ଶୋଇଁଚି ଇତ୍ୟାଦି ଅନୁନାସିକ ଉଚ୍ଚାରଣ କରନ୍ତି । ସେହିପରି ଦେଖିଛି, କ୍ଷେତ୍ରରେ ଦେଖିବା ରୁହବା ରହବା ଶବ୍ଦର ପ୍ରୟୋଗ କରନ୍ତି । ସମ୍ବୋଧନରେ ହେଇଟି, ଇରେ ହେ ପରି ସ୍ୱତନ୍ତ୍ର ଶବ୍ଦମାଳା ବ୍ୟବହୃତ କରି ଆଂଚଳିକ ମୌଳିକତାର ପରିଚୟ ସୃଷ୍ଟି କରନ୍ତି ।

ଗ. ବାଲେଶ୍ୱରୀ ବୋଲି – ବାଲେଶ୍ୱରୀ ଆଂଚଳିକ ଭାଷାରେ ବୋଲି ଏକ ସ୍ୱତନ୍ତ୍ର ସ୍ଥିତି ପରିଲକ୍ଷିତ । ବିଶେଷତଃ ଉତ୍ତର ବାଲେଶ୍ୱର ଓ ଭୋଗରାଇ ବାଲିଆପାଳ ଅଂଚଳର ଲୋକମାନେ ବଂଗଳା ପ୍ରଭାବରେ ଦକ୍ଷିଣ ବାଲେଶ୍ୱର ବାସୁଦେବପୁର, ନୀଳଗିରି ଓ ଭଦ୍ରକ ଲୋକଙ୍କୁ ମାନଙ୍କ ସ୍ୱତନ୍ତ୍ର ଶୈଳୀରେ କଥୋପକଥନ କରନ୍ତି ଯାହା ଏମାନଙ୍କୁ ଚିହ୍ନିବାରେ ସହଜ ହୋଇଥାଏ । ଉଦାହରଣ ସ୍ୱରୂପ ଲର ବ୍ୟବହାର ସ୍ଥଶନରେ ନ ପ୍ରୟୋଗ ଲବଙ୍ଗ, ନବଙ୍ଗ, ଲକ୍ଷଟାର ନଟା ଲେଖିଲା ନେଖିଲା ଇତ୍ୟାଦି । ଇର ଆଗମ ସୈତାନ୍ ସଇତାନ, ଖୈତାନ୍ ଖଇତାନ୍ କୁ ସ୍ଥାନରେ ତୋର ପ୍ରୟୋଗ । ଖାଇବାକୁ ଖାଇତେ, ଯିବାକୁ ଯାଇଁ ଇଂରାଜୀ ଶବ୍ଦ ପ୍ରୟୋଗରେ ଟ୍ରାକ୍ ଉତ୍ତର ବାଲେଶ୍ୱର ଭାଷାରେ ବିଭକ୍ତି ପ୍ରତ୍ୟୟ ପ୍ରୟୋଗ ଏକ ସ୍ୱତନ୍ତ୍ର ଓ ମୌଳିକ ଯାହା ଅନ୍ୟ ଉପଭାଷାରେ ପରିଲକ୍ଷିତ ହୁଏନାହିଁ । ଯଥା ମୁଁ ଯାଉଛି ଆମେ ଯାଇଚେ । ୧ମା ବିଭକ୍ତି ଏକ ବଚନ ସ୍ଥାନରେ ଦ୍ୱିବହୁବଚନର ପ୍ରୟୋଗ ସେହିପରି ମୁଁ ଯାଇଥିଲି – ଆମେ ଯାଇଥିଲେ । ମୁଁ ଖାଇଥିଲି – ଆମେ ଖାଇଥିଲେ ।

ଘ. ଗଞ୍ଜାମୀ ବୋଲି – ଗଂଜାମ ଭାଷାରେ ସ୍ଥାନ ବିଶେଷରେ ଅନେକ ଭାଷା ପ୍ରୟୋଗ ପରିଲକ୍ଷିତ । ଏହି ବୋଲି ଏହି ଦୃଷ୍ଟିରୁ ବିଚାର କଲେ ତେଲେଙ୍ଗାନା ପ୍ରଦେଶର ସୀମାନ୍ତବର୍ତ୍ତୀ ଓଡ଼ିଆ ଲୋକମାନେ ପ୍ରାୟତଃ ଛ ଉଚ୍ଚାରଣ କରନ୍ତି ନାହିଁ ସେମାନେ ଛ ସ୍ଥାନରେ ସ ଉଚ୍ଚାରଣ କରନ୍ତି । ଉଦାହରଣ – ମୁଁ ଆସୁଛି-ମୁଁ ଆସୁସି । ମୁଁ ଯାଉଛି – ମୁଁ ଯାଉସି ଇତ୍ୟାଦି ।

ଶବ୍ଦ ପ୍ରୟୋଗରେ – କଣ୍ଟ୍ରାକ୍ଟର ଲଜିଂ ଲର୍ଜଜଂ ବ୍ରିଜ ବ୍ରିଓଜ୍ । ବଜେଟ ବଡ଼ଜେଟ୍ ଇତ୍ୟାଦି ।

ଅପଶବ୍ଦ ପ୍ରୟୋଗରେ – ଭାକୁଡ଼ା, ନିଉଛୁଣା, ଶୁଣ୍ଡା ଶବ୍ଦର ଅତ୍ୟଧିକ ପ୍ରୟୋଗ ଦକ୍ଷିଣାଚଂଳବାସୀଙ୍କୁ ନିଆରା ଭାଷା ପ୍ରଦାନ କରିଥାଏ ।

ଘ. ସମ୍ବଲପୁରୀ ବୋଲି – ସମ୍ବଲପୁରୀ ଓଡ଼ିଆ ଉପଭାଷାରେ ବୋଲି ର ସ୍ୱତନ୍ତ୍ରତା ରହିଛି । ଏହି ଅଂଚଳରେ ଆଷ୍ଟ୍ରୋ ଏସିଆଟିକ ଓ ଦ୍ରାବିଡ଼ ଭାଷା ଗୋଷ୍ଠୀର ଜନତା ସମସ୍ତ ଆଦିବାସୀ ଭାଷାଭାଷୀ ବସବାସ କରୁଥିବାରୁ ଏବଂ ତାଙ୍କର ଭାଷା ଭଣ୍ତ୍ରୀ, ଗଣ୍ଡ, ବିଞ୍ଝାଲ, ଖରିଆ, ଲରିଆ କିଶାନ୍ ଓ ଓରାମ ପରି ଅନେକ ପ୍ରକାରର ହୋଇଥିବାରୁ ସମ୍ବଲପୁରୀ ଭାଷାରେ ବୋଲିକୁ ସହଜରେ ଚିହ୍ନି ହୁଏ । ତଥାପି ସମ୍ବଲପୁରୀ ଭାଷାରେ ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୋନପୁର ବଲାଙ୍ଗିର ଅଂଚଳର ଲୋକଭ୍କ ଭିତରେ ଯେଉଁ ସୂକ୍ଷ୍ମ ପାର୍ଥକ୍ୟ ବିଦ୍ୟମାନ ରହିଛି; ତାହା ସେମାନଙ୍କର ବିବିଧତାକୁ ପ୍ରତିଷ୍ଠିତ କରିବାରେ ସହାୟକ ହୋଇଥାଏ ।

ଆଂଚଳିକ ଭାଷା ଓ ବୋଲି ଗୋଟିଏ ମାନକଭଷୋ ଭିତରେ ଅନେକ ପ୍ରକାର ବିବିଧତା ଆଣିଥାଏ । କେବଳ କଥନଶୈଳୀରେ ନୁହେଁ ସାହିତ୍ୟ, ସଂସ୍କୃତି, ଲୋକାଚାର ଓ ଲୋକସଂସ୍କୃତିରେ ଅନେକ ବିବିଧତା ସୃଷ୍ଟି କରିଥାଏ । କେତେକ ବୋଲିରେ ଅଶାଳୀନତା ପରିଲକ୍ଷିତ ହେଉଥିଲେ ଏହାର ଆଂଚଳିକ ଗ୍ରହଣୀୟତା ହିଁ ଏହାକୁ ବିଦ୍ବଧ ସ୍ତରକୁ କରାଇ ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

ଜାତୀୟ କବି ବୀର କିଶୋର
ସରକାରୀ ମହାବିଦ୍ୟାଳୟ, କଟକ

ISSN -2583-147X (P), **Vol.- 9, Issue No.IV, July 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଅଖିଳ ମୋହନ ପଟ୍ଟନାୟକଙ୍କ ଗଳ୍ପରେ ପ୍ରକୃତି ଓ ପରିବେଶର ଚିତ୍ର

**ମେନକା ସାହୁ**

ଅଖିଳ ମୋହନ ପଟ୍ଟନାୟକଙ୍କ ଗଳ୍ପଗୁଡ଼ିକ ସାଧାରଣ ମନୁଷ୍ୟ ତଥା ନିମ୍ନମଧ୍ୟବିତ୍ତ ପରିବାରର ଦୁଃଖ, କଷ୍ଟ, ଅସହାୟତା ପ୍ରଭୃତି ଦିଗ ଆଡ଼କୁ ଇଙ୍ଗିତ କରୁଥାଏ । ଦୈନନ୍ଦିନ ଜୀବନରେ ମଣିଷର ଯନ୍ତ୍ରଣାକୁ ଅତି ନିଖୁଣ ଭାବରେ ଦେଖାଇବାରେ ସେ ସିଦ୍ଧହସ୍ତ । ସୁସ୍ଥ ସମାଜ ତଥା ଆଦର୍ଶ ମନୁଷ୍ୟ ସମାଜ ଗଢ଼ିବାର ଲକ୍ଷ୍ୟରଖି ତାଙ୍କ ଗଳ୍ପଗୁଡ଼ିକ ରଚିତ ହୋଇଥିଲେ ମଧ୍ୟ ସେଥିରେ ପ୍ରକୃତି ଓ ପରିବେଶର କଥା ଲେଖିବାକୁ ଭୁଲି ନାହାନ୍ତି । ତାଙ୍କ ଗଳ୍ପରେ ପ୍ରକୃତି ଓ ପରିବେଶର ବିସ୍ତୃତ ବର୍ଣ୍ଣନା ହୋଇ ନଥିଲେ ମଧ୍ୟ ପ୍ରାୟ ଗଳ୍ପରେ ସଂକ୍ଷେପରେ କୁହାଯାଇଛି । ପ୍ରକୃତି ଓ ପରିବେଶ ସମ୍ବନ୍ଧୀୟ ଯେଉଁ କିଞ୍ଚିତ ବର୍ଣ୍ଣନା ତାଙ୍କ ଗଳ୍ପରେ ଦେଖାଯାଏ ତାହା ପାଠକକୁ ପ୍ରକୃତି ଓ ପରିବେଶ ସହିତ ଏକାକାର ତଥା ଜୀବନ୍ତ କରି ଯୋଡ଼ି ଦେଇଥାଏ । ଯଦି ପାଠକ ପୂର୍ବରୁ ପ୍ରକୃତି ଓ ଗ୍ରାମ ପରିବେଶ ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଥିବେ ସେ ଏହାର ଉପଲବ୍ଧିକୁ ଶୀଘ୍ର ଓ ସହଜରେ ଗ୍ରହଣ କରିପାରିବେ । ତାଙ୍କ ଗଳ୍ପରେ ପ୍ରକୃତି ଓ ଗ୍ରାମ ପରିବେଶର ବର୍ଣ୍ଣନା ଯେଉଁ ଦୁଇ ଚାରି ଧାଡ଼ିରେ ମଧ୍ୟ ଉଲ୍ଲେଖ ରହିଛି ସେଥିମଧ୍ୟରୁ ପାଠକକୁ ଅସରନ୍ତି ଆନନ୍ଦ ମିଳିଥାଏ । ଜଙ୍ଗଲ, ନଦୀ, ଆକାଶ, ପାହାଡ଼, ବୃକ୍ଷ, ଲତା, ଗାଁ ରାସ୍ତା, ପୋଖରୀ ହୁଡ଼ା, ଖୋଲା ପଡ଼ିଆ, ଗାଁ ମୁଣ୍ଡ ଘର, ବିଲ, ବାରି, ଋକ୍ଷ, ଦୋକାନ, ସହର, ବସ୍ତି, ମାସ, ଋତୁ, ସଂନ୍ଧ୍ୟା, ରାତି, ବର୍ଷା, ଖରା ପ୍ରଭୃତିକୁ ସେ ତାଙ୍କ ଗଳ୍ପରେ ଏଭଳି ବର୍ଣ୍ଣନା କରନ୍ତି ସତେ ଯେପରି ଲାଗେ ସେମାନେ ସେଇ ପୁସ୍ତକ ବା ଲେଖାଥିବା ଧାଡ଼ି ମଧ୍ୟରେ ଅଦୃଶ୍ୟ ଭାବରେ ରହିଛନ୍ତି । ସଂକ୍ଷେପରେ ବର୍ଣ୍ଣିତ ତାଙ୍କର ସେହି ପ୍ରକୃତି ଓ ପରିବେଶ ଭିତରେ ପାଠକକୁ ମିଳିଥାଏ ତା'ର ସେହି ପୁରୁଣା ଗାଁର ଚିତ୍ର ଆଉ ମାଟି କାନ୍ଥ ଓ ଚାଳଛପର ଘର ଓ ପିଣ୍ଡା । କଳାକାଚ ଭିତରେ ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଲଣ୍ଠନ ଏବଂ ପଥର ଡ଼ିମା ବାହାରିଥିବା ରାସ୍ତା ଇତ୍ୟାଦି ।

'ଗୋଟିଏ କବିତାର ମୃତ୍ୟୁ' ଗଳ୍ପରେ ସତୁରୀ ଘର ବିଶିଷ୍ଟ ପଦ୍ମନାଭପୁର ଗ୍ରାମର କଥା କୁହାଯାଇଛି । ଯେଉଁଠି ଗାଁ'ର ଅଙ୍କାବଙ୍କା ରାସ୍ତା, କସିଗଛ, ପିଣ୍ଡାରେ ବନ୍ଧା ଥିବା ଛେଳି, ବାରିରେ କୁକୁଡ଼ାର କ୍ କ୍ କ୍ ରାବ ପ୍ରଭୃତିର ବର୍ଣ୍ଣନା ଦେଖିବାକୁ ମିଳେ । ହଳଦିଆ ପାଚିଲା ଧାନର କେଣ୍ଡା, ପବନରେ ପାଚିଲା ଧାନର ବାସ୍ନା, ଖଳା ବାରିରେ ହାତୀ ପରି ଠାକୁଆ, ଠାଆ କଲେଇ ଗଜା, ସନ୍ଧ୍ୟାରେ ପକ୍ଷୀ ଫେରିବାର ଦୃଶ୍ୟ ଓ ଝରଣାର କୁଳୁକୁଳୁ ଶବ୍ଦ ସମୂହ ପାଠକ ସମ୍ମୁଖରେ ପଲ୍ଲୀଜୀବନର ଚିତ୍ରକୁ ଉଦ୍‌ଭାସିତ କରାଏ । 'ବନ୍ୟଶୁକର' ଗଳ୍ପରେ ଜଗନ୍ନାଥ ପରିଜା ବିଦେଶରୁ ଭାରତ ବିଶେଷ ଭାବରେ ଓଡ଼ିଶା ଭ୍ରମଣ ପାଇଁ ଆସିଥିବା ବିଦେଶିନୀଙ୍କୁ କୋଣାର୍କ ମନ୍ଦିର ଓ ପୁରୀ ବେଳାଭୂମି ଭଳି କିଛି ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଅନ୍ୟାନ୍ୟ ପରିବେଶ କଥା କହିଛନ୍ତି । ଯେଉଁଥିରେ ପ୍ରାକୃତିକ ସୌନ୍ଦର୍ଯ୍ୟର କଥା ରହିଛି 'ଚନ୍ଦ୍ରର ଅଭିସାର' ଗଳ୍ପରେ ସରୋଜ ଓ ସୀମାଦ୍ରି ପ୍ରତ୍ୟେକ ଦିନ ବସୁଥିବା ସେହି କେନାଲର ଦୃଶ୍ୟ ପାଠକ ସମ୍ମୁଖରେ ରଖିଛନ୍ତି । ଯେଉଁଠି କେନାଲଟି କିଛି ବାଟ ବହିଯାଇ ହଠାତ୍ ମୋଡ଼ ଭାଙ୍ଗି କେଉଁଆଡ଼େ ଅଦୃଶ୍ୟ ହୋଇଯାଉଛି । ଧୀର ପବନରେ କେନାଲର ପାଣି ଚହଲି ଚହଲି ଆସି କେନାଲର ଦୁଇ କୂଳକୁ ଛୁଇଁଯାଇଥାଏ ଏବଂ ସେଥିରୁ ଭାସି ଆସିଥାଏ ମାଟି ଓ ପାଣିର ମିଶା ମିଶି ଏକ ଅପୂର୍ବ ସୁଗନ୍ଧ । ସନ୍ଧ୍ୟା ସମୟରେ ଉଭୟ ଏହି କେନାଲ ପାଖରେ ବସି ପ୍ରାକୃତିକ ସୌନ୍ଦର୍ଯ୍ୟ ଓ କୃତ୍ରିମ ନଦୀର ପରିବେଶକୁ ଉପଭୋଗ କରିଥାନ୍ତି । ସନ୍ଧ୍ୟା ସମୟରେ କେନାଲ ପାଣି ପ୍ରବାହିତର ଶବ୍ଦ, ଜହ୍ନ ଆଲୋକ, ମନଛୁଆଁ ପବନ, ଚଉରା, ପୁଞ୍ଜା ପୁଞ୍ଜା ତାରା ପ୍ରଭୃତି ଦୃଶ୍ୟ ସମୂହ ପ୍ରାକୃତିକ ଓ ପରିବେଶର ଯଥାର୍ଥତା ପ୍ରତିପାଦନ କରିଥାଏ । ଅଖିଳ ମୋହନ ପଟ୍ଟନାୟକଙ୍କ ଗଳ୍ପରେ ସନ୍ଧ୍ୟା ସମୟ ଏକ ବିଶେଷ ଭୂମିକା ନିର୍ବାହ କରିଥାଏ । 'ସୁକାନ୍ତ ମହାନ୍ତି' ଗଳ୍ପର ଆରମ୍ଭ ମଧ୍ୟ ଏହି ସନ୍ଧ୍ୟା

ସମୟର ପରିବେଶରୁ ହୋଇଛି । ରୂପନାରାୟଣ ସାହା ଗଳ୍ପରେ ବନାରସ ସହରର ରାସ୍ତା, ବଜାର, ଦୋକାନ ସହିତ ସନ୍ଧ୍ୟା ସମୟରେ ବିଶ୍ୱନାଥ ମନ୍ଦିରର ମନୋରମ ଦୃଶ୍ୟ କଥା କୁହାଯାଇଛି । ଅଶୋକଙ୍କ ଶୈଶବ ସମୟରେ ବାପାଙ୍କ ସହ ଗଙ୍ଗାନଦୀରେ ନୌକାବିହାର, ହରିଶ୍ଚନ୍ଦ୍ର ଘାଟ, ଦଶାଶ୍ୱମେଧ ଘାଟ, ପୂଣ୍ୟ ଗଙ୍ଗାନଦୀର ପାଣି ପ୍ରଭୃତି ପ୍ରାକୃତିକ ଦୃଶ୍ୟ ଓ ତଦ୍‌ଜନିତ ପରିବେଶ ପାଠକ ହୃଦୟକୁ ନିଶ୍ଚିତ ଭାବରେ ଛୁଇଁଥାଏ । 'ରୁବିର ରୁବାଇୟାତ୍' ଗଳ୍ପର ଆରମ୍ଭ ଶ୍ରାବଣ ମାସର ସନ୍ଧ୍ୟା ସମୟରେ ଯେଉଁଠି ଅନ୍ଧାରିଆ ମେଘ, ବିଜୁଳି ଆଲୋକ ଭଳି ପରିବେଶରୁ ଗଳ୍ପଟି ଅଗ୍ରସର ହୋଇଛି । 'ଆଷାଢ଼ସ୍ୟ ପ୍ରଥମ ଦିବସେ' ଗଳ୍ପରେ ଆଷାଢ଼ ମାସର ବର୍ଷ କଥା ରହିଛି । ତନୁଜା ଛିଡ଼ା ହୋଇଥିବା ରାସ୍ତା ଉପରେ ଅସରାଏ ବର୍ଷା ହୋଇ ରାସ୍ତାରେ ପଡ଼ିଥିବା ସମସ୍ତ ମଇଳାକୁ ଧୋଇ ନେଇଛି ରାସ୍ତା କଡ଼ରେ ଯାଇଥିବା ନର୍ଦ୍ଦମା ଭିତରକୁ । ବର୍ଷା ଛାଡ଼ିଯିବା ପରେ ରାସ୍ତା ଯେମିତି ପରିସ୍କାର ହୋଇ ନୂଆ ନୂଆ ଲାଗିଥାଏ ତନୁଜା ଆଗରେ ଏବେ ଠିକ୍ ସେହିପରି ଏକ ରାସ୍ତା ଦଣ୍ଡାୟମାନ । ବର୍ଷାପାଣି ଚାଲି ଯିବାପରେ ରାସ୍ତାରେ ଥିବା ପଥର ଉପରୁ ସବୁ ମଇଳା ଦାଗ ଚାଲିଯାଇଛି ଏବଂ ସେହି ପଥରମାନ ଏବେ ଚକ୍ ଚକ୍ କଳା ପରି ଦୃଶ୍ୟମାନ ହେଉଛନ୍ତି । ବର୍ଷା ଛାଡ଼ି ଯିବାପରେ ଆକାଶ ଓ ମାଟି ଉଭୟଙ୍କର ଏକ ଅପୂର୍ବ ସୁଗନ୍ଧ ଭାସି ଆସୁଛି ପବନରେ । ଯେଉଁ ପାଠକ ଗ୍ରାମ ପରିବେଶ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ ଥିବେ ଏବଂ ବର୍ଷା ଛାଡ଼ିଗଲା ପରେ ଗାଁ ମାଟି ରାସ୍ତାର ସେଇ ଦୃଶ୍ୟ ସ୍ୱଚକ୍ଷୁରେ ଦେଖିଥିବେ ତେବେ ସେମାନେ ଗାଳ୍ପିକଙ୍କ ଏଭଳି ବର୍ଣ୍ଣନକୁ ସହଜରେ ହୃଦୟଙ୍ଗମ କରିପାରୁଥିବେ । ଏ ହେଉଛି ମାଟିର ବାସ୍ନା ଯାହା ମଣିଷ ଜାତିକୁ ପ୍ରକୃତିର ଅବଦାନ । ସେ ବାସ୍ନା ମନେ ପକାଇ ଦିଏ ଗାଁ ମାଟି, ଦାଣ୍ଡ, କ୍ଷେତର କଥା, ଯେଉଁଠି ମାନସିକ ସ୍ତରରେ ମଣିଷ ଫେରି ଯାଇଥାଏ ତା'ର ସେହି ପୁରୁଣା ଗ୍ରାମ୍ୟ ପରିବେଶ ଭିତରକୁ ।

'ମମ୍ମିର କ୍ରନ୍ଦନ' ଗଳ୍ପରେ ଦାର୍ଜିଲିଂର ବରଫାଞ୍ଚଳ କଥା କୁହାଯାଇଛି ଯେଉଁଠି ହିମଗିରିର ଥଣ୍ଡା ଥଣ୍ଡା ପବନ ଆସି ମନୁଷ୍ୟର ଦେହରେ ବାଜେ ଆଉ ଗୁଟେ ଶିତୁଆ ଶିହିରଣ ଖେଳିଯାଏ । ଉଡ଼ାଜାହାଜରେ ଯାତ୍ରା କରୁଥିବା ଶିଳ୍ପପତି ଗୋସ୍ୱାମୀ ଏସବୁକୁ ପ୍ରତ୍ୟକ୍ଷ ଭାବରେ ସ୍ପର୍ଶ କରି ପାରୁନଥିଲେ ମଧ୍ୟ ସେହି ବରଫାଞ୍ଚଳ ଉପର ଦେଇ ଉଡୁଥିବା ଉଡ଼ାଜାହାଜରୁ ବସି ଅନୁଭବ କରିପାରୁଥିଲେ ।

'ଅହଲ୍ୟାର ଇତିବୃତ୍ତ' ଗଳ୍ପରେ ରାତ୍ରି ପରିବେଶକୁ ଗାଳ୍ପିକ ମାୟାବିନୀ ବୋଲି କହିଛନ୍ତି । ତ୍ରୟୋଦଶୀର ଜ୍ୟୋତ୍ସ୍ନା ଚୈତ୍ରର ଉଚ୍ଛୃଙ୍ଖଳ ପବନରେ ମନରେ କେଉଁ ଏକ ଅଜଣା ଜଗତର ଦୃଶ୍ୟ ଦେଖାଯାଉଛି । ସେଥିରେ ମଧ୍ୟ ଧଳା ନୀଳ ମିଶା ଆକାଶ ରହିଛି । ଶ୍ରୀକାନ୍ତ ରାତିରେ ଆକାଶକୁ ଚାହିଁ ରହିଥାଏ । ମନେ ମନେ ଭାବୁଥାଏ ଆକାଶର ସେହି ଜହ୍ନକୁ ଧରି ଆଣି ତା'ସହ ଖେଳୁଥାନ୍ତି । ଜହ୍ନ, ଆକାଶ, ମନୁଷ୍ୟ ଏମାନଙ୍କ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଛି । ଆକାଶରେ ଜହ୍ନ ନଥିଲେ ଆକାଶ ତା'ନିଜ ଭିତରେ ଶୋଭା ପାଏ ନାହିଁ ଆଉ ସେହି ଜହ୍ନକୁ ଯଦି ମାନବ ସମାଜ ନ ଦେଖେ ତେବେ ସେ ଜହ୍ନର ମଧ୍ୟ ମୂଲ୍ୟ ରହେ ନାହିଁ । ମା ତା'ର ସନ୍ତାନକୁ କୋଳରେ ଧରି ଜହ୍ନମାମୁଁକୁ ଦେଖାଇବା ହେଉ ବା ପ୍ରେମିକ ପ୍ରେମିକା ଦୁହେଁ ଜହ୍ନ ରାଇଜକୁ ବୁଲିବାକୁ ଯାଇଥାନ୍ତୁ କିମ୍ବା ପରିଣତ ବୟସରେ ଝର୍କାରୁ ଜହ୍ନକୁ ଦେଖି ନିଜର ଅତୀତର ସ୍ମୃତିଚାରଣ କରିବା ହେଉ ସବୁଠି ଏହି ଆକାଶ ଓ ଜହ୍ନ । ଆକାଶ, ଜହ୍ନ, ମନୁଷ୍ୟ ଯେତେବେଳେ ଏମାନଙ୍କର ଏକତ୍ର ମିଳନ ହୁଏ ସେତେବେଳେ ଆଖି ଆଗକୁ ଯେଉଁ ଦୃଶ୍ୟ ଆସିଥାଏ ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ତଥା ବିମୋହିତକାରୀ । ଏସବୁ ଦୃଶ୍ୟ ପାଠକ ମନରେ ପ୍ରକୃତି ଓ ପରିବେଶ ଜନିତ ଭାବ ଉଦ୍ରେକ କରିଥାଏ ।

'ପୁଷ୍ପଧନୁ' ଗଳ୍ପରେ ସନ୍ଧ୍ୟା ପରିବେଶ କଥା କୁହାଯାଇଛି । ଝରକା ପାଖକୁ ଲାଗି ରହିଥିବା ପଣସ ଗଛର ପତ୍ରରେ ସନ୍ଧ୍ୟା ହେଲେ ଅନ୍ଧାରଗୁଡ଼ାକ ଯେମିତି ପୁଞ୍ଜା ପୁଞ୍ଜା ଆସି ଘସି ହୋଇ ଯାଉଛନ୍ତି । ଘଞ୍ଚ ପତ୍ରର ଫାଙ୍କ ଦେଇ ସୂର୍ଯ୍ୟ ଯେତେବେଳେ ଆରପଟେ ଅସ୍ତ ହେଉଛନ୍ତି ସତେ ଯେପରି ଲାଗୁଛି ପଣସ ଗଛର ଆରପଟେ ଗୋଟାଏ ସୁନାର ଜରି କାଗଜ ମଡ଼େଇ ଦିଆଯାଇଛି । ଦିନର ଶେଷ ଓ ସନ୍ଧ୍ୟାର ଆରମ୍ଭ ସମୟରେ ଗଛପତ୍ରର ଫାଙ୍କା ସେଇ ସୂର୍ଯ୍ୟାଲୋକର ଯେଉଁ ସରଳରେଖା ପରି ରଶ୍ମୀ ଦୃଶ୍ୟମାନ ହୁଏ ପ୍ରକୃତରେ ତାହା ପ୍ରକୃତିର ଏକ ମନଲୋଭା ଦୃଶ୍ୟ । ଏଭଳି ଦୃଶ୍ୟ ଯିଏ ତା'ର ଜୀବନ କାଳ ମଧ୍ୟରେ ଦେଖିଛି ସେ ଅଖିଳ ମୋହନ ପଟ୍ଟନାୟକଙ୍କର ଏହି ବର୍ଣ୍ଣନାକୁ ଅନୁଭବ କରିପାରୁଥିବେ । ସଂକ୍ଷେପରେ ହେଲେ ମଧ୍ୟ ଅଖିଳ ମୋହନ ପଟ୍ଟନାୟକଙ୍କ ହାତରେ ପ୍ରକୃତି ସମ୍ବନ୍ଧୀୟ ଏଭଳି ବର୍ଣ୍ଣନା ଓଡ଼ିଆ ଗଳ୍ପ ସାହିତ୍ୟରେ ବିରଳ । ମଧ୍ୟଯୁଗୀୟ କବି ଅଭିମନ୍ୟୁ ସାମନ୍ତସିଂହାର 'ବିଦଗ୍ଧ ଚିନ୍ତାମଣି' କାବ୍ୟର ୬୭ ଛାନ୍ଦରେ ଏଭଳି ଏକ ଦୃଶ୍ୟର ବର୍ଣ୍ଣନା କରିଥିଲେ ଯେଉଁଠାରେ ଦିନର ଶେଷ ଓ ସନ୍ଧ୍ୟାର ଆଗମନ ସମୟର ଦୃଶ୍ୟକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ କିନ୍ତୁ ଏହି ସମୟରେ ଗୋଟିଏ ସାଧାରଣ ପଣସ ଗଛର ପତ୍ର ମଧ୍ୟରେ ସୂର୍ଯ୍ୟଙ୍କର କିରଣକୁ ପ୍ରବେଶ କରାଇ ପଣସ ପତ୍ରରେ ପଡ଼ିଥିବା ସୂର୍ଯ୍ୟଙ୍କର ସେହି କିରଣକୁ ସୁନା ଜରିର ଉପମା ଦେବା ପ୍ରସଙ୍ଗରେ ଅଖିଳ ମୋହନ ପଟ୍ଟନାୟକଙ୍କ ବର୍ଣ୍ଣନା ଯାଦୁକାରୀ ସ୍ୱତନ୍ତ୍ର ବୋଲି ଜଣାପଡ଼େ ।

'ଶେଷ ଆବିଷ୍କାର' ଗଳ୍ପରେ ମଧୁପୁର ରେଳ ଷ୍ଟେସନର କଥା କୁହାଯାଇଛି । ଯେଉଁଠାରେ ଟ୍ରେନ୍ ଗଲାବେଳେ ତା'ର ଧଳାକଳା ମିଶ୍ରିତ ଧୂଆଁ ଧୀରେ ଧୀରେ କେମିତି ଆକାଶ କୂଳରେ ମିଶି ଯାଉଥାଏ । ଟ୍ରେନ୍ ଗାଡ଼ି ଯିବା ଆସିବାବେଳେ ଗାଁ'ର ଲଙ୍ଗଳା ପିଲା ସବୁ ଘରୁ ବାହାରି ଦୌଡ଼ି ଦୌଡ଼ି ଆସି ଟ୍ରେନକୁ ଚିହ୍ନଟ କରିବାର ଦୃଶ୍ୟ ମନରେ କୌତୁହଳ ସୃଷ୍ଟି କରେ । 'ରତ୍ନଚକ୍ର' ଗଳ୍ପରେ ଯୁଆଙ୍ଗର ଗ୍ରାମ ପରିବେଶ କଥା ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ କହିଛନ୍ତି ଯୁଆଙ୍ଗର ଗାଁ'ଟିକୁ ଘେରି ରହିଛି ମାଇଲ ମାଇଲ ଖୋଲାପଡ଼ିଆ ଆଉ ସେ ପଡ଼ିଆର ଚାରି ପାଖକୁ ଘେରି ରହିଛି ଛୋଟବଡ଼ ଅନେକ ପାହାଡ଼ । ଗାଁ'ର ଚତୁଃଦିଗରେ ପାହାଡ଼ ଓ ତା' ମଝିରେ ପଡ଼ିଆ ଲାଗେ ସତେ ଯେପରି ଏହି ଗ୍ରାମ ଓ ପଡ଼ିଆକୁ ପାହାଡ଼ଗୁଡ଼ିକ ଚାରିପଟୁ ନିବୁଜ କରି ଚିପି ଧରି ରହିଛନ୍ତି । ସତେ ଯେପରି ମା' ତା'ର ସନ୍ତାନଙ୍କୁ କୋଳରେ ଧରି ରଖିଥାଏ । 'ଅନ୍ଧଗଳି' ଗଳ୍ପରେ କ୍ଷିତୀଶର ଗ୍ରାମ୍ୟ ଦୃଶ୍ୟ, ତା'ର ରାସ୍ତା, ତାଳଗଛ ପ୍ରଭୃତିକୁ ଦେଖିଲେ ହଠାତ୍ ଆଖି ସମ୍ମୁଖକୁ ଚାଲିଆସେ ଗ୍ରାମ୍ୟ ପରମ୍ପରାର ସେଇ ଦୃଶ୍ୟ । କ୍ଷିତୀଶ ଯେତେବେଳେ ସହରରୁ ଗ୍ରାମକୁ ଫେରିଛି ସେତେବେଳେ ଗ୍ରାମର ପରିବେଶ କୁହୁଡ଼ି ଆଉ ଧୂଆଁରେ ଅଧା ଅଧା ଦିଶୁଥାଏ । ଦାଣ୍ଡରେ ଗୋଟିଏ ଦୁଇଟା ଶଗଡ଼ ବନ୍ଧା ହୋଇଥିବାର ଦେଖାଯାଏ । ରାସ୍ତା କଡ଼ରେ ଖୁଣ୍ଟି ଆଉ ସେହି ଖୁଣ୍ଟିରେ ବନ୍ଧା ବଳଦମାନଙ୍କର ଫଁ ଫଁ ନିଶ୍ୱାସ ମାରିବାର ଶବ୍ଦ ପ୍ରଭୃତି ପାଠକକୁ ଗ୍ରାମ୍ୟ ପରିବେଶର ଦୃଶ୍ୟ ସ୍ମରଣ କରାଇଥାଏ ।

'ଅକ୍ଟୋପସର କ୍ଷୁଧା' ଗଳ୍ପରେ ଶ୍ରାବଣ ମାସର ଝିପି ଝିପି ବର୍ଷାରେ ପଦ୍ମପୋଖରୀ ହୁଡ଼ା ଉପରେ ଜଣେ ବୃଦ୍ଧ ଓ ଗୋଟିଏ ବାଳକ ବନଶୀ କଣ୍ଟା ଧରି ଛିଡ଼ା ହୋଇ ମାଛ ମାରନ୍ତି । ପୋଖରୀ ହୁଡ଼ାରେ ଥିବା ବୁଢ଼ା ବରଗଛ ହେଉଛି ସେମାନଙ୍କର ଖରା, ବର୍ଷା, ଶୀତର ସାଥୀ । ଝିପିଝିପି ବର୍ଷା, ବନ୍‌ଶୀ କଣ୍ଟା ଧରି ଛିଡ଼ା ହୋଇଥିବା ବୃଦ୍ଧ ଓ ବାଳକ ପାଖରେ ବୁଢ଼ା ବରଗଛ ଯେତେବେଳେ ଗୋଟିଏ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳେ ସେତେବେଳେ ଆଖିକୁ ପଲକ ପକାଇକୁ ମନ ସଂକୋଚ ହୁଏ । ଝିପି ଝିପି ବର୍ଷା ପୋଖରୀ ପାଣି ଉପରେ ପଡ଼ିବା ଏବଂ ପୋଖରୀ ପାଣିରେ ଫୋଟକା ସୃଷ୍ଟି ହେବା ପୁଣି ବର୍ଷା ପାଣି ପୋଖରୀ ପାଣିକୁ ଛୁଇଁବାର ସେ ଶବ୍ଦ ପ୍ରଭୃତି ମନୁଷ୍ୟର ଖୋଲା ଆଖିକୁ ସେମିତି ସ୍ଥିର କରି ରଖିଥାଏ ।

'ମତ୍ସଗନ୍ଧା' ଗଳ୍ପରେ ସୋନପୁର ଅଞ୍ଚଳର କ୍ଷୁଦ୍ର ଧୀବର ପଲ୍ଲୀ, ନଡ଼ାଛପର ଘର, ପ୍ରତି ଘର ଆଗରେ ମାଛଜାଲ, ଡଙ୍ଗାର ଆହୁଲା ଆଦି ଦୃଶ୍ୟକୁ ଦେଖିଲେ ଯେ କେହି ବିମୋହିତ ହୋଇଯିବ । ପୁଣି ତା' ସାଙ୍ଗକୁ ମହାନଦୀର ଦୃଶ୍ୟ ଅତ୍ୟନ୍ତ ମନୋରମ । ଗୋଟିଏ ପଟରେ ସୋନପୁର ଧୀବର ପଲ୍ଲୀର ଶାନ୍ତ ପରିବେଶ ଓ ଅନ୍ୟ ପଟରେ ଧୂସର ପର୍ବତମାଳାର ଉତ୍ତୁଙ୍ଗ ଗାମ୍ଭୀର୍ଯ୍ୟ ଏବଂ ମଝିରେ ମହାନଦୀର ନୀଳନୀଳ ଜଳରାଶିର ରହସ୍ୟମୟ ପରିବ୍ୟାପ୍ତି । ଟିକେ ପବନ ବୋହିଲେ ମହାନଦୀ ପାଣିର ଶୀତଳ ଛୁଆଁ ଆସି ଦେହରେ ବାଜେ ଆଉ ଡ଼ଙ୍ଗା ସବୁ ପରସ୍ପର ଦେହରେ ପିଟି ହୋଇ ଏକ ଅଦ୍ଭୁତ ସଂଗୀତ ସୃଷ୍ଟି କରିଥାନ୍ତି । ନଦୀ ପାହାଡ଼ ହେଉଛି ପ୍ରକୃତି ଏବଂ ଡଙ୍ଗା, ଧୀବର, ଜାଲ ପ୍ରଭୃତି ହେଉଛି ପରିବେଶର ଉପାଦାନ ଏମାନଙ୍କର ଏକତ୍ର ସଂଯୋଗରେ ଏକ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳେ । ପ୍ରତ୍ୟକ୍ଷ ଭାବରେ ନହେଲେ ମଧ୍ୟ ପରୋକ୍ଷ ଭାବରେ ଏଭଳି କିଛି ଦୃଶ୍ୟ ପାଠକର ମାନସିକ ସ୍ତରରେ ସୃଷ୍ଟି ହୋଇଥାଏ ଏହି ଗଳ୍ପକୁ ପଢ଼ିବା ପରେ ।

'ରାଣୀବାଇ' ଗଳ୍ପରେ ମଧ୍ୟ ଗ୍ରାମ୍ୟ ପରବେଶର ଚିତ୍ର ଦେଖିବାକୁ ମିଳେ । ଗାଳ୍ପିକଙ୍କ ଗାଡ଼ି ଖରାପ ହୋଇଥିବା ସ୍ଥାନଟି ହେଉଛି ଏକ ଗ୍ରାମ୍ୟ ପରିବେଶ ଯେଉଁଠି ଆମ୍ବତୋଟା, ଖୋଲା ପଡ଼ିଆ, ଗାଁ'ମୁଣ୍ଡ ଘର ପ୍ରଭୃତି ଦୃଶ୍ୟ ଦେଖିବାକୁ ମିଳିଥାଏ । ଏମିତି ଏକ ପରିବେଶରେ ରାଣୀସେନର ଘର । ରାଣୀସେନା ହେଉଛି ଜଣେ ଦରିଦ୍ର ତଥା ଅସହାୟ ନାରୀ । ଗାଁ ମୁଣ୍ଡରେ ତା'ର ଗୋଟିଏ ଛୋଟ ଘର ପାଖକୁ ଲାଗି ରହିଛି ଖୋଲା ପଡ଼ିଆ ଆଉ ଉପରେ ବିସ୍ତୀର୍ଣ୍ଣ ଆକାଶ । ଗୋଟିଏ ବଖରା ଘର ଓ ଗୋଟିଏ ଖଟ ଆଉ ସାଙ୍ଗରେ ହାରିକେନ୍ ଲଣ୍ଠନ ଯାହା ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ ଯାହା ଫଳରେ ଘର ଆଲୋକ ହେବା ବଦଳରେ ଅଧିକ ଅନ୍ଧାର ହୋଇଯାଉଥାଏ । ଏଭଳି ଦୃଶ୍ୟ ପାଠକ ମନରେ ଗ୍ରାମ୍ୟ ପରିବେଶର ଛବି ଆଙ୍କିଥାଏ ।

ସଂକ୍ଷେପରେ ହେଲେ ମଧ୍ୟ ଅଖିଳ ମୋହନ ପଟ୍ଟନାୟକଙ୍କ ଅଧିକାଂଶ ଗଳ୍ପରେ ପ୍ରକୃତି ଓ ପରିବେଶର ବର୍ଣ୍ଣନା ଏପରି ଭାବରେ ଦେଖିବାକୁ ମିଳିଥାଏ ଯେ ସେହି ସଂକ୍ଷେପ ବର୍ଣ୍ଣନାରେ ମଧ୍ୟ ପାଠକକୁ ଲାଗିଥାଏ ସତେ ଯେମିତି କେଉଁ ଏକ ଅଜଣା ଶକ୍ତି ତା'ହାତ ଧରି ତାକୁ ସେହି ଗାଁ, ପ୍ରକୃତି, ପରିବେଶର ପରିଧି ଭିତରକୁ ଟାଣି ନେଉଅଛି ।

ଗବେଷକ
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର

ISSN -2583-147X (P), Vol.- 9, Issue No.IV, July 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଜଣେ ପାଠକ ଦୃଷ୍ଟିରେ କରୁଣା ଓ କାରୁଣ୍ୟର କାରିଗର ବ୍ୟାସକବି ସେନାପତିଙ୍କ ସରସ୍ୱତୀ ରେବତୀ

**ଡକ୍ଟର ସନ୍ତୋଷ କୁମାର ନାୟକ,** ଓ. ଶି. ସେ-୧

କାରୁଣ୍ୟର ଅପୂର୍ବ କାରିଗର ଫକୀର ମୋହନଙ୍କ ମହନୀୟତା ଫୁଟିଉଠିଛି ଦୁର୍ଭାଗ୍ୟ ଓ ଦୁଃସମୟର ଶରଶଯ୍ୟାରେ । ହାସ୍ୟ ଓ ବ୍ୟଙ୍ଗର ପ୍ରୟୋଗ ହେଲେ ହେଁ ଦୁଃଖ, କଷ୍ଟ, ଦୁର୍ଭାଗ୍ୟ ଓ ମୃତ୍ୟୁର ଅନୁପମ କଳା ଓ କାରିଗରୀ ସେନାପତିଙ୍କୁ ଆଣିଦେଇଛି ଅଜସ୍ର ପାଠକୀୟ ଶ୍ରଦ୍ଧା, ସ୍ୱୀକୃତି ଓ ସମ୍ମାନ । ତାଙ୍କର ଚାରୋଟିଯାକ କାଳଜୟୀ ଉପନ୍ୟାସ ଠାରୁ ଆରମ୍ଭ କରି 'ରେବତୀ', 'ରାଣ୍ଡିପୁଅ ଅନନ୍ତା', 'ଡାକମୁନ୍‌ସୀ' ପ୍ରଭୃତି ଗଳ୍ପ ଓ ଏପରିକି ପୁତ୍ର ମନମୋହନର ମୃତ୍ୟୁରେ ଓ ପ୍ରାଣପ୍ରିୟା ପତ୍ନୀଙ୍କ ଦେହାନ୍ତରେ ରଚିତ 'ଦୀପନିର୍ବାଣ' ଓ 'ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ' ପ୍ରଭୃତି କରୁଣରସାଶ୍ରିତ କବିତା ହିଁ ତାଙ୍କୁ ପାଠକର ମଥାମଣି ନୁହେଁ ବରଂ ହୃଦରତ୍ନ ହାରରେ ପରିଣତ କରିଛି । ଯଥାର୍ଥରେ ସେ ଅଗଣିତ ପାଠକର ହୃତ୍‌ସ୍ପନ୍ଦନ ପାଲଟି ପାରିଛନ୍ତି । ଫକୀରମୋହନ ଯଥାର୍ଥରେ କବି ଭବଭୂତିଙ୍କ ପୁନର୍ଜନ୍ମ ପରି ପ୍ରତୀତ ହୁଅନ୍ତି ଯିଏ କରୁଣରସ ମାଧ୍ୟମରେ ବିଂଶ ଶତକର ଓଡ଼ିଶାର ମନପ୍ରାଣକୁ ଧୋଇପୋଛି ସଫେଦ କରିବାର ଦୁର୍ବାର ପ୍ରଣ ନେଇଥିଲେ । ଏଣୁ ଫକୀର ମୋହନଙ୍କୁ ତାଙ୍କର କୃତି ଓ କୀର୍ତ୍ତି ଆଧାରରେ ଆଧୁନିକ ଓଡ଼ିଶାର ଭବଭୂତି ବୋଲାଇବାରେ କୌଣସି ଦ୍ୱନ୍ଦ୍ୱ ରହେ ନାହିଁ କି ଦ୍ୱିଧାବୋଧ ହୁଏ ନାହିଁ । ତାଙ୍କର 'ଉତ୍କଳ ଭ୍ରମଣଂ' ପାଠକଲେ ଜଣେ ସଚେତନ ପାଠକ ସହଜରେ ଭବଭୂତିଙ୍କ ଦ୍ୱାରା ପ୍ରଭାବିତ ଓ ବିଭାବିତ ଫକୀର ମୋହନଙ୍କୁ ଚିହ୍ନିପାରେ, ଜାଣିପାରେ ଓ ଅନୁଭବ କରିପାରେ । 'ରେବତୀ' ପଢ଼ିଲା ପରେ ଭବଭୂତୀୟ ହାତ ଓ ଛାତିର ଛାଇକୁ ଫକୀର ମୋହନ ଆଙ୍କିଲା ପରି ମନେହୁଏ । ଦେବୀ ସୀତାଙ୍କ ମାନବୀ ହୃଦୟର ଯନ୍ତ୍ରଣା ଜର୍ଜରିତ ଆର୍ତ୍ତନାଦ ଓ ନିରବତାର ପାହାଡ଼ ତଳେ ନିରବତାକୁ ଆହୁରି ନିରବ କରି ପକାଉଥିବା ଭାଗ୍ୟର କରାମତିକୁ କବି ଭବଭୂତି ଆଙ୍କିଥିଲା ପରି ଫକୀରମୋହନ ମାନବୀ ରେବତୀର ଦେବୀବତ୍ ନିରବତାକୁ ଆଙ୍କିଛନ୍ତି । ଫକୀରମୋହନ କରୁଣ ରସକୁ ମୁଖ୍ୟ ଉପକରଣ ଭାବରେ ଗ୍ରହଣ କରି ତାଙ୍କର ସଫଳ କଥାଶିଳ୍ପର ପରିଚୟ ପ୍ରଦାନ କରିପାରିଛନ୍ତି । ଏହା ପାଶ୍ଚାତ୍ୟ ରହସ୍ୟ ହେଉଛି ଫକୀର ମୋହନଙ୍କ ଆଦର୍ଶ ଓ ଅବବୋଧ । ପ୍ରଥମତଃ ଫକୀରମୋହନ କବି ଭବଭୂତିଙ୍କ ଦ୍ୱାରା ଖୁବ୍ ଅଧିକ ପ୍ରଭାବିତ ଥିଲେ । ସେଥିପାଇଁ ବୋଧହୁଏ ତାଙ୍କର 'ଉତ୍କଳ ଭ୍ରମଣଂ' କାବ୍ୟରେ ସେ 'ଭ୍ରମଣ' ଶବ୍ଦ ବଦଳରେ 'ଭ୍ରମଣଂ' ପରି ଅବିକଳ ସଂସ୍କୃତ ଶବ୍ଦ ଲେଖିବା ସହ ଗ୍ରନ୍ଥର ଆଦ୍ୟରେ ଭବଭୂତିଙ୍କ ଧାଡ଼ିର ଅଂଶକୁ ଗ୍ରହଣ କରି ପାଦରେ ପାଦ ଛନ୍ଦି ପଦ ରଚନା କରିଛନ୍ତି । ତାଙ୍କରି ଭାଷାରେ- "କେନଚିତ୍ ଉତ୍କଳ ପୁତ୍ରେଣ ବିରଚିତଂ ।" ପୁଣି ଲେଖିଛନ୍ତି- "ଉତ୍ପତ୍ସ୍ୟତେଽସ୍ତି ମମ କୋଽପି ସମାନଧର୍ମା । ଅବଶ୍ୟ ପଢ଼ିବେ ଯାହା ଲେଖିଗଲେ ଶର୍ମା ।" (ଉତ୍କଳ ଭ୍ରମଣଂ, ବିଶ୍ୱନାଥ କରଙ୍କ ଦ୍ୱାରା ମୁଦ୍ରିତ ଓ ୧୯୧୬ରେ ତୃତୀୟ ସଂସ୍କରଣ ଭାବେ ଉତ୍କଳ ସାହିତ୍ୟ ପ୍ରେସରୁ ପ୍ରକାଶିତ) ସେହିପରି ସେନାପତିଙ୍କ ସାହିତ୍ୟ ଅନୁଶୀଳନ ଓ ଅଧ୍ୟୟନ କଲା ମାତ୍ରେ ଆଉ ଏକ ବଳିଷ୍ଠ ସାହିତ୍ୟ ସ୍ୱରର ପ୍ରତିଧ୍ୱନି ଶୁଣାଯାଏ । ସେ ହେଉଛନ୍ତି ବିଶିଷ୍ଟ ଇଂରେଜୀ କବି ଓ ନାଟ୍ୟକାର ଉଇଲିୟମ୍ ସେକ୍ସପିୟର । ଉଭୟ ଭବଭୂତି ଓ ସେକ୍ସପିୟର 'ଭାଗ୍ୟ' ବା 'ଦୁର୍ଭାଗ୍ୟ' (misfortune)କୁ, ସମୟକୁ ନେଇ ଟ୍ରାଜେଡ଼ି ଓ କରୁଣ ରସର ଝୋଟିଚିତା ଆଙ୍କିଲା ପରି ବ୍ୟାସକବି ସେନାପତି କଥାସମ୍ରାଟ ଫକୀର ମୋହନ ମଧ୍ୟ ସେହି

ସେହି ଉପକରଣ ଓ ଡକ୍‌ନିକ୍ (tools & technique) ପ୍ରଭୃତିକୁ ବ୍ୟବହାର କରି କବି ଭବଭୂତିଙ୍କ 'ଉତ୍ତର ରାମଚରିତ ମାନସ' ଅଥବା ସେକ୍‌ସପିୟରଙ୍କ 'ହାମ୍‌ଲେଟ୍', 'ଓଥେଲୋ', 'ଜୁଲିଅସ୍ ସିଜର୍', 'ମାକ୍‌ବେଥ୍', 'କିଙ୍ଗ୍‌ଲିୟର୍' ଓ 'ରୋମିଓ ଆଣ୍ଡ ଜୁଲିଏଟ୍' ପ୍ରମୁଖ ପ୍ରସିଦ୍ଧ ଟ୍ରାଜେଡ଼ି ପରି ଚମତ୍କାର ଓ କାଳୋତ୍ତୀର୍ଣ୍ଣ କୃତି ରଚନା କରିଯାଇଛନ୍ତି । 'ରେବତୀ' ତନ୍ମଧ୍ୟରୁ ଗୋଟିଏ କାଳଜୟୀ କୃତି ।

'ରେବତୀ' ଗଳ୍ପର ପ୍ରକାଶ କାଳ ୧୮୯୮ ମସିହା ଅକ୍ଟୋବର ମାସ । ତେଣୁ ଗଳ୍ପଟିର ରଚନା କାଳ ଏହାର ଯଥେଷ୍ଟ ପୂର୍ବରୁ ନହେଲେ ମଧ୍ୟ ୧୮୯୬ ରୁ ୧୮୯୮ ଭିତରେ ବୋଲି ଅନୁମାନ କରାଯାଇପାରେ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଏହି ଗଳ୍ପର ପୃଷ୍ଠଭୂମିଗତ ସମୟ । ଗଳ୍ପଟିର ବିବିଧ ଆଙ୍ଗିକ ଓ ଆତ୍ମିକ ବିଭାଗ ଆଧାରରେ ଫକୀର ମୋହନଙ୍କୁ ୫୭ ବର୍ଷ ବୟସ ହେଲାପରେ ସେ ଏହି ଗଳ୍ପଟିକୁ ଲେଖିଛନ୍ତି ଓ ନିଜର ଅଭିଜ୍ଞତା ଓ ଅବବୋଧରୁ ଏହି ଗଳ୍ପର ଉପାଦାନ ଗୁଡ଼ିକୁ ଯୋଗାଡ଼ିଛନ୍ତି । ରୋଗବ୍ୟାଧିର ପ୍ରାଦୁର୍ଭାବ ଯେପରି ଭାବରେ ବର୍ଣ୍ଣିତ, ସେଥିରୁ ଏହା ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ସମୟର ଅଭିଜ୍ଞତା ପରି ପ୍ରତୀତ ହେଉଛି । ବାସ୍ତବରେ ଏହି 'ରୋଗବ୍ୟାଧି' ହିଁ ଗଳ୍ପଟିର ଗତିଶୀଳତା, ଶିଳ୍ପକଳା ଓ ଆବେଦନ ପ୍ରଭୃତିକୁ ଶାଣିତ ଓ ସହଜ କରିପାରିଛି । ଘଟଣାଟି ରାଜଧାନୀ କଟକ ନିକଟରେ ଘଟିଛି । ଅବଶ୍ୟ ଏଇଟି କଟକ ଜିଲ୍ଲାର ହରିହରପୁର ପ୍ରଗଣା ମଧ୍ୟରେ ଏକ ମଫସଲ ଅଞ୍ଚଳର କଥା । ଯାତାୟତ, ଗାଡ଼ିଘୋଡ଼ା ପ୍ରଭୃତିର ସେପରି ସୁବିଧା ନଥିଲା ପାଟପୁର ଗ୍ରାମରେ । ସେହି ଗାଁର ଜଣେ ଭଦ୍ର କରଣ ବ୍ୟକ୍ତି ଶ୍ୟାମବନ୍ଧୁ ମହାନ୍ତି । ତାଙ୍କରି ଘରର, ତାଙ୍କରି ସ୍ୱପ୍ନର, ସ୍ନେହର ଓ ଭାବନାର କେନ୍ଦ୍ର ସବୁକୁ ଆଧାର କରି ରେବତୀ ଗଳ୍ପର ଉପବୃତ୍ତ ସବୁ ନିର୍ମିତ । ଏଣୁ 'ରେବତୀ' ଗଳ୍ପଟି ଆଶା ଓ ଆଶାଭଂଗ, ସ୍ୱପ୍ନ ଓ ସ୍ୱପ୍ନଭଂଗ ଏବଂ 'ଭାବ'ର ଅଭାବ, ପ୍ରଭାବ, ବିଭାବ, ଅନୁଭାବ, ଅବଭାବ, ଅଭିଭାବ, ପ୍ରତିଭାବ, ଅତିଭାବ ଓ ଅଧିଭାବାଦିର ଉପବୃତ୍ତ ଓ ବୃତ୍ତାନ୍ତକୁ ଉଦରସ୍ଥ କରିଥିବା ଏକ ଅଧିବୃତ୍ତ । 'ରେବତୀ' ଗଳ୍ପର କରୁଣ ପରିଣତି ଏହାର ପ୍ରକୃତି ଓ ପ୍ରବୃତ୍ତି ସ୍ପଷ୍ଟ କରେ । କମ୍ପ୍ୟୁଟିଙ୍ଗ୍ ଭାଷାରେ ଏହି ଗଳ୍ପଟି ଏକ ମେଟା-ସାର୍‌କୁଲାର୍-ଇଭାଲୁଏଟର୍ (ଏମ୍.ସି.ଇ.) ବା ମେଟାସାର୍କୁଲାର୍ ଇଣ୍ଟରପ୍ରିଟର୍ (ଏମ୍.ସି.ଆଇ.) ପରି ଯାହା ଏକପ୍ରକାର ଆତ୍ମବିଶ୍ଳେଷକ ବା ଆତ୍ମ-ଉପସ୍ଥାପକ ଅଟେ । ଅତଏବ ଏପରି ଗଳ୍ପର ଅନେକାର୍ଥତା, ବକ୍ରୋକ୍ତି, ସଂଦିଗ୍ଧତା ଓ ଅସ୍ପଷ୍ଟତାକୁ ବିଚାର କରିବା ଅପେକ୍ଷା ଏହାକୁ ଏକ ଆତ୍ମବିଚାରର ଓ ଆତ୍ମ ପ୍ରତିଫଳନର କାଠଗଡ଼ାରେ ଛାଡ଼ିଦେବା ଉଚିତ୍ । ଏଣୁ ଏହାକୁ କେବଳ ଏକ କ୍ଷୁଦ୍ରଗଳ୍ପ ରୂପେ ଦେଖିବା ଦ୍ୱାରା ଏହାର ଆଙ୍ଗିକ ଓ ଆତ୍ମିକ ପ୍ରତି ଯଥାର୍ଥ ନ୍ୟାୟ ମିଳିବା ଦୁଷ୍କର ବୋଧହୁଏ । ଏହା ହୋଇପାରେ ନାରୀ ମନର ଅବ୍ୟକ୍ତ ବେଦନାର ମାର୍ମିକ ଇସ୍ତାହାରଟିଏ । ଏହା ହୋଇପାରେ ସେନାପତିଙ୍କ ଦୃଷ୍ଟି ଓ ଦର୍ଶନର ମନ୍ମୟ ଅଭିବ୍ୟକ୍ତିଟିଏ ବା ପରଂପରା ଓ ପ୍ରଚଳିତ ବିଶ୍ୱାସର ଦୁର୍ଗାଧଃପତନ ଓ ତା'ର ଦୁରନ୍ତ ପରିଣତି । ଏହା ହୋଇପାରେ ଜେଜିମା ପରି ଚରିତ୍ରର ମାନବୀ ଓ ଦେବୀରୂପୀ ଅଭିବ୍ୟକ୍ତି ଓ ବ୍ୟକ୍ତିତ୍ୱର ମାର୍ମିକ ଝୋଟିଚିତ୍ର ବା ବାସୁଦେବ ପରି ନିଷ୍ପାପର ଚରିତ୍ରର ନିର୍ମଳ ଦସ୍ତାବିଜ୍ । ଅନ୍ୟ ଦୃଷ୍ଟିରେ ଅଦୃଷ୍ଟର ବା ଭାଗ୍ୟର ବା ସମୟର ଖେଳ ପରି ଏହି 'ପାଠ' ବା 'ଟେକ୍‌ସ୍ଟ'ଟିକୁ ଦେଖାଯାଇପାରେ । ଟ୍ୱେଲ୍‌ଫ୍‌ଥ ନାଇଟ୍‌ର ପ୍ରଥମ ଅଙ୍କସ୍ଥ ପଞ୍ଚମ ଦୃଶ୍ୟରେ ସେକ୍‌ସପିୟର "Fate, show thy force. Ourselves we do not owe: What is decreed must be; and be this so !" କହିଲା ପରି 'ରେବତୀ' ଗଳ୍ପରେ ଗୋଟି ଗୋଟି ସମସ୍ତ ଚରିତ୍ର ଭାଗ୍ୟ ବିରୋଧରେ ପ୍ରତିବାଦ କରିନାହାଁନ୍ତି କି ସ୍ୱରୋତ୍ତଳନ କରି ନାହାଁନ୍ତି ବରଂ ସେମାନେ ଆଦରି ନେଇଛନ୍ତି ଭାଗ୍ୟର ନିର୍ଦ୍ଦେଶନାମାକୁ । ଏହିପରି 'ରେବତୀ'ର ଟେକ୍‌ଷ୍ଟୁଆଲ୍ ଆୟାମ ଓ କନ୍‌ଟେକ୍‌ଷ୍ଟୁଆଲ୍ ଆୟାମ ଗୁଡ଼ିକୁ ଜଣେ ସଚେତନ ପାଠକ ଲକ୍ଷ୍ୟ କରେ । ଏହି ଘଟଣାର ଚାକ୍ଷୁସ ହିସାବରେ ନିଜେ ଫକୀରମୋହନ ହିଁ ଏହାର ପ୍ରଥମ ପାଠକ । ପୁଣି ବ୍ୟକ୍ତିତ୍ୱର ବାଇଫର୍‌କେସନ୍ ବା ବିଖଣ୍ଡନ ଦ୍ୱାରା ସେ ନିଜକୁ ନିଜେ ପ୍ରଶ୍ନ କରି ସୁଧାରି ନେବା, ସଜାଡ଼ି ନେବା ଶୈଳୀ ପରିହାର ନକରି ନିଜର ଅଂଶୀଦାରିତାକୁ ବା ସହଭାଗିତାକୁ ସ୍ପଷ୍ଟ କରିଛନ୍ତି । ଯଥାର୍ଥରେ ସ୍ରଷ୍ଟା ଫକୀରମୋହନ ଏଠାରେ ଏକପ୍ରକାର ଇମ୍ପ୍ଲାଏଡ୍ ରିଡର୍ ବା ନିହିତ ପାଠକ ଅଟନ୍ତି । ଓ୍ୱଲ୍‌ଫ୍‌ଗେଙ୍ଗ୍ ଆଇଜର୍‌ଙ୍କ ଭାଷାରେ, "an implied reader is a hypothetical figure who is likely to get most of what the author intended." ଆହୁରି ସେନାପତୀୟ ଶୈଳୀକୁ ଦେଖିଲେ ଜଣାଯାଏ ଯେ, ସେ ଜଣେ ନାରେଟର୍‌ର ଅପେକ୍ଷା ଅଧିକତର ଜଣେ ନିହିତ ଲେଖକ ବା ଇମ୍ପ୍ଲାଏଡ୍ ଅଥର । ଯଦ୍ୱାରା ତାଙ୍କ ଲେଖାରେ ବ୍ୟଙ୍ଗ ଓ ବକ୍ରୋକ୍ତି ଅଧିକ ମନସ୍ତାତ୍ତ୍ୱିକ ପ୍ରଭାବ ପକାଇବାରେ ସମର୍ଥ ହୋଇଥାଏ । ସେ ନିଜେ ନିଜର ସମାଲୋଚକ

ଭାବରେ କି ଗଳ୍ପ, କି ଉପନ୍ୟାସ ବା କି ଆତ୍ମଜୀବନୀ- ସବୁଠାରେ ଏହି ସମାଲୋଚକୀୟ ଓ ବ୍ୟଙ୍ଗକାର ମୁଦ୍ରାରେ ଉଭାହୋଇଥାନ୍ତି । ଏଣୁ ଯଥାର୍ଥରେ ତାଙ୍କର ଗଳ୍ପଗୁଡ଼ିକୁ କ୍ରିଟିସିଜିମ୍‌ର କ୍ରିଟିସିଜିମ୍ ବା ମେଟାକ୍ରିଟିସିଜିମ୍ କୁହାଯାଇପାରେ । ଏଠାରେ ଏକଥା କହିବାର ଅର୍ଥ ହେଉଛି ଜଣେ ପାଠକ ଭାବରେ 'ରେବତୀ'କୁ ବା ଆହୁରି ସ୍ପଷ୍ଟ କରି କହିଲେ 'ରେବତୀ'ର ଗଠନ ଓ ଗଢ଼ଣ ବା ଷ୍ଟ୍ରକ୍‌ଚର୍‌କୁ ବି ନିର୍ମାଣ ଦ୍ୱାରା ମୁକ୍ତ କରି ଦେଖିବା ଉଚିତ୍ । ସମୟର ଦନ୍ତାଘାତ ବା କାଳର କରାଳ ସ୍ରୋତର କଥାକୁ କାଳ ନିଜେ ନିଜର ଯଥାବଶ୍ୟକ କଳାତ୍ମକ ରୂପରେ ଦେଖିଲେ ଶ୍ୟାମବନ୍ଧୁ ମହାନ୍ତି, ଜେଜୀମାର ସଂଗୁପ୍ତ ସ୍ନେହ ଓ ଦରଦଭରା ଆତ୍ମା, ବାସୁ ମାଷ୍ଟ୍ରେଙ୍କ ବିମଳ ଆତ୍ମାର ମହତ୍ ଚେଷ୍ଟା ଓ ରେବତୀର ନିର୍ମଳ ଆତ୍ମା ଯଥାର୍ଥ ନ୍ୟାୟ ଲାଭ କରିପାରିବେ ବୋଲି ଜଣେ ପାଠକ ଭାବରେ ମୋର ଦୃଢ଼ ପ୍ରତ୍ୟୟ ।

କହିବା ବାହୁଲ୍ୟ ଯେ, ମଞ୍ଜି ଯେପରି ହେବ ତଦୁଦ୍ଭୂତ ବୃକ୍ଷଟି ମଧ୍ୟ ଅନୁରୂପ ମତେ ହେବ । ତେଣୁ କପିଳେଶ୍ୱର ଗାହାଣ କହନ୍ତି "ପ୍ରକୃତରେ 'ରେବତୀ'ର ସଫଳତା ହିଁ ଓଡ଼ିଆ କ୍ଷୁଦ୍ରଗଳ୍ପର ସଫଳତା ।" (ଓଡ଼ିଆ କ୍ଷୁଦ୍ରଗଳ୍ପ: ସ୍ରଷ୍ଟା ସହୃଦୟ: ୨୦୦୭:୦୭) "ପ୍ରାୟ ତିରିଶବର୍ଷ ପୂର୍ବର ସାମାଜିକ ପରିବେଶକୁ ନେଇ ରଚିତ" ହୋଇଛି ଏହି କ୍ଷୁଦ୍ରଗଳ୍ପ । ପୁଣି ଊନବିଂଶ ଶତାବ୍ଦୀର ଶେଷବେଳକୁ ଓଡ଼ିଶାର ସାମାଜିକ, ରାଜନୀତିକ, ଆର୍ଥନୀତିକ ଓ ବିଶେଷକରି ଧାର୍ମିକ ଓ ଶୈକ୍ଷିକ ବାତାବରଣ ଏକ ଭିନ୍ନ ରୂପ ନେଲାଣି । ଏଣୁ ଜନମାନସରେ ଏକପ୍ରକାର ଦ୍ୱନ୍ଦ୍ୱ ଓ ସଂଘାତ ଏ ନେଇ ଲାଗିରହିଥିଲା । ବିଶେଷକରି ସାମାଜିକ, ଧାର୍ମିକ ଓ ଶୈକ୍ଷିକ କ୍ଷେତ୍ରରେ ଓଡ଼ିଶାର ରକ୍ଷଣଶୀଳ ଲୋକେ ଅତି ଗୁରୁତର ସହକାରେ ଚିନ୍ତା କରୁଥିଲେ । ସେହି ଦ୍ୱନ୍ଦ୍ୱର ପ୍ରଥମ କାରଣ ସାମାଜିକ ନିନ୍ଦା ଅପବାଦ ଓ ଦ୍ୱିତୀୟ କାରଣ ଧର୍ମାନ୍ତରଣର ସମ୍ଭାବନା ଓ ଆଶଙ୍କା ଏବଂ ଏହି ଦୁଇଟି କାରଣର ମୂଳ ଓ ମୁଖ୍ୟସୂତ୍ର ଥିଲା ଇଂରେଜୀ ଶିକ୍ଷା । ଇଂରେଜୀ ଶିକ୍ଷା ଦ୍ୱାରା ଉଭୟ ସାମାଜିକ ଓ ଧାର୍ମିକ ଅବକ୍ଷୟର ଆଶଙ୍କା ସକଳ ମାନସ ଦେଶରେ ଘୋଟି ରହିଥିଲା । ତଥାପି ୟୁରୋପୀୟ ଚିନ୍ତା-ଚେତନା ଆମ ଭିତରକୁ ଆସିଛି । ନବଜାଗରଣର ମଶାଲ ଦାଉଦାଉ ହୋଇ ନଜଳିଲେ ମଧ୍ୟ ମିଞ୍ଜିମିଞ୍ଜି ଜଳିବା ସ୍ପଷ୍ଟ ପ୍ରତୀତ ହୋଇଛି ।

ବିବିଧ ସମାଲୋଚକ ଫକୀରମୋହନଙ୍କ 'ରେବତୀ'କୁ ଭିନ୍ନ ଭିନ୍ନ ମାପକାଠିରେ ମାପିଛନ୍ତି । ରକ୍ଷଣଶୀଳତା ବା ପରଂପରା ଓ ନୂତନତା ମଧ୍ୟରେ ଦେଖାଦେଇଛି ଅସରନ୍ତି ଦ୍ୱନ୍ଦ୍ୱ ଓ ସଂଘାତ । ଡକ୍ଟର କପିଳେଶ୍ୱର ଗାହାଣଙ୍କ ଭାଷାରେ, "ନାରୀଶିକ୍ଷା ପାଇଁ ସୃଷ୍ଟି ହୋଇଥିବା କୌତୂହଳରୁ 'ରେବତୀ'ର ଜନ୍ମ ।" (ତତ୍ରୈବ: ୦୮) ସେ ଆହୁରି କହନ୍ତି, "ତଥାପି ଜେଜୀମା ପ୍ରାଚୀନ ଅନ୍ଧବିଶ୍ୱାସର ପ୍ରତୀକ ରୂପେ ଝିଅପିଲା ପାଠ ପଢ଼ିବା ମନା ବୋଲି ପ୍ରତିବାଦ କରିଛି । ମାତ୍ର ଜେଜୀମାକୁ ଉପେକ୍ଷା କରି ରେବତୀର ପାଠପଢ଼ା ନବଜାଗରଣର ସୂଚନା ଦେଲାବେଳେ ଏହା ସେ ସମୟରେ ନାରୀଶିକ୍ଷା ପ୍ରତି ଲେଖକଙ୍କ ସମର୍ଥନ ହାସଲ କରିପାରିଛି । ପ୍ରକୃତରେ ସେତେବେଳେ ପ୍ରାଚୀନ ପରଂପରା ଓ ଆଧୁନିକ ନବଜାଗରଣ ମଧ୍ୟରେ ଯେଉଁ ଭାବ ସଂଘର୍ଷ ଦେଖାଦେଇଥିଲା, 'ରେବତୀ' ଗଳ୍ପରେ ତାହା ପ୍ରତିଫଳିତ ହୋଇଛି କହିଲେ ଯଥାର୍ଥ ହେବ ।" (ତତ୍ରୈବ: ୦୮) ସମାନ ସ୍ୱର ଓ ସ୍ୱାକ୍ଷର ବାଢ଼ିଛନ୍ତି ପ୍ରଫେସର ଡକ୍ଟର ଉଦୟନାଥ ସାହୁ । ତାଙ୍କରି ଭାଷାରେ "ଫକୀର ମୋହନଙ୍କର ପ୍ରଥମ ସୃଷ୍ଟି 'ରେବତୀ' ଗଳ୍ପରେ ନାରୀଶିକ୍ଷା ପାଇଁ ନୂତନର ଆଶାନ୍ୱିତ ଆହ୍ୱାନ; କିନ୍ତୁ ପୁରାତନର ବିରୋଧ ଓ ପରିଣତିରେ ନୂତନର କରୁଣ ବିପର୍ଯ୍ୟୟ-ଏହି ଭାବଧାରା ହିଁ ରୂପାୟିତ ।" (ସମାଲୋଚକଙ୍କ ଦୃଷ୍ଟିରେ ଫକୀରମୋହନ: ୨୦୦୯: ୫୧) କିନ୍ତୁ ପ୍ରଫେସର ସାହୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଏଠାରେ ଦେଖାଇଛନ୍ତି । ଏବଂ ସେଇଟି ହେଉଛି ଶ୍ୟାମବନ୍ଧୁ ମହାନ୍ତିକୁ ଏକ ରେନେସାଁ ଚରିତ୍ର ଭାବରେ ଚିତ୍ରିତ କରିବା । ସଇତାନ୍ ପାଖରେ ଡକ୍ଟର ଫୋଷ୍ଟସ୍ ନିଜର ଆତ୍ମାକୁ ବିକିଲା ପରି ଜ୍ଞାନ ପାଇଁ, ଶିକ୍ଷା ପାଇଁ, ନାରୀର ଶିକ୍ଷା ପାଇଁ ସେ ଅକାତରେ ମୃତ୍ୟୁକୁ ବରଣ କରିବାକୁ ପଛାଇ ନାହାଁନ୍ତି । ନିରବରେ ଦୁର୍ଭାଗ୍ୟର ଚାବୁକ ପ୍ରହାର, ମୃତ୍ୟୁର ନିର୍ବାସନ ଭୋଗ କରିବାକୁ ପ୍ରସ୍ତୁତ ହୋଇଯାଇଛନ୍ତି । ଆଉ ମୃତ୍ୟୁପରେ ରେବତୀକୁ 'ଶିକ୍ଷିତା ରେବତୀ' ଭାବରେ ଦେଖିବାର ମହତ୍ତ୍ୱାକାଂକ୍ଷା ରଖିଛନ୍ତି । ସେଥିପାଇଁ ସେ ବାସୁ ମାଷ୍ଟ୍ରଙ୍କ ହାତରେ ରେବତୀର ଦାୟିତ୍ୱକୁ ଦେଇଯାଇଥିଲେ । ପ୍ରଫେସର ସାହୁଙ୍କ ଭାଷାରେ- "କିନ୍ତୁ ଶ୍ୟାମବନ୍ଧୁ ଏକ ଯୁଗ ସନ୍ଧିକାଳର ଚରିତ୍ର । ୧୮୭୧ ମସିହା ପରେ ନବ ଅଭ୍ୟୁଦୟ ମଧ୍ୟବିତ୍ତ ଶ୍ରେଣୀର ପ୍ରତୀକ । ଆଧୁନିକ ଶିକ୍ଷା ପ୍ରତି ତାଙ୍କର ରହିଛି ପ୍ରତ୍ୟକ୍ଷ ସମର୍ଥନ । ତାଙ୍କ ହୃଦୟରେ ଦେଖାଦେଇଛି ଦ୍ୱିଧା ସତ୍ତା । ଯାହା ପରଂପରା ପ୍ରତି ଅବିରୋଧୀ, କିନ୍ତୁ ପ୍ରଗତି ପ୍ରତି ଆନ୍ତରିକ । ତେଣୁ ପୁରାତନର ବିରୋଧ ସତ୍ତ୍ୱେ ନୂତନର ଅନୁମୋଦନ କ୍ରମେ ରେବତୀ ପାଠ

ପଢ଼ିଛି । କିନ୍ତୁ ପିତାମାତା ଓ ବାସୁଦେବର ଅକାଳ ବିୟୋଗ, ନିର୍ମମ ଦାରିଦ୍ର୍ୟ, ବୁଢ଼ୀର ଦୃଶ୍ୟହୀନତା ପାଇଁ ସତେ ଯେପରି ରେବତୀର ପାଠପଢ଼ା ହିଁ ସଂପୂର୍ଣ୍ଣ ରୂପେ ଦାୟୀ ରହିଛି ।" (ତତ୍ରୈବ, ପୃ-୫୧) ପ୍ରଫେସର ସାହୁ ଏଠାରେ ବୁଢ଼ୀର ସ୍ତ୍ରୀ ଶିକ୍ଷା ପ୍ରତି ତାଚ୍ଛଲ୍ୟ, ଘୃଣା ପ୍ରଭୃତିକୁ ଦେଖାଇଦେବା ସହ "ତତ୍‌କାଳୀନ ସମାଜରେ ମଧ୍ୟବିତ୍ତ ଶ୍ରେଣୀରେ କିପରି କନ୍ୟାମାନଙ୍କୁ ଶିକ୍ଷା ଦିଆଯାଇ ନଥିଲା", ତା'ର ଏକ ମାର୍ମିକ ଚିତ୍ର ଗଳ୍ପରେ ପ୍ରତିଫଳିତ ହୋଇଛି ବୋଲି କହିଛନ୍ତି ।

ନାରୀ ଶିକ୍ଷା ଓଡ଼ିଶା ମାଟିରେ ଥିବା କଥା କହିଲେ ଅନେକ ଦୃଷ୍ଟାନ୍ତ ମିଳିଥାଏ । ନାରୀମାନେ ଗଣିତ, ତନ୍ତ୍ର, ମନ୍ତ୍ର, ଜ୍ୟୋତିଷବିଦ୍ୟା, ଦର୍ଶନବିଦ୍ୟା ଓ ଅନ୍ୟାନ୍ୟ ଅନେକ ବିଭାଗରେ ନିପୁଣ ଥିଲେ । ପ୍ରାକ୍ ସାରଳା କାଳରୁ ଲକ୍ଷ୍ମୀଙ୍କରା ହୁଅନ୍ତୁ ବା ସାରଳା ସାହିତ୍ୟରେ ବିଭିନ୍ନ ନାରୀ ଚରିତ୍ର ହୁଅନ୍ତୁ ବା 'ଚାଟ ଇଚ୍ଛାବତୀ' ଓ ଭଞ୍ଜଙ୍କ ନାୟିକା ହୁଅନ୍ତୁ ଅଥବା ମାଧବୀ ଦାସୀଙ୍କ ପରି ଭକ୍ତ କବି ହୁଅନ୍ତୁ- କାଳେ କାଳେ ଓଡ଼ିଶାରେ ନାରୀ ଶିକ୍ଷିତ ଥିବାର ପ୍ରମାଣ ରହିଛି । ଭୁବନେଶ୍ୱର ମନ୍ଦିର ଗାତ୍ରରେ ଖୋଦିତ ମୂର୍ତ୍ତିରୁ ନାରୀଶିକ୍ଷା ସଂପର୍କରେ ପ୍ରମାଣ ମିଳିଥାଏ । ନାରୀଟିଏ ଶିକ୍ଷାଦାନ କରୁଥିବା ଓ ଶିଷ୍ୟାଗଣ ଶିକ୍ଷା ଗ୍ରହଣ କରୁଥିବା ଚିତ୍ର ଏହାର ଜ୍ୱଳନ୍ତ ପ୍ରମାଣ ଦିଏ । (Panigrahi, K. C., Archeological Remains at Bhubaneswar, p. 119) ରେବତୀ ମଧ୍ୟ ସେହି ସୂତ୍ରରେ ଶିକ୍ଷିତା ଥିଲା । କିନ୍ତୁ ଏଠାରେ ଯେଉଁ ନାରୀ ଶିକ୍ଷାର କଥା କୁହାଯାଇଛି, ତାହା ହେଉଛି ଆଧୁନିକ ନାରୀ ଶିକ୍ଷା, ଆଧୁନିକ (ଇଂରେଜୀ) ଶିକ୍ଷା ଓ ଚଳଣି ଇତ୍ୟାଦି । ଏହାକୁ ନେଇ ପ୍ରତିବାଦ ଜନମାନସରେ ଥିଲା । କାରଣ ବାସୁଦେବ ଗାଁର ଅପର ପ୍ରାଇମେରୀ ସ୍କୁଲର ଶିକ୍ଷକ ଥିଲେ । ଏସବୁ ମାକ୍‌ଲେଙ୍କ ଶିକ୍ଷାନୀତି ଉତ୍ତରକାଳର ମଡ଼େଲ ମଧ୍ୟସ୍ଥ ଶିକ୍ଷା । 'ଉତ୍କଳ ଦୀପିକା'ର ସଂପାଦକ ୧୮୮୧ ସାଲରେ ବାଳିକା ବିଦ୍ୟାଳୟର ମହତ୍ତ୍ୱ ତଥା ତାହାର ଗୁରୁତ୍ୱ ବ୍ୟକ୍ତ କରିବାକୁ ଯାଇ କହିଥିଲେ- "ଉତ୍କଳରେ ସ୍ତ୍ରୀ ଶିକ୍ଷା ପୂର୍ବରୁ ଚଳି ଆସୁଅଛି । ରାଜା ଓ ବିଷୟାପନ୍ନ କରଣମାନେ ଆପଣା ଆପଣା ବାଳିକାମାନଙ୍କୁ ଘରେ କିଛି ଲେଖାପଢ଼ାର ଶିକ୍ଷା ଦେଇଥାନ୍ତି ।" (ଉତ୍କଳ ଦୀପିକା, ୧୬ଶ ଭାଗ, ସଂଖ୍ୟା ୪୪, ତା-୫.୧୧.୧୮୮୧) ଭାଗ୍ୟଚକ୍ର ଓ ପରିସ୍ଥିତିର ଆବର୍ତ୍ତରେ କଥା ବଦଳିଯାଏ । ଫକୀରମୋହନ ଲେଖିଥିବା 'ରେବତୀ'ର ଜେଜୀମା ସେହି ପରିସ୍ଥିତିର ବଶବର୍ତ୍ତୀ ହୋଇ ରେବୀର ପାଠପଢ଼ାକୁ ନାପସନ୍ଦ କରିଛି । ଏହି କ୍ରମରେ ନାରୀର ଭାଗ୍ୟାକାଶରେ କଳାବଉଦ ଘୋଟିଯାଏ । ପରଂପରା ଓ ସଂସ୍କୃତି ନାମ୍ନୀ ଅପସଂସ୍କୃତିର ବିଶ୍ୱାସବ୍ୟୁହରେ ସେ ବଳିପଡ଼େ; ଅଭିମନ୍ୟୁ ପାଲଟେ । ମଣିଷ ସେହି ବ୍ୟୁହ ଭିତରୁ ହଠାତ୍ ବାହାରି ଆସି ଆଧୁନିକତାକୁ ଗ୍ରହଣ କରିପାରେନା । ଫକୀରମୋହନ ନିଜେ ବାଲେଶ୍ୱର ମିଶନ୍ ସ୍କୁଲରେ ପ୍ରଧାନଶିକ୍ଷକ ଥିଲାବେଳେ ସେହି ସ୍କୁଲ ସଂଲଗ୍ନ ମିଶନାରୀଙ୍କ ଦ୍ୱାରା ପରିଚାଳିତ ଏକ ବାଳିକା ବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା । ଏହି ବାଳିକା ବିଦ୍ୟାଳୟଟି ଗୋଟିଏ ବଡ଼ ବଂଗଳା ଘରର କାନ୍ଥ ଦ୍ୱାରା ପୃଥକ୍ ହୋଇ ବାଳକ ବିଦ୍ୟାଳୟର ଅପର ପାର୍ଶ୍ୱରେ ଚାଲିଥିଲା । ଫକୀରମୋହନ ତାଙ୍କ 'ଆତ୍ମଜୀବନୀ ଚରିତ' ରେ ଲେଖିଛନ୍ତି ଯେ "ବାଳିକା ବିଦ୍ୟାଳୟରେ କେବଳ ଖ୍ରୀଷ୍ଟାନ୍ ଛାତ୍ରୀମାନେ ପଢୁଥିଲେ । ଜାତି-ପାତ ଆଶଙ୍କାରେ ବାଳିକାମାନଙ୍କୁ ପଢ଼ାଇବା ହିନ୍ଦୁମାନଙ୍କ ପକ୍ଷରେ ନିତାନ୍ତ ଭୟର କାରଣ ଥିଲା ।" (ଆତ୍ମଜୀବନ ଚରିତ, ୧୯୨୭: ୨୫) ଏହି ଆତ୍ମଚରିତଟି ପୁତ୍ର ମୋହିନୀ ମୋହନ ସେନାପତିଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ବେଳେ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଦ୍ୱାରା ମୁଦ୍ରିତ ହୋଇ ଶ୍ରୀ ରାଧାନାଥ କୋଅପରେଟିଭ୍ ପ୍ରେସ୍‌ରୁ ପ୍ରକାଶ ଲାଭ କରିଥିଲା । ୧୮୭୧ ମସିହା ଯାଏଁ ଆନୁଷ୍ଠାନିକ ଭାବେ ବା ବିଧିବଦ୍ଧ ରୂପରେ କଟକ ପରି ସହରରେ ମଧ୍ୟ ହିନ୍ଦୁ ବାଳିକାମାନଙ୍କ ଉଦ୍ଦେଶ୍ୟରେ କୌଣସି ବିଦ୍ୟାଳୟ ସ୍ଥାପିତ ହୋଇପାରି ନଥିଲା । ଯାହାଥିଲା କେବଳ ଔପଚାରିକ ଘରୋଇ ନାରୀଶିକ୍ଷା । ସେହି ୧୮୭୧ ସାଲ୍‌ରେ ହିନ୍ଦୁ ବାଳିକାମାନଙ୍କ ପାଇଁ ବିଦ୍ୟାଶିକ୍ଷା ପାଇଁ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହେଲା । ପ୍ରଥମେ ଏହା ବାଲୁବଜାରସ୍ଥ ଅବିନାଶ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ବସାରେ କାର୍ଯ୍ୟକାରୀ ହେଲା । ଛାତ୍ରୀ ସଂଖ୍ୟା ହେଲା ଚଉଦ । ୧୮୮୧ ମସିହା ଯାଏଁ ମଧ୍ୟ ଏହାର ଗୁରୁତ୍ୱ ଲୋକମାନସରେ ପହଞ୍ଚିପାରି ନଥିଲା । ୧୮୮୧ ବେଳକୁ ସମୁଦାୟ ୨୫ଜଣ ବାଳିକାଙ୍କ ଭିତରୁ ମାତ୍ର ୪ଜଣ ଓଡ଼ିଆ ବାଳିକା, ବଂଗଦେଶୀୟ ବଂଗାଳୀ ବାଳିକା ୬ଜଣ, ଓଡ଼ିଶା ପ୍ରଦେଶରୁ ବଂଗାଳୀ ବାଳିକା ୧୪ଜଣ, ଜଣେ ହିନ୍ଦୁସ୍ଥାନୀ ବାଳିକା ଶିକ୍ଷାର୍ଥୀ ଭାବରେ ନାମ ଲେଖାଇଥିଲେ । ତେବେ ବାସୁମାଷ୍ଟ୍ରେ ଚାକିରି କରିଥିବା ଅପର ପ୍ରାଇମେରୀ ସ୍କୁଲଟି ବାଳିକା ବିଦ୍ୟାଳୟ ନଥିଲା । ଏଣୁ ସହଶିକ୍ଷାରେ ରେବତୀ ପାଠ ପଢ଼ିବା କଥା ଫକୀରମୋହନ ହୁଏତ କହିଛନ୍ତି ଆଲୋଚ୍ୟ 'ପାଠ'ରେ । କଟକ ପରି ସହରରେ ୧୦ବର୍ଷ ଗୋଟିଏ ବାଳିକା ବିଦ୍ୟାଳୟ ଚାଲିଲା ପରେ ମଧ୍ୟ ମାତ୍ର

ଚାରିଗୋଟି ହିନ୍ଦୁ ବାଳିକା ପଢ଼ିବାକୁ ଆସିଥିଲେ । ଏଥିରୁ ସେ ସମୟରେ ଓଡ଼ିଶାରେ ପ୍ରଚଳିତ ଆଧୁନିକ ଢାଞ୍ଚାର ନାରୀଶିକ୍ଷା କଥା ଚିନ୍ତା କରାଯାଇପାରେ । ଉତ୍କଳୀୟ ନାରୀମାନଙ୍କର ଆଚରଣ ଓ ଲଜ୍ଜାବୋଧକୁ ଲକ୍ଷ୍ୟକରି ସେନାପତି ଲେଖିଛନ୍ତି- "ହିନ୍ଦୁ ଭୁଆସୁଣୀଙ୍କ ପରି କଇଁ ଗୁଡ଼ିକ ରାତିରେ ତୁନି ତୁନି ଫୁଟନ୍ତି, ଦିନବେଳେ ଢାଙ୍କିଢୁଙ୍କି ହୋଇ ରହନ୍ତି । ସେଥିମଧ୍ୟରେ ପାଣି ଶିଉଳି ଫୁଲ ଗୁଡ଼ିକ ଅଭିଆଡ଼ି ଝିଅଙ୍କ ଭଳି ଲାଜ ନାହିଁ, ସରମ ନାହିଁ, ଦିନରାତି ପବନରେ ଫକ୍ ଫକ୍ ଡେଉଁଛନ୍ତି । ପୁଣି ଭିତରକୁ ରତା କଇଁ ଏମାନେ ଖ୍ରୀଷ୍ଟାନ୍ ଲେଡ଼ି, କଇଁ ଦଳରୁ ବାହାରିଗଲେଣି, ପଦ୍ମ ଦଳରେ ପଶିପାରି ନାହାଁନ୍ତି ।" (ଛ'ମାଣ ଆଠଗୁଣ୍ଠ) ଫକୀର ମୋହନଙ୍କ ଏହି ମନ୍ତବ୍ୟ ଭିତରେ ସେ ସମୟ ଓ ଏ ସମୟର ନାରୀଶିକ୍ଷା ସଂପର୍କିତ ମାର୍ମିକ ସୂଚନା ଓ ସଂଦେଶ ରହିଛି । ବର୍ତ୍ତମାନ ଆସିବା 'ରେବତୀ'ରେ ନାରୀଶିକ୍ଷାର କଥାକୁ ।

ପ୍ରକାଶ ଥାଉକି ସରସ୍ୱତୀ ଫକୀରମୋହନ ନାରୀଶିକ୍ଷାର ପକ୍ଷପାତୀ ଥିଲେ । ଅନେକ ସ୍ଥଳରେ ସେ ଏହାକୁ ସ୍ୱୀକାର ମଧ୍ୟ କରିଛନ୍ତି । ତାଙ୍କର ସମର୍ଥନକୁ ଅନ୍ୟଭାବରେ ସେ ପ୍ରତିପାଦନ ମଧ୍ୟ କରିଛନ୍ତି । ମାତ୍ର ସେ ନାରୀଶିକ୍ଷା ପାରଂପରିକ ନା ଆଧୁନିକ ଏକଥା ସେ ଅବଶ୍ୟ ସ୍ପଷ୍ଟ କରିନାହାଁନ୍ତି । ସେ ଯେଉଁଠି ବି ଯାହାକିଛି କହିଛନ୍ତି, ସେ ସବୁକିଛି ଆମ ପରଂପରା ଦ୍ୱାରା ସମର୍ଥିତ । "ରେବତୀର ଶିକ୍ଷା ଏହି ରୀତିର । ମାତ୍ର 'ରେବତୀ' ଗଳ୍ପକୁ କେତେକ ସମାଲୋଚକ ମନେ କରିଛନ୍ତି ଯେ, ଏଥିରେ ଫକୀରମୋହନ ଆଧୁନିକ ନାରୀଶିକ୍ଷାର ପ୍ରଚାର ପାଇଁ ଚେଷ୍ଟା କରିଛନ୍ତି । କିନ୍ତୁ ରେବତୀର ଅସହାୟ ପରିଣତି ଦେଖିଲେ ନାରୀଶିକ୍ଷାର ଅଗ୍ରଗତିରେ ରେବତୀ ଗଳ୍ପ ଯେ ଏକ 'ସ୍ଥାଣୁ' ଏକଥା ନିଃସନ୍ଦେହରେ କୁହାଯାଇପାରେ । ପାରଂପରିକ ରୀତିରେ ଯେଉଁ ଶିକ୍ଷାଦାନ ଘରୋଇ ଭାବରେ ଇତସ୍ତତଃ ପ୍ରଚଳିତ ଥିଲା, ସେଇ ଶିକ୍ଷାକୁ ସର୍ବସାଧାରଣରେ ଚଳାଇ ନେବାର ଉଦ୍ଦେଶ୍ୟ ହୁଏତ ଫକୀର ମୋହନଙ୍କର ଥିଲା । କିନ୍ତୁ ଇଂରାଜୀ ଶିକ୍ଷା ପାଇଁ ଓଡ଼ିଆ ହିନ୍ଦୁ ଝିଅଟିଏ କୌଣସି ଜୀବିକା ବା ବୃତ୍ତିର ଆଶ୍ରୟ ନେଉ, ଏକଥା ହୁଏତ ଫକୀରମୋହନ ଚାହୁଁନଥିଲେ ।" (ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର, ଫକୀରମୋହନଙ୍କ ସାହିତ୍ୟରେ ସମକାଳୀନ ଓଡ଼ିଶା ଚିତ୍ର, ୨୦୧୪: ୨୦୯) ଏପରିକି ତାଙ୍କ ପାରିବାରିକ ଜୀବନ ସଂକ୍ରାନ୍ତରେ ଉଲ୍ଲେଖ ଅଛି ଯେ, "ଫକୀର ମୋହନ ସାମାଜିକ ଓ ପାରିବାରିକ କ୍ଷେତ୍ରରେ ପକ୍କା ମାନ୍ଧାତା ଅମଳର ବ୍ୟକ୍ତି ଥିଲେ । ପ୍ରଚଳିତ ସାମାଜିକ ପ୍ରଥା ପ୍ରତି ତାଙ୍କର ସହଜାତ ଶ୍ରଦ୍ଧା ଓ ବିଶ୍ୱାସ ଥିଲା । ହିନ୍ଦୁ ସାମାଜିକ ନିୟମ ଓ ଖଣ୍ଡାୟତ ଜାତିର ରୀତିନୀତି ପ୍ରତି ତାଙ୍କର ଏତେ ଅଗାଧ ମମତା ଥିଲା ଯେ, ସେ ତାଙ୍କର ପାଶ୍ କରିଥିବା ବଂଗଳାର ବ୍ରାହ୍ମ ସମାଜରେ ଓ ସାମାଜିକ ଉଦାର ପରିବେଷ୍ଟନୀ ଭିତରେ ବଢ଼ିଥିବା ବୋହୂକୁ ବଡ଼ କାଇଦା ଓ କଟକଣା ଭିତରେ ରଖିଥିଲେ ।" (ଫକୀରମୋହନଙ୍କ ପାରିବାରିକ ଜୀବନ, ଲେଖିକା: ସରଳା ଦେବୀ, ଫକୀରମୋହନ ପରିକ୍ରମା, ସଂ. ଜାନକୀ ବଲ୍ଲଭ ମହାନ୍ତି) ତେବେ ମୋଟ ଉପରେ ଫକୀରମୋହନ ତାଙ୍କ ଜୀବନକାଳ ଭିତରେ ଯେଉଁ ନାରୀଶିକ୍ଷାର ସ୍ୱପ୍ନ ଦେଖୁଥିଲେ ତାହା ଥିଲା ଏକାନ୍ତ ସାଂସ୍କୃତିକ, ପାରଂପରିକ ସତ୍‌ଶିକ୍ଷା, ଯଦ୍ଦ୍ୱାରା ନାରୀଟିଏ ଘରକୁ ଘର ପରି, ଘରକୁ ସ୍ୱର୍ଗ ପରି ତିଆରି କରି ଗୃହାଙ୍ଗନକୁ ଶ୍ରୀମନ୍ତ ଓ ଶ୍ରୀଯୁକ୍ତ କରିବ, ସ୍ୱୈରାଚାର ଓ ବ୍ୟଭିଚାରଯୁକ୍ତ ନୁହେଁ । ଏହାଦ୍ୱାରା ହିଁ ସଂସାର ହୋଇପାରିବ ସରସ ଓ ସୁନ୍ଦର ।

ନାରୀର ସ୍ୱର୍ଗୀୟ ରୂପ ଓ ତା'ର ସ୍ୱର୍ଗୀୟ ଦୀପ୍ତିକୁ ନିଜେ ଫକୀରମୋହନ ଅନୁଭବ କରିଛନ୍ତି ପ୍ରାଣପ୍ରିୟା ପତ୍ନୀ କୃଷ୍ଣପ୍ରିୟାଙ୍କ ଦ୍ୱାରା । 'ଛ'ମାଣ ଆଠଗୁଣ୍ଠ'ର ସାଆନ୍ତାଣୀ ଚରିତ୍ର ହେଉ ବା 'ପେଟେଣ୍ଟ ମେଡ଼ିସିନ୍'ର ସେବୀ ସୁଲୋଚନା ହୁଅନ୍ତୁ, ସବୁଠି ନାରୀର ଦୈବୀ ରୂପର ଅବତାରଣା ହୋଇଛି । ସେହିପରି 'ରେବତୀ' ଗଳ୍ପରେ ଶ୍ୟାମବନ୍ଧୁଙ୍କ ଧର୍ମପତ୍ନୀ, ଜେଜୀମା ଓ ନିଜେ ରେବତୀ- ଏ ତିନିହେଁ ଯାକ ଶାନ୍ତ-କାନ୍ତ-ନମ୍ର-କମ୍ର ସ୍ୱଭାବଯୁକ୍ତା । "'ରେବତୀ' ଗଳ୍ପରେ ଜେଜୀମା ଯଦିଓ ରେବତୀର ପାଠପଢ଼ାକୁ ସମର୍ଥନ କରିପାରି ନାହିଁ, ତଥାପି ତା'ର ଅନ୍ତରରେ ବାତ୍ସଲ୍ୟରସର ସ୍ୱର୍ଗୀୟ ଦୀପ୍ତି ସୃଷ୍ଟି ହୋଇଛି । ରେବତୀ ଯେତେବେଳେ ଜ୍ୱରରେ ଆକ୍ରାନ୍ତ ହୋଇପଡ଼ିଛି, ପରେ ସାମାନ୍ୟ ଭଲ ହୋଇଛି, ସେତେବେଳେ ବୁଢ଼ୀ ଖୁସି ହୋଇଛି । ତା'ର ଅନ୍ତରରେ ଖେଳିଯାଇଛି ଆନନ୍ଦର ଢେଉ ।" (ସାହୁ, ପ୍ର. ଉଦୟନାଥ, ୨୦୦୯: ୫୬) ସକଳ ଦୁର୍ଦ୍ଦିନର କାରଣ ମାନୁଥିବା ଓ ନିଜେ ଆଖିରେ ଭଲଭାବେ ଦେଖିପାରୁ ନଥିବା ସତ୍ତ୍ୱେ ରେବତୀର ଖିଆଲ ସେ ବରାବର ରଖିଛି । ରେବତୀକୁ ଜ୍ୱର ହେଲାବେଳେ ସେ ଅଣ୍ଡାଳି ଅଣ୍ଡାଳି ତା'ର ପ୍ରିୟ ନାତୁଣୀକୁ ଖୋଜିଛି । ତା'ଦେହରେ ହାତବୁଲାଇ ତାତି ମାପିଛି । ନିମ୍ନ ବର୍ଣ୍ଣନାରୁ ଏକଥା ସ୍ପଷ୍ଟ ହେବ । "ମାତ୍ର ବୁଢ଼ୀ ଖୁସି ହେଲା, ଦେହରେ ତାତି ନାହିଁ । କଥା କହୁନଥିଲା ପାଟି ଫିଟାଇଲାଣି । ଚାହୁଁନଥିଲା, ଆଖି ଫିଟାଇଲାଣି, ପାଣି ପିଇବାକୁ ମାଗିଲାଣି, ଛ'ଦିନ ହେଲା ଜିଭରେ ପାଣି ଟୋପାଏ ବାଜି ନାହିଁ ।

ଚାରିଟା ପୋଥି ପେଟରେ ପଡ଼ିଲେ ଝିଅଟା ଉଠିବସିବ। ତୁ ଶୋଇଥା, ମୁଁ ଚାରିଟା ପଥି ରାନ୍ଧି ଆଣେ। ଏହା କହି ବୁଢ଼ୀ ବାହାରକୁ ବାହାରି ଆସିଲା।" (ଉତ୍କଳ ସାହିତ୍ୟ, ୧୮୯୮, ୨ୟ ଖଣ୍ଡ, ୧୦ମ ସଂଖ୍ୟା, ପୃ- ୨୩୩) ଏହିପରି ସ୍ନେହମୟୀ ଜନନୀର ଚିତ୍ର ତାଙ୍କର ସାହିତ୍ୟରେ ସର୍ବତ୍ର ବିଦ୍ୟମାନ। ନାରୀକୁ ଫକୀରମୋହନ ଏହିପରି ଏକ କରୁଣାର ମୂର୍ତ୍ତି ଭାବରେ ଦେଖିଛନ୍ତି। ରେବତୀ ବାସୁମାଷ୍ଟ୍ରେଙ୍କ ମୃତ୍ୟୁଖବର ଶୁଣି ଓ ଶ୍ୟାମବନ୍ଧୁଙ୍କ ମୃତ୍ୟୁ ଖବର ଶୁଣି ପତ୍ନୀଙ୍କ ମୃତ୍ୟୁବରଣ ଏକପ୍ରକାର ଦେହତ୍ୟାଗ ପରି ବୋଧହୁଏ। ସେନାପତିଙ୍କ ଦୃଷ୍ଟିରେ ଏହାହିଁ ନାରୀର ସ୍ୱରୂପ।

'ରେବତୀ' ଏକ ରୋମାଣ୍ଟିକ୍ ବୃତ୍ତାନ୍ତର ନିରବ ଚିତ୍ରଲିପି। ଉତ୍କଳୀୟ ସଂସ୍କୃତି ଓ ପରଂପରାରେ ଜଣେ ଅବିବାହିତା କିଶୋରୀ ହେଉଛି ରେବତୀ। ରେବତୀ ଏକ ଅଶ୍ରୁପୂର୍ଣ୍ଣ ବହିଯାଉଥିବା ନଦୀର ନାଁ। ବାସୁଦେବ ରେବତୀକୁ ପଢ଼ାଇବାର ଦାୟିତ୍ୱ ନେବାପରେ ଅଥବା ତାକୁ ପାଠ ପଢ଼ାଇବା ଉତ୍ତାରେ– ତା'ମନରେ କୌଣସି ବିକାର ଆସିନଥିଲା। କିନ୍ତୁ ଯେତେବେଳେ ଜେଜୀମା ସମ୍ମୁଖରେ ଶ୍ୟାମବନ୍ଧୁ ରେବତୀ ଓ ବାସୁଦେବର ବିବାହ ପ୍ରସ୍ତାବ କଥା ପ୍ରକାଶ କରିଛନ୍ତି, ସେକଥା ରେବତୀ ଶୁଣିଲା ପରେ ହିଁ ତା'ମନରେ, ହୃଦୟର ନିଭୃତ କୋଣରେ ଲଜ୍ୟାବୋଧ ସୃଷ୍ଟି ହୋଇଛି। ଏକପ୍ରକାର ଅନୁରାଗ ଅବଶ୍ୟ ତା'ଭିତରେ ବାସୁ ପ୍ରତି ଆସିଛି, କିନ୍ତୁ ତଥାପି ସେ ଅନୁରାଗ ମର୍ଯ୍ୟାଦାର କୌଣସିଟି ସୀମା ଲଂଘନ କରିନାହିଁ। ସେ ଭଲପାଇଛି ନୀରବରେ, ଗଭୀର ହୃଦୟର, ଅତଳ ସାଗର ଗର୍ଭରେ ଏବଂ ସେଇ ନିରବତା ଭିତରେ ହିଁ ତା'ର ଓ ବାସୁଦେବର କରୁଣ ପରିଣତି ଦେଖାଦେଇଛି। ଜଣଙ୍କ ପରେ ଆଉଜଣେ ଇହଲୀଳାକୁ ସମ୍ବରଣ କରିଛନ୍ତି। ସେକ୍ସପିୟରଙ୍କ ରୋମିଓ ଓ ଜୁଲିଏଟ୍ ପରି ନୁହେଁ ବରଂ ଉତ୍ତରରାମଚରିତ ମାନସର ଶ୍ରୀରାମଚନ୍ଦ୍ର ଓ ଦେବୀ ସୀତାଙ୍କ କରୁଣରସାପ୍ଲୁତ ଅଥଚ ଅନୁପମ ପ୍ରେମକାହାଣୀ ପରି ବିଚ୍ଛେଦର ଝୋଟିଚିତା ମଧ୍ୟରେ ରେବତୀ ଓ ବାସୁଦେବର ପ୍ରେମକାହାଣୀ ଫୁଟିଉଠିଛି।

ବର୍ତ୍ତମାନ 'ରେବତୀ'ର ପତ୍ରିକା ପାଠ (ମୂଳପାଠ) ଓ ଅଧୁନା ମିଳୁଥିବା ବିବିଧ ସଂକଳନରେ ଉପଲବ୍ଧ ପାଠ (ପ୍ରଚଳିତ ପାଠ / ଅଧୁନାତନ ପାଠ) ବା ପରିଚିତ ପାଠ ସଂପର୍କରେ ସାମାନ୍ୟ ଦୃକ୍‌ପାତ କରିବା। ଇତିମଧ୍ୟରେ ଜଣେ ପାଠକ ହିସାବରେ କୌତୂହଳ ବଶତଃ ମୁଁ 'ରେବତୀ' ଗଳ୍ପକୁ ଆଗରୁ ପଢ଼ିଥିବା 'ପାଠ' ବା ଟେକ୍ସଟ୍ ସହ ଏବେକାର ଉପଲବ୍ଧ ପାଠ ମଧ୍ୟରେ ବୈଷମ୍ୟ ଓ ଅଭାବ ଲକ୍ଷ୍ୟ କରିବାରୁ ଅନ୍ୟାନ୍ୟ ପାଠ (ଉପଲବ୍ଧ) ଖୋଜିଲି। ମାତ୍ର ସ୍ମୃତିର ସେହି ଚିତ୍ର ସହ ପାଠଗୁଡ଼ିକ ନ ମିଶିବାରୁ ମୂଳପାଠ ବା ପତ୍ରିକା ପାଠକୁ ଖୋଜିଲି ଯାହା ସର୍ବପ୍ରଥମେ 'ଉତ୍କଳ ସାହିତ୍ୟ' ପତ୍ରିକାର ୨ୟ ଖଣ୍ଡ, ୧୦ ସଂଖ୍ୟା ବା ୧୮୯୮ ମସିହା ଅକ୍ଟୋବର ମାସରେ ପ୍ରକାଶିତ ହୋଇଥିଲା। ଗଳ୍ପଟି ଅବଶ୍ୟ ଫକୀର ମୋହନଙ୍କ 'ଶ୍ରୀଧୂର୍ଜଟୀ' ଛଦ୍ମ ନାମରେ ପ୍ରକାଶ ଲାଭ କରିଥିଲା। (ଉତ୍କଳ ସାହିତ୍ୟର ୨/୧୦ ସଂଖ୍ୟାର ପୃଷ୍ଠା ୨୨୭ ରୁ ୨୩୩ ଦ୍ରଷ୍ଟବ୍ୟ) ଗଳ୍ପର ମୂଳପାଠରେ ବା ମୁଖ୍ୟ ପାଠରେ ଥିବା କେତେକ ଶବ୍ଦକୁ ଇଚ୍ଛାକୃତ ଭାବରେ ପ୍ରଚଳିତ ପାଠରେ ବଦଳାଇ ନୂତନ ଶବ୍ଦ ପ୍ରୟୋଗ କରାଯାଇଛି ବା ଅଜାଣତରେ ଛାଡ଼ିଦିଆଯାଇଛି। କିନ୍ତୁ ଏହି 'ଲୁପ୍ତି' ବା ଓମିସନ୍ ବିଭିନ୍ନ ଭ୍ରମାତ୍ମକ 'ବିବେଚନା' ବା ଇଣ୍ଟରପ୍ରିଟେସନ୍‌କୁ ଜନ୍ମଦେବାରେ ସାହାଯ୍ୟ କରିଛି। କିନ୍ତୁ ଯେଉଁ ସବୁଠାରୁ ବଡ଼ ଦୁଃସାହସିକ କାର୍ଯ୍ୟଟି ଦେଖାଯାଏ, ସେଇଟି ହେଉଛି 'ରେବତୀ'ର ମୂଳପାଠାଂଶ ପୂର୍ବରୁ ଲେଖକ ପ୍ରତିକାରେ ପ୍ରକାଶନ କାଳରେ ଦେଇଥିବା ପୁରୋଲେଖଟିକୁ ପରବର୍ତ୍ତୀ କାଳର ପ୍ରାୟଶଃ ସଂପାଦକ ଓ ପ୍ରକାଶକମାନେ ବାଦ୍ ଦେଇଦିଅନ୍ତି। କିନ୍ତୁ ଜଣେ ଲେଖକର ଓ ଫକୀରମୋହନଙ୍କ ପରି ମହାନ୍ ଲେଖକର ବିନା ଅନୁମତିରେ ତାଙ୍କର 'ପାଠ'କୁ ପରିବର୍ତ୍ତନ କରିବା କେତେଦୂର ନ୍ୟାୟୋଚିତ ଓ ଯୁକ୍ତିସଂଗତ ? କାରଣ 'ରେବତୀ' ଗଳ୍ପ କ୍ଷେତ୍ରରେ ଥିବା ସେଇ ଏପିଗ୍ରାଫ୍ ବା ଉଦ୍ଧୃତିଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ ସୁଚିନ୍ତିତ। ଅତ୍ୟନ୍ତ ଖେଦର ସହିତ ପ୍ରଫେସର କଇଳାଶ ପଟ୍ଟନାୟକ ଏ ସଂପର୍କରେ ଲେଖିଛନ୍ତି– "କଥା ସାହିତ୍ୟରେ ବହୁ ଦୁର୍ଲ୍ଲଭ ଦେଶୀ ଶବ୍ଦର ପ୍ରଚଳନ କରାଇ ତତ୍‌କାଳରେ ନିଜକୁ ସ୍ୱତନ୍ତ୍ର ଭାବେ ଚିହ୍ନାଇ ପାରିଥିବା ମଲ୍ଲଘର ପୁଅ ଫକୀରମୋହନର ବହୁ ଶବ୍ଦର ବିଚିତ୍ର ପରିବର୍ତ୍ତନ ତମେ ପ୍ରଚଳିତ ପାଠରେ ଦେଖିପାରିବ।" (ଫକୀରମୋହନ ଗ୍ରନ୍ଥାବଳୀ ଗଳ୍ପମାଳା, ୨୦୧୪: ଘ) ନିଜର ସଂପାଦକୀୟ ମୁଖବନ୍ଧରେ ପ୍ରଫେସର ପଟ୍ଟନାୟକ ଆହୁରି କହିଛନ୍ତି, "ଅନେକ ଜାଗାରେ ଫକୀରମୋହନଙ୍କ ପ୍ରାଥମିକ ପ୍ରୟୋଗରେ ଶବ୍ଦର ଯେଉଁ ବିଶିଷ୍ଟ ଭାବ ସ୍ଫୁରଣ ଘଟୁଥିଲା ତାହା ଆଉ ରହିଲା ନାହିଁ।" (ତତ୍ରୈବ, ପୃ-ଘ) ସେହିପରି ଅନେକ ଶବ୍ଦ, ବାକ୍ୟ, ମାତ୍ରା, ଫଳା ଓ ଅନ୍ୟାନ୍ୟ ବିଭାବର ପରିବର୍ତ୍ତନ ଦେଖାଯାଏ। ଲୋପ, ଆଗମ, ପ୍ରତିସ୍ଥାପନ ପ୍ରଭୃତି ପ୍ରକ୍ରିୟାତ୍ରୟୀ ଦ୍ୱାରା ଅନେକ ପରିବର୍ତ୍ତନ ଦେଖାଯାଏ ମୂଳପାଠ (ପତ୍ରିକା ପାଠ) ଓ ପରବର୍ତ୍ତୀ

ସମୟର ପ୍ରଚଳିତ ପାଠ ମଧ୍ୟରେ । ଏଠାରେ ସେହି ପରିବର୍ତ୍ତନ ଗୁଡ଼ିକ ମଧ୍ୟରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅଂଶଟି ଉପରେ ଆଲୋଚନା କରାଯାଇପାରେ । 'ରେବତୀ'ର ସେହି ଏପିଗ୍ରାଫ୍‌ଟି ଥିଲା ଏହିପରି–

"But oft some shining April morn
Is darkened in an hour
And blackest griefs o'er Joyous home
Alas! unseen may lower."

ରେଭେରେଣ୍ଡ୍ ଜେ. ଏଚ୍. ଗୁର୍ଣ୍ଣେଙ୍କ 'ଉଇଲିଅମ୍ ଟେଲ୍' କବିତାର ସପ୍ତମ ଷ୍ଟାଞ୍ଜାକୁ ଏଠାରେ ଉଦ୍ଧାର କରାଯାଇଛି । ଏହି କବିତାଟି ଜୁଭେନାଇଲ୍ ପୋଏଟ୍ରି ବା କିଶୋର କବିତା ଶ୍ରେଣୀ ଅନ୍ତର୍ଗତ । ବୋଧହୁଏ ଫକୀରମୋହନ ଏହି କବିତାଟିକୁ ନିଶ୍ଚିତ ଭାବରେ ପଢ଼ିଥିବେ । ଉଇଲିଅମ୍ ଟେଲ୍ ସ୍ୱିଜରଲାଣ୍ଡର ଏକ ବହୁ ପରିଚିତ ଲୋକଗଳ୍ପର ପ୍ରସିଦ୍ଧ ଚରିତ୍ର । ଗୋଟ୍ଟାହର୍ଡ ଅଞ୍ଚଳରୁ ଉଦ୍ଭୂତ ରଏସ୍ (Reuss) ନଦୀକୂଳରେ ଉଇଲିଅମ୍ ଟେଲ୍ ନିଜର ମେଣ୍ଢାମାନଙ୍କୁ ଚରାଇ ଦୈନିକ ଖାଦ୍ୟପେୟର ବ୍ୟବସ୍ଥା କରିପାରୁଥିଲା । ତେଣୁ ସେ ସେହିଥିରେ ଖୁସି ଥିଲା । ଘରେ ତା'ର ଏକମାତ୍ର ପୁଅ ଥିଲା । ସେ ଦେଖିବାକୁ ସୁନ୍ଦର ଓ ହୃଦୟରୁ ଚଞ୍ଚଳ ଓ ସତେଜ ଥିଲା । ସବୁବେଳେ ହସଖୁସି, ମଜା-ମଜଲିସ୍‌ରେ କାଳ କଟିଯାଉଥିଲା । ସେ ପିଲାଟି ବନ୍ଧୁ କହିଲେ ତା'ପିତା ପାଳିଥିବା ମେଣ୍ଢାମାନେ ହିଁ ଥିଲେ । ସେ ସେମାନଙ୍କୁ ଭଲରେ ଚିହ୍ନିଥିଲା ଓ ସେମାନଙ୍କୁ ନିର୍ଦ୍ଦିଷ୍ଟ ନାମ ଧରି ଡାକୁଥିଲା ଓ ତାଙ୍କ ସହ ଖେଳୁଥିଲା । ଉଭୟ ଖେଳସାଥୀ ଓ ଜୀବନସାଥୀ ଭାବରେ ତାଙ୍କରି ମେଳରେ ସେ କାଳାତିପାତ କରୁଥାଏ । କବିଙ୍କ ଭାଷାରେ– "So peacefully their hours were spent,/ That life had scarce a sorrow; / They took the good of everyday, / And hoped for more to-morrow." 'ଉଇଲିଅମ୍ ଟେଲ୍'ର ଏହି ଷଷ୍ଠ ପଙ୍‌କ୍ତି ପର୍ଯ୍ୟନ୍ତ ପାଠକଲେ ଜଣାପଡ଼ିବ କି ସହଜ ସୁନ୍ଦର ଭାବରେ ଜୀବନ ଜୀଇଁ ଥିଲେ ସେମାନେ । ବର୍ତ୍ତମାନ ପାଠକଙ୍କୁ ଅନୁରୋଧ 'ଉଇଲିୟମ୍ ଟେଲ୍'ର ପାଠ୍ୟରୁ ଉଭୟ ସ୍ୱିଜରଲାଣ୍ଡର ଲୋକମିଥ୍ ଓ ଗୁର୍ଣ୍ଣେଙ୍କ କବିତାର କଥାରୁ ମୁହଁ ଫେରାଇ ସେହି ଚିତ୍ରକୁ ସେନାପତିଙ୍କ 'ରେବତୀ'ରେ ଖୋଜାଯାଉ । ଫକୀରମୋହନ ଶ୍ୟାମବନ୍ଧୁର ଘର ଚଳିବା କଥା ରେ କହିଛନ୍ତି– "ସବୁ ମିଶାଇଲେ ମାସକୁ ଚାରିଟଙ୍କାରୁ ଊଣା ହେବ ନାହିଁ, ସଂସାର ଏକରକମ ଚଳେ । ଏକରକମ କିଆଁ ? ବୋଇଲେ ଭଲ ଚଳେ । ଏଇଟା ହେଲା ନାହିଁ, ସେଇଟା ଘରେ ନାହିଁ, ଏପରି କଥା ଘରର କାହାରି ମୁହଁରେ ଶୁଣାଯାଏ ନାହିଁ । ବାଡ଼ିରେ ଶାଗମୁଗ ଛାଡ଼ି ସଜନା ଦୁଇଗଛ । xxx । ଜମିଦାର ସାଢ଼େ ତିନିମାଣ ଜମି ଚଷିବାକୁ ଦେଇଛନ୍ତି; ଧାନ ବଳେ ନାହିଁ କି କମେ ନାହିଁ । ଶ୍ୟାମବନ୍ଧୁଟି ବଡ଼ ସିଧାସଳଖ ଲୋକ, ପ୍ରଜାମାନେ ମାନନ୍ତି, ସୁଖ ପା'ନ୍ତି । ବାପରେ ଧନରେ କହି ଦୁଆର ଦୁଆର ବୁଲି ଖଜଣା ଅସୁଲ କରେ, କାହାରି ଠାରୁ ଅନ୍ୟାୟରେ ପଇସାଟିଏ ନିଏ ନାହିଁ । xxx । ଶ୍ୟାମବନ୍ଧୁଙ୍କ ଘରେ ଖାଇବାକୁ କୁଟୁମ୍ବ ଚାରିଜଣ, ଆମେ ଦୁଇପ୍ରାଣୀ, ମା ବୁଢ଼ୀ, ଦଶ ବରଷର ଗୋଟିଏ ଝିଅ । ଝିଅଟିର ନାମ ରେବତୀ ।" (ଉତ୍କଳ ସାହିତ୍ୟ, ୨/୧୦, ୧୮୯୮, ଅକ୍ଟୋବର, ପୃ-୨୨୭) ଉଇଲିଅମ୍ ଟେଲ୍‌ର ଗୋଟିଏ ପୁଅ ଥିଲା ଓ ଏଠାରେ ଶ୍ୟାମବନ୍ଧୁର ମଧ୍ୟ ଏକମାତ୍ର କନ୍ୟା ସନ୍ତାନ ଅଛି । ଦୁହିଁଙ୍କ ଜୀବନରଥ ସୁରୁଖୁରୁରେ ଚାଲିଥିଲା । ଉଭୟ ଠାରେ ପୁଅ-ଝିଅ ଦୁଇଜଣ ନାବାଳକ-ନାବାଳିକା । କାରଣ ରେବତୀର ବୟସ ଦଶବର୍ଷ ଥିଲା ଯେତେବେଳେ ସବୁ ଠିକ୍‌ଠାକ୍ ଥିଲା । ତା'ପରେ ଆହୁରି ବର୍ଣ୍ଣନା ରହିଛି ଯେ, ଶ୍ୟାମବନ୍ଧୁ ରେବତୀକୁ ସନ୍ଧ୍ୟାରେ ବିବିଧ ଭଜନ ଗାଇ ଶିଖାଇଥିଲେ । ରେବତୀ ମଧ୍ୟ ଖୁବ୍‌ଶୀଘ୍ର ସେସବୁକୁ ଶିଖି ଦେଇଥିଲା ଓ ସେଗୁଡ଼ିକୁ ସୁନ୍ଦର ଆବୃତ୍ତି କରୁଥିଲା । କିନ୍ତୁ ହଠାତ୍ ଏପ୍ରିଲ୍‌ର ଉଜ୍ଜ୍ୱଳ ସକାଳ କିଛିକ୍ଷଣ ମଧ୍ୟରେ ଘନ ଅନ୍ଧାରରେ ପରିଣତ ହୋଇଗଲା । ସୁଖର ସଂସାର ଉପରେ ଦୁଃଖର ବାଦଲ ଘୋଟିଗଲା । ଏଇଠାରେ ମଧ୍ୟ ଭାଗ୍ୟର ଅଦୃଶ୍ୟ ହାତର କରାମତି ରହିଛି । ଗୁର୍ଣ୍ଣେଙ୍କ ବର୍ଣ୍ଣନା ଦୁଇଖଣ୍ଡରେ ପରିବ୍ୟାପ୍ତ । ଭାଗ୍ୟର ସ୍ଥିତି ଓ କରାମତିକୁ ଦେଖାଇବା ଲାଗି ଗୁର୍ଣ୍ଣେ ଲେଖିଛନ୍ତି– "Not yet on Switzerland had dawned / Her day of liberty: / The Stranger's yoke was on her sons, / And passed right heavily. So one was sent in luckless hour / To rule in Austria's name; / A haughty man of savage mood- / In pomp and pride he came." (William Tell) ସେଦିନ ଉଇଲିୟମ୍ ଟେଲ୍ ନିଜର ଏକମାତ୍ର ପ୍ରିୟ ପୁତ୍ରକୁ ଧରି ଅଲଟର୍ଫ ଟାଉନ୍‌କୁ ଆସିଥିଲା । ଏହିଠାରେ ରେଭେରେଣ୍ଡ୍ ଗୁର୍ଣ୍ଣେ ଲେଖିଛନ୍ତି– "For oft the boy had eyed the spoil / His father homeward bore / And prayed to join the hunting crew / When they should roam for more." ସେହିଠାରେ ପ୍ରଜାପୀଡ଼କ ରାଜାର କୋପଦୃଷ୍ଟିରେ ଶିକାର ହୋଇ ଉଇଲିଅମ୍ ଟେଲ୍‌ଙ୍କୁ ଏକ ବିଚିତ୍ର କାର୍ଯ୍ୟ ସ୍ୱରୂପ ଦଣ୍ଡ ଦିଆଗଲା । ରାଜାଙ୍କ ନିର୍ଦ୍ଦେଶବେଳେ ସେ ଈଶ୍ୱରଙ୍କୁ ମାତ୍ର ପ୍ରାର୍ଥନା କରିଛି । ସେ କାକୁତି ମିନତି ହୋଇଛି ତାକୁ ନିଜକୁ ନ ହେଲା ନାହିଁ କିନ୍ତୁ ତା'ପୁଅକୁ

ଛାଡ଼ିଦେବା ନିମନ୍ତେ । "But spare, oh spare my child !" କିନ୍ତୁ ରାଜା ସେ ପିଲାଟି ମୁଣ୍ଡରେ ସେଓ ଗୋଟିଏ ରଖି ଏକ ତୀର ଦ୍ୱାରା ତା'ର ବାପା ଉଇଲିୟମ୍ ଟେଲ୍‌କୁ ଦୁଇଫାଳ କରିବାକୁ ବା ଲକ୍ଷ୍ୟଭେଦ କରିବାକୁ କୁହାଯାଇଛି । ଏଥିପାଇଁ ସେ ଖୁବ୍ ଭୟଭୀତ ଥିଲେ ହେଁ ଈଶ୍ୱର ସେ ତୀରର ମାର୍ଗଦର୍ଶନ କରାଇ ତାକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଲେ । ଶେଷରେ ଗୁର୍ଣ୍ଣେ ଲେଖିଛନ୍ତି- "God helped the right, God spared the sin: / He brings the proud to shame; / He guards the weak against the strong, / Praise to his holy name !" କିନ୍ତୁ ଏହିଠାରେ ରେବତୀର ପରିଣାମ ଖାପଖୁଆଇ ନାହିଁ । ଯଦି କେହି 'ରେବତୀ'କୁ ନାରୀଶିକ୍ଷା ସପକ୍ଷରେ ବିଚାର କରୁଥାଏ ତେବେ ଏଇ ପରିଣତି ସହ ମିଳାଇ ନେଇ ବିଚାରିବା ବେଳେ ଭିନ୍ନ ସ୍ୱାଦ ବାରିହୁଏ, ଭିନ୍ନ ବାର୍ତ୍ତା ମିଳିଥାଏ ।

'ରେବତୀ' ଗଳ୍ପରେ ଲେଖାଯାଇଛି ଯେ "ଡଃ. ଇନ୍‌ସପେକ୍ଟର ମଫସଲ ଗସ୍ତକୁ ଯିବା ସମୟରେ ପାଟପୁରରେ ରାତିଏ ରହିଯାଇଥିଲେ । ଗ୍ରାମର ମୁଖିଆ ମୁଖିଆ ଚାରିପାଞ୍ଚଜଣ ଲୋକ କୁହାପୋଛା କରିବାରୁ ଦିପୋଟିବାବୁ ଓଡ଼ିଶା ବିଭାଗର ଇନସ୍‌ପେକ୍ଟରଙ୍କ ଠାରୁ ରିପୋର୍ଟ କରି ଗୋଟିଏ ଅପର ପ୍ରାଇମେରୀ ସ୍କୁଲ ବସାଇ ଦେଇଅଛନ୍ତି ।" (ଉତ୍କଳ ସାହିତ୍ୟ ୨/୧୦, ପୃ- ୨୨୭-୨୮) ୧୮୯୨ ମସିହା ଜୁନ୍ ମାସ ୨୧ ତାରିଖ ଦିନ ରାଧାନାଥ ରାୟ ସର୍ବପ୍ରଥମେ ଏହି ପଦବୀରେ ନିଯୁକ୍ତ ହୋଇଥିଲେ । ତେଣୁ ଏ ସୂତ୍ରରେ ପାଟପୁର ୟୁ.ପି. ସ୍କୁଲଟି ୧୮୯୨ ମସିହା ଜୁନ୍ ମାସ ପରେ ପରେ ହୋଇଛି । ଏଣୁ ରେବତୀର ପାଠପଢ଼ିବା ସମୟ ମଧ୍ୟ ଏହା ପରବର୍ତ୍ତୀ । ରେବତୀ ମଧୁରାଓଙ୍କ 'ଛାନ୍ଦମାଳା' ଓ ସୀତାନାଥ ରାୟଙ୍କ 'ପ୍ରଥମପାଠ' ପଢ଼ିଛି । ଅତଏବ 'ପ୍ରଥମପାଠ' ୧୮୭୫ ରୁ ୧୮୮୯ ମଧ୍ୟରେ ପ୍ରକାଶ ପାଇଥିଲା । ତେଣୁ ରେବତୀ ୧୮୯୨ ପରେ ପଢ଼ା ଆରମ୍ଭ କରିଥିବାରୁ ଏହି ବହି ପଢ଼ିବା ଯେତିକି ସମ୍ଭବ, ପାଠକେ ଏହାକୁ ସତ୍ୟ କଳ୍ପିବା ସେତିକି ସହଜ । ଶ୍ରୀପଞ୍ଚମୀ ଦିନ ରେବତୀର ପାଠପଢ଼ା ଆରମ୍ଭ ହୋଇଥିବା ହେତୁ ଏ ସମୟ ୧୮୯୩ ମସିହା ଫେବୃୟାରୀ ମାସ ବା ମାଘମାସ ଶ୍ରୀପଞ୍ଚମୀ । ଏଣୁ ରେବତୀ ଜୀବନରେ ଆସିଥିବା ବିପର୍ଯ୍ୟୟ ସବୁ ୧୮୯୫ ମସିହା ପରର କଥା । ଏହିପରି 'ରେବତୀ' ଗଳ୍ପର ସତ୍ୟତା ଓ କଳାକୁଣ୍ଡଳୀ ବାହାର କରାଯାଇପାରେ । ଏଣୁ ପ୍ରଥମ କଥା ଓ ଶେଷକଥା ହେଉଛି ଏପରି ଶୈଳୀ ଓ ଧାରାର ଟେକ୍ସଟ୍‌କୁ ବୁଝିବା ଲାଗି ଯା'କୁ ପ୍ରଥମେ ଟେକ୍ସଟ୍‌ର ଗତାନୁଗତିକ ଫର୍ମରୁ ତଥା ଫର୍ମୁଲାବଦ୍ଧ ଦୃଷ୍ଟି ଓ ଦର୍ଶନରୁ ମୁକ୍ତି ଦେବାକୁ ପଡ଼ିବ । ଏଣୁ ଜଣେ ପାଠକ ହିସାବରେ ମୁଁ ରେବତୀକୁ ପ୍ରଥମେ ମୁକ୍ତି ଦେବାକୁ ପସନ୍ଦ କରିବି, ମୁକ୍ତ ସୁନୀଳ ଆକାଶରେ ମୁକ୍ତ ବିହଙ୍ଗମ ହୋଇ ଉଡ଼ିବାବେଳେ ରେବତୀକୁ ଦେଖିବାକୁ ଓ ତା'ମନକୁ ବୁଝିବାକୁ ତଥା ତା'ସହ ଗପିବାକୁ, ତାକୁ ମନପ୍ରାଣ ଭରି ଆତ୍ମା ଦେଇ ଭଲପାଇବାକୁ ଶ୍ରେୟସ୍କର ମନେକରିବି । ଏହା ହିଁ ମୋ ଆଖିରେ ପାଠକୀୟ ଔଚିତ୍ୟବୋଧ, ଲେଖକୀୟ ଔଚିତ୍ୟବୋଧ ଯାହାକିଛି ହେଉନା କାହିଁକି । ଲେଖାଟିରେ ଅନେକ ଜାଗାରେ ଲେଖକ ନିଜେ ରହିଯାଇଛନ୍ତି । ନିଜକୁ ବାଦ୍‌ଦେଇ ସେ ସଂପୂର୍ଣ୍ଣ ଟେକ୍ସଟ୍‌ଟିକୁ ପ୍ରସ୍ତୁତ କରିପାରି ନାହାଁନ୍ତି । ଶ୍ୟାମବନ୍ଧୁର ସ୍ଥିତି ବିଷୟରେ ପାଠକଙ୍କୁ ଅବଗତ କରିବାକୁ ଯାଇ "ଏକରକମ କିଆଁ ? ବୋଇଲେ ଭଲ ଚଳେ" କହିବା ଏକ କଥୋପକଥନ ଶୈଳୀ ଓ ଲେଖକୀୟ ଇନ୍‌ଭଲ୍‌ବମେଣ୍ଟର ସୂଚନା ଦିଏ । ଯାବନିକ ଶବ୍ଦ ପ୍ରୟୋଗ ଫକୀରମୋହନଙ୍କ ସାହିତ୍ୟର ଅନ୍ୟ ଏକ ବୈଶିଷ୍ଟ୍ୟ । କିନ୍ତୁ ଜେଜୀମା ମୁହଁରେ "ଯାହା ଆପଣାକିଆ, ତହିଁକା ଇଲାଜ୍ କିଆ ?" ପଦଟି ଫକୀରମୋହନ ନିଜେ ପଶିଯାଇ କହିଲାପରି ବୋଧ ହେଉଛି । ତେବେ ସର୍ବୋପରି ଏହାକୁ ଅସ୍ୱୀକାର କରିହେବ ନାହିଁ ଯେ, ରେବତୀ, ଶ୍ୟାମବନ୍ଧୁ, ବାସୁଦେବ, ଶ୍ୟାମବନ୍ଧୁଙ୍କ ପତ୍ନୀ ଓ ଜେଜୀମାର ମୃତ୍ୟୁ ଓ ବିଶେଷକରି ରେବତୀର ନିରବତା ଭିତରେ ସଂଜୀବନୀ ମନ୍ତ୍ର ଥିଲା ଯାହା ଆଜିବି ଶତଶତ ରେବତୀଙ୍କ ଜନ୍ମ ସହ ସମୟସ୍ରୋତରେ ତାଙ୍କର ରୂପାନ୍ତରଣ ଓ ପୁନର୍ନବା ପାଇଁ ପ୍ରଚ୍ଛନ୍ନ ପ୍ରେରଣା ପ୍ରଦାନ କରିଚାଲିଛି । ବୋଧହୁଏ ଏହାହିଁ ଭବଭୂତି ଓ ଫକୀରମୋହନଙ୍କ ପରି କରୁଣା ଓ କାରୁଣ୍ୟର ଦୁଇ ମହାନ୍ କାରିଗର ତଥା ଭବଭୂତିଙ୍କ ପୁନର୍ଜନ୍ମ ଓ ପୁନର୍ସଂସ୍କରଣ ବ୍ୟାସକବି ସେନାପତିଙ୍କ ସରସ୍ୱତୀ ରେବତୀର ଶାଶ୍ୱତ ସାରସ୍ୱତ ବାର୍ତ୍ତା ।


ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ
ବାଲେଶ୍ୱର-୭୫୬୦୦୧, ଓଡ଼ିଶା
ଭ୍ରାମ୍ୟଭାଷ- ୮୩୨୮୯୦୯୧୫୭
ଇମେଲ୍-santoshonly123@gmail.com

ISSN -2583-147X (P), Vol.- 9, Issue No.IV, July 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଗାନ୍ଧୀବାଦର ତଳେ

## ପ୍ରତୀଚୀ ନନ୍ଦ

ମହାତ୍ମା ଗାନ୍ଧୀଙ୍କର ମହାନ ଆଦର୍ଶ ଏତେ ପ୍ରଭାବଶାଳୀ ଯେ, ତାହା ସମାଜରେ ଗୋଟିଏ ପରିବର୍ତ୍ତନର ଧାରା ଆଣିବାରେ ସଫଳ ହୋଇ ପାରିଥିଲା । ଅନେକ ସ୍ୱାର୍ଥବାଦୀ ଲୋକ ମଧ୍ୟ ଗାନ୍ଧୀଜୀଙ୍କ ସଂସ୍ପର୍ଶରେ ଆସି ତାଙ୍କ ବଦାନ୍ୟ ସ୍ୱୀକାର କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, ସେହି ମହାନ ଆଦର୍ଶକୁ ନିଜ ଜୀବନର ପରମମାର୍ଗ ଭାବରେ ଗ୍ରହଣ କରି ନେଇଥିଲେ । ଏହି ଆଦର୍ଶଦାବୀ ପୁରୁଷଙ୍କ ଆପ୍ରାଣ ଚେଷ୍ଟା ହେତୁ ଆମ୍ଭମାନେ ଚାଖିପାରିଲୁ ସ୍ୱାଧୀନତାର ସ୍ୱାଦ । ତାଙ୍କ ନୀତି, ଜୀବନାଦର୍ଶ, କାର୍ଯ୍ୟାବଳୀ ସମାଜରେ ଏପରି ପ୍ରଭାବ ବିସ୍ତାର ଓ ଆଦୃତିଲାଭ କରିଥିଲା ଯେ, ତାହା ରାଜନୀତି, ସାହିତ୍ୟ, ମାନବୀୟ ଚେତନାରେ ସ୍ଥାନ ଲାଭ କରିଛି 'ଗାନ୍ଧୀବାଦୀ ଦର୍ଶନ' ବା 'ଗାନ୍ଧୀ ଚେତନା' ଭାବରେ । ସାହିତ୍ୟର ବିଭିନ୍ନ ବିଭାଗ- କବିତା, ଗଳ୍ପ, ନାଟକ, ଉପନ୍ୟାସ, ଜୀବନୀ, ପ୍ରବନ୍ଧରେ ଗାନ୍ଧୀଙ୍କ ଆଦର୍ଶର କଥା କୁହାଯାଇଛି; ଏହା ଯେତିକି ସତ୍ୟ, ଗାନ୍ଧୀ ବିୟୋଗ ପରବର୍ତ୍ତୀ ସମୟରେ ତାଙ୍କର ମହାନ ଆଦର୍ଶର ପ୍ରତିପାଦନ ସ୍ୱାର୍ଥବାଦୀ ଦୁନିଆରେ ହୋଇଛି କ୍ଷୁର୍ଣ୍ଣ; ଏହା ସେତିକି ସତ୍ୟ । ଜୀବନବ୍ୟାପୀ ସାଧିତ ଗାନ୍ଧୀଙ୍କର ମହତ୍ ଆଦର୍ଶ ପୁରାଣର ନୀତିବାଣୀ ପରି ମଣ୍ଡନ କରିଛି ସାହିତ୍ୟର ଅସଂଖ୍ୟ ପୃଷ୍ଠା, ବକ୍ତୃତାର ଉତ୍ତୁଙ୍ଗ ବାକ୍ୟାବଳୀ । ଅଥଚ କାର୍ଯ୍ୟରେ କେବଳ ସାଧିତ ହୋଇଛି ସ୍ୱାର୍ଥ । ଗାନ୍ଧୀଜୀଙ୍କ ପରେ ତାଙ୍କର ଶ୍ରମ, ସାଧନା ଓ ତ୍ୟାଗର ଦୁହାଇ ଦେଇ ତା'ର ଅନ୍ତରାଳରେ ହୋଇଥିବା ଅପକର୍ମକୁ ନାଟ୍ୟକାର ଶଶିଭୂଷଣ ପାଣିଗ୍ରାହୀ 'ଗାନ୍ଧୀବାଦର ତଳେ' ନାଟକରେ ଦେଖାଇ ଦେଇଛନ୍ତି । ଏହା ଏକ ରାଜନୀତିକ ନାଟକ । ନିର୍ବାଚନ କାଳୀନ ଦଳୀୟ ବିଭେଦତା, ଶାସକର ଶୋଷଣ, ରାଜନୀତିର ଅନ୍ତରାଳରେ ହେଉଥିବା ଦୁର୍ଷ୍କର୍ମ ତଥା ତତ୍କାଳୀନ ରାଜନୀତିକ, ଆର୍ଥନୀତିକ ଓ ସାମାଜିକ ବାତାବରଣର ସ୍ପଷ୍ଟ ଚିତ୍ର ଉକ୍ତ ନାଟକରେ ଦୃଶ୍ୟାୟିତ ।

### କଥାବସ୍ତୁ ଓ ପୃଷ୍ଠଭୂମି :

'ଗାନ୍ଧୀବାଦର ତଳେ' ନାଟକଟିର କଥାବସ୍ତୁ ଇନ୍ଦିରାଗାନ୍ଧୀଙ୍କ ଦ୍ୱିତୀୟ ମନ୍ତ୍ରୀତ୍ୱ ଗ୍ରହଣ ଅର୍ଥାତ୍ ୧୯୭୧ ମସିହା ମାର୍ଚ୍ଚ ମାସ ୧୬ ତାରିଖଠାରୁ ୧୯୭୭ ମସିହା ମଧ୍ୟରେ ଦେଖାଦେଇଥିବା ରାଜନୀତିକ, ଆର୍ଥନୀତିକ, ସାମାଜିକ ଘଟଣାବଳୀକୁ କେନ୍ଦ୍ରକରି ପରିପୁଷ୍ଟ । ଏହି କାଳଖଣ୍ଡରେ ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି । ପ୍ରଥମତଃ ବାଙ୍ଗଲାଦେଶ ପାକିସ୍ତାନଠାରୁ ଅଲଗା ହୋଇ ସ୍ୱତନ୍ତ୍ର ଦେଶ ହେବା, ୧୯୭୨ ମହାବାତ୍ୟା, ଜରୁରୀକାଳୀନ ପରିସ୍ଥିତିରେ ରାଷ୍ଟ୍ରପତି ଶାସନ ଘୋଷଣା ଏବଂ ଭାରତୀୟ ଜାତୀୟ କଂଗ୍ରେସ ଦଳର ୨୦ ବର୍ଷର ଐତିହାସିକ ବିଜୟ ପରେ ପ୍ରଥମଥର ପାଇଁ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ହେବା ।

ଏ ସମସ୍ତ ଘଟଣା ପ୍ରଭାବ ଓ ପ୍ରତିକ୍ରିୟା ଦ୍ୱାରା ସମାଜରେ ଦେଖା ଦେଇଥିବା ଆଲୋଡ଼ନକୁ ନାଟ୍ୟକାର ନାଟକର କ୍ଷୁଦ୍ର କଳେବର ମଧ୍ୟରେ ଠିକେ ଠିକେ ଦେଖାଇ ଦେଇଛନ୍ତି । ନାଟକରେ ବଦଳିଛି ଚରିତ୍ରର ନାମ, ସ୍ଥାନର ନାମ । ଯେପରି ଇନ୍ଦିରା ଗାନ୍ଧୀ (କଂଗ୍ରେସ ଦଳର ନେତ୍ରୀ- ଇନ୍ଦିରା ଚକ୍ରବର୍ତ୍ତୀ, ଚକ୍ରଦଳର ନେତ୍ରୀ), ମୋରାଜୀ ରଖଛୋଡ଼ ଦେଶାଇ (ଜନତା ସଂଘର ନେତା) ବିଳମ ବାବୁ (ଶଙ୍ଖଦଳର ନେତା) । 'ଭାରତ' ହେଉଛି 'ଧର୍ମଗଡ଼' । କେତେକ କ୍ଷେତ୍ରରେ କଥାବସ୍ତୁରେ ନାଟକୀୟତା ବଜାୟ ରଖିବା ପାଇଁ ଏବଂ ସମ୍ଭବତ ରାଜ ଆକ୍ରୋଶର ଶିକାର ନ ହେବା ପାଇଁ କେତେକ ସ୍ଥାନରେ କଥାବସ୍ତୁର ପରିବର୍ତ୍ତନ ସୃଷ୍ଟିକରି ବାସ୍ତବ

କାହାଣୀଠାରୁ ବ୍ୟତିକ୍ରମ ସୃଷ୍ଟି କରିବାର ଚେଷ୍ଟା କରିଛନ୍ତି । ଶଙ୍ଖଦଳର ନେତା ତଥା ପ୍ରଧାନମନ୍ତ୍ରୀ ବିଜୟ ଶଙ୍କର ରାୟ ଚରିତ୍ରଟି ନାଟ୍ୟକାରଙ୍କ ଦ୍ୱାରା ସୃଷ୍ଟ ଏକ ପ୍ରତୀକାତ୍ମକ ଚରିତ୍ର । ଯାହାଦ୍ୱାରା ଭଦ୍ରମୁଖା ଆଢୁଆଳରେ ରହି ଅପରାଧ କରିଚାଲିଥିବା ରାଜନେତାଙ୍କ ଚରିତ୍ର ପ୍ରତୀକିତ । ଆରମ୍ଭରୁ ନିଜକୁ ସତ୍ୟ, ଅହିଂସାର ଯାତ୍ରୀ, ଗାନ୍ଧୀବାଦୀ ଦେଖାଉଥିବା ନେତା ଯେ ଅନ୍ତରାଳରେ ଲୋକ ଲଗାଇ ଗାନ୍ଧୀଙ୍କ ହତ୍ୟା କରିପାରେ ଏହାର ଦୃଷ୍ଟାନ୍ତ ମଧ୍ୟ ସମାଜରେ ବିରଳ ନୁହଁ । ସେମାନଙ୍କ ପ୍ରତିନିଧି ହେଉଛନ୍ତି ବିଜୟ ଚରିତ୍ର ।

### ଗାନ୍ଧୀଙ୍କ ଆଦର୍ଶ ଓ ସ୍ୱପ୍ନ :

ଗାନ୍ଧୀଙ୍କ ଆଦର୍ଶ ଏକ ନୁହେଁ । ତେଣୁ ତାଙ୍କ ଆଦର୍ଶରେ ପ୍ରାଚ୍ୟ ଉପନିଷଦ, ଗୀତା ଠାରୁ ପାଶ୍ଚାତ୍ୟ ବାଇବେଲ, ଟଲଷ୍ଟୟଙ୍କ 'ଦି କିଙ୍ଗଡ଼ମ୍ ଅଫ ଗଡ଼୍ ଇଜ୍ ଉଇଦିନ୍ ୟୁ' ରୁ ବିଶ୍ୱ ମାନବିକତା, ଥୋରାଙ୍କ 'ଓ୍ୱାଲେଡ଼ନ୍'ରୁ ଆଇନ୍ ଅମାନ୍ୟ ଏବଂ ରସ୍କିନ୍‌ଙ୍କର 'ଅନ୍‌ଟୁ ଦିସ୍ ଲାଷ୍ଟ'ରୁ ସାମ୍ୟ ଓ ଶ୍ରମର ମର୍ଯ୍ୟାଦା ସଂକ୍ରାନ୍ତ ଆଦର୍ଶ ଦ୍ୱାରା ତାଙ୍କ ଆଦର୍ଶ ହୋଇଛି ବଳିଷ୍ଠ । ସେ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ, ଶରୀର ଶ୍ରମ ଅସ୍ୱାଦ, ନିର୍ଭୟତା, ସର୍ବଧର୍ମ- ସମନତ୍ୱ , ସ୍ୱଦେଶୀ ଏବଂ ଅସ୍ପୃଶ୍ୟତା ବର୍ଜନ, ନାରୀ ଶିକ୍ଷା ଓ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇଥିଲେ ଏବଂ 'ତ୍ରୟୋଦଶ' ବ୍ରତ ପାଳନର ନିର୍ଦ୍ଦେଶ ଦେଇଥିଲେ । ସେ ସୁବର୍ଣ୍ଣ ଭାରତରେ ରାମରାଜ୍ୟ ପ୍ରତିଷ୍ଠା ଓ ଦାରିଦ୍ର୍ୟ ଦୂରୀକରଣ କରି ସାମ୍ୟବାଦ ବାରତର ସ୍ୱପ୍ନ ଦେଖିଥିଲେ । ସ୍ୱଦେଶରେ ଉପାର୍ଜନ, କୁଟୀରଶିଳ୍ପର ବିକାଶ ଓ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର କରିବାରେ ସେ ବ୍ରତୀ ହୋଇଥିଲେ । ସେ ଏକ ସମ୍ପୂର୍ଣ୍ଣ ଭାରତ ନିର୍ମାଣର ବାସ୍ତବାୟିତ କରିବାର ପ୍ରାଣାନ୍ତକ ଉଦ୍ୟମ କରିଥିଲେ । ମାତ୍ର ତାହା ସଫଳ ହୋଇପାରି ନଥିଲା ।

### ଗାନ୍ଧୀବାଦର ବିପର୍ଯ୍ୟୟ ଓ ତା'ର କାରଣ :

ସ୍ୱାଧୀନତା ପ୍ରାପ୍ତି ପରେ କ୍ଷମତାର ଅଧିକାରୀ ହୋଇ ଭାରତକୁ ଶାସନ କରିବା ଲାଳସାରେ ଦେଖାଦେଇଛି ସ୍ୱପ୍ନଭଙ୍ଗ । ଏହା ସ୍ୱପ୍ନଭଙ୍ଗର ଏକମାତ୍ର କାରଣ ନୁହେଁ । ପ୍ରଥମ ବିଶ୍ୱଯୁଦ୍ଧ, ଦ୍ୱିତୀୟ ବିଶ୍ୱଯୁଦ୍ଧ, ସ୍ୱାଧୀନତା ସଂଗ୍ରାମ କାଳୀନ ଅସ୍ଥିର ବାତାବରଣ ହେତୁ ଦେଶରେ ଦେଖା ଦେଇଛି ଅସ୍ଥିରତା । ଏହି ବିପର୍ଯ୍ୟସ୍ତ ଅବସ୍ଥା ସାଧାରଣ ଜନତାଙ୍କ ମନରେ ଏକ ପଳାୟନବାଦୀ, ହତାଶା ନିରାଶର ଭାବୋଦ୍ରେକ ହୋଇଛି । ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାବରେ ଭୁଷୁଡ଼ି ପଡ଼ିଛି । ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ତଳିତଳାନ୍ତ ହୋଇଯାଇଛି । ହତୋତ୍ସାହୀ ନାଗରିକ ବାସ୍ତବତାକୁ ସ୍ୱୀକାର କରି ଯନ୍ତ୍ରଶକ୍ତି ସାହାଯ୍ୟରେ ଜୀବନ ବଞ୍ଚିବାକୁ ଚାହିଁ ନାହିଁ । ତେଣୁ ସେ କଳ୍ପନାରେ ବଞ୍ଚିବାର ପ୍ରୟାସ କରିଛି । ଆଶା ହିଁ ତା ବଞ୍ଚିବାର ମାଧ୍ୟମ ପାଲଟିଛି । ସେହି ଆଶାବାଦୀ ମଣିଷଙ୍କ ଆଶା ଓ ସମ୍ଭାବନାର କଥା ନାଟ୍ୟକାର 'ବିମଳ'ଙ୍କ ନାତୀ 'ସରୋଜ' ଗୋଟିଏ ଆଠ ବର୍ଷର ବଙ୍କଳ ଚରିତ୍ର ମାଧ୍ୟମରେ କହିଛନ୍ତି-

"ସରୋଜ- ଅଜା !

ସତ କହିବାକୁ କିଆଁ ଡରିବି

ସତ କହି ପଛେ ମଲେ ମରିବି ।

ବୁଢ଼ା ଦଳକୁ ସମୂଳେ ନାସିବି

ଦେଶବାସୀଙ୍କୁ ସମାନ କରିବି ।"

ତୁମକୁ କହି ଦେଉଛି ଅଜା, ତମ ବୁଢ଼ାଦଳକୁ କୁହ ସଳଖିବତ ସଳଖି ଯାଅ; ନହେଲେ ମନେରଖ, ବାପୁଜୀଙ୍କ ଅହିଂସା ଅସିରେ ତୁମ ସଭିଙ୍କୁ ମୁଣ୍ଡ ତଳେ ପକେଇ ଦେବି ।"(ଗାନ୍ଧୀବାଦର ତଳେ, ଶଶିଭୂଷଣ ପାଣିଗ୍ରାହୀ, ପୃ-୯୦)

ଗାନ୍ଧୀଜୀଙ୍କ ସ୍ୱପ୍ନ ବିଫଳ ହେବାର ମୁଖ୍ୟତଃ କେତୋଟି କାରଣ ଦାୟୀ । ସେଗୁଡ଼ିକ ହେଲା- ରାଜନୀତିକ ବାତାବରଣ, ଆର୍ଥନୀତିକ ସ୍ଥିତି, ସାମାଜିକ ବାତାବରଣ ଓ ପ୍ରାକୃତିକ ବିପର୍ଯ୍ୟୟ ।

### ରାଜନୀତିକ ବାତାବରଣ :

ଗାନ୍ଧୀଜୀଙ୍କ ନେତୃତ୍ୱରେ ୧୮୮୫ ମସିହା ଡିସେମ୍ବର ୨୮ ତାରିଖରେ 'ଭାରତୀୟ ଜାତୀୟ କଂଗ୍ରେସ ଦଳ' ଗଠିତ ହୋଇଥିଲା । ସେ ରାମରାଜ୍ୟର ପ୍ରତିଷ୍ଠା ଓ ସାର୍ବଜନୀତ ଉନ୍ନତି ପାଇଁ ଗଠନ କରିଥିବା ଦଳ ପରବର୍ତ୍ତୀ ସମୟରେ କ୍ଷମତାଲିପ୍ସୁ ନେତାଙ୍କଦ୍ୱାରା କଳୁଷିତ ହୋଇଯାଇଛି । ଏହି ଅନୀତି ତୀବ୍ର ରୂପ ଧରିଛି ୧୯୭୦ ମସିହା ବେଳକୁ । ଦେଶର ବିପର୍ଯ୍ୟସ୍ତ ସ୍ଥିତି, ଯୁଦ୍ଧରେ ଆତ୍ମୀୟଙ୍କୁ ହରାଇଥିବା ମଣିଷ ଶାସକ ଉପରେ ଆସ୍ଥା ସ୍ଥାପନ ନକରି ପାରି ବିରୋଧର ସ୍ୱର ଉତ୍ତଳନ କରିଛି । ବିରୋଧୀ ଦଳ 'ଭାରତୀୟ ଜନତା ସଂଘ' କ୍ରମେ ସକ୍ରିୟ ହୋଇ ଉଠିଛି । ଫଳରେ ରାଜନୀତିକ ଗାଦିର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ବିରୋଧ କରୁଥିବା ବ୍ୟକ୍ତିଙ୍କ ମୁହଁ ବନ୍ଦ କରି ଦିଆଯାଇଛି ବେଆଇନ୍

ଭାବରେ । ଏହାର ସ୍ପଷ୍ଟ ନିଦର୍ଶନ ଦେଖିବାକୁ ମିଳେ 'ରମା' ଚରିତ୍ରର ସଂଳାପରେ,-

"ରମା- ମୋ ସ୍ୱାମୀ ? ତୁମକୁ ଲଜ୍ଜ୍ୟା ଲାଗୁ ନାହିଁ ? ଦେଶର ଜଣେ ନିଷ୍ଠାପର ପୋଲିସ କର୍ମଚାରୀ ରୂପେ ସେ କମ କରି ନାହାନ୍ତି । ବିରୋଧୀ ଦଳର ନେତା ଶ୍ରୀ ମିଶ୍ରଙ୍କୁ ହତ୍ୟା କରିବା ପାଇଁ ତୁମେ ତାଙ୍କୁ ଆଦେଶ ଦେଇ ନାହିଁ ? ତୁମର ଆଦେଶକୁ ସେ କଠୋର ଭାବେ ପ୍ରତ୍ୟାଖ୍ୟାନ କରିଦେଇ ନାହାନ୍ତି ? ତେଣୁ ତମେ ଷଡ଼ଯନ୍ତ୍ର କରି ତାଙ୍କୁ ହତ୍ୟା କରିନାହଁ ।"(ପୃ-୧୫)

ଏଥିରେ ରମାର ସ୍ୱାମୀ ବିରୋଧ କରିଥିବାରୁ ତାକୁ ପ୍ରାଣତ୍ୟାଗ କରିବାକୁ ପଡଛି । ସେହି ଦୁଷ୍କର୍ମ କରିଥିବା ଇନ୍ଦିରା ଚକ୍ରବର୍ତ୍ତୀ ପୁନଶ୍ଚ ଗାନ୍ଧୀଙ୍କ ସ୍ୱପ୍ନ ରାମରାଜ୍ୟ ପ୍ରତିଷ୍ଠାର ପ୍ରତିଶ୍ରୁତିପୂର୍ଣ୍ଣ ଭାଷଣ ଦେଇ ଭୋଟ ନିବେଦନ କରୁଛନ୍ତି ଖାଲି ନିର୍ବାଚନରେ ଜୟଯୁକ୍ତ ହେବା ପାଇଁ ।

ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା ନିର୍ଣ୍ଣୟ ନେଉଥିବା ବେଳେ ତାଙ୍କର ଏହି ମତକୁ ବିରୋଧ କରିଥିଲେ ମୋରାଜୀ ରଣଛୋପଜୀ ଦେଶାଇ । ଫଳରେ ତାଙ୍କୁ ଦଳ ଛାଡ଼ିବାକୁ ପଡ଼ିଥିଲା । ସେ ପରେ 'ଭାରତୀୟ ଜନତା ସଂଘ'ରେ ଯୋଗ ଦେଇ ଅର୍ଥମନ୍ତ୍ରୀ ହୋଇଥିଲେ । ପରେ ୧୯୭୭ ମସିହା ମାର୍ଚ୍ଚ ୨୪ ତାରିଖରେ ଭାରତର ଚତୁର୍ଥ ତଥା ପ୍ରଥମ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ । ଏହି ଘଟଣାକୁ ନାଟ୍ୟକାର ଚକ୍ରଦଳର ନେତା 'ବିମଳ'ଙ୍କ ଦ୍ୱାରା ପ୍ରଦର୍ଶିତ କରିଛନ୍ତି ।

ଭୋଟ ଆଦାୟର ବିଶ୍ୱାସ, ଭରସା, ଯୋଗ୍ୟତା ନହୋଇ ହୋଇଛି ନିଶାଦ୍ରବ୍ୟ, ମାଂସଭୋଜୀ, ଟଙ୍କା ଓ ରାଜନୀତିରେ ପ୍ରବେଶର ଲୋଲୁପତା । ବିରୋଧ କଲେ ଛୁଟିଛି ରକ୍ତର ନଦୀ, ଗଡ଼ିଛି ମୁଣ୍ଡ । ଇନ୍ଦିରାଗାନ୍ଧୀ ଦ୍ୱିତୀୟଥର ମନ୍ତ୍ରୀ ହେବାପରେ ତାଙ୍କର ସନ୍ତାନପ୍ରୀତି ହେତୁ ସେ କ୍ଷମତାର ଦୁରୁପୋଯୋଗ କରିଥିବାର ଶୁଣାଯାଏ । ନିଜ ସନ୍ତାନକୁ ରାଜନୀତିରେ ପ୍ରବେଶ କରାଇବା ପାଇଁ ସେ ନିଜ ଅସନ୍ତୋଷ ଓ ବିକ୍ଷୋଭର ଶିକାର ହୋଇଛନ୍ତି । ଯଦ୍ଦ୍ୱାରା ଗାନ୍ଧୀଙ୍କ ଗଠିତ କଂଗ୍ରେସ ଦଳ ପ୍ରତି ବିକ୍ଷୋଭ ପ୍ରକାଶ କରିଛନ୍ତି ଦେଶବାସୀ ।

**ଆର୍ଥନୀତିକ ସ୍ଥିତି :**

ଆର୍ଥନୀତିକ ସ୍ଥିତି ଦୁର୍ବଳ ହେବାର କେତୋଟି ମୁଖ୍ୟ କାରଣ ହେଉଛି ୧୯୭୧ ମସିହା ମାର୍ଚ୍ଚ ୨୫ ତାରିଖରେ ଶେଖ୍ ମୁଜିବୁର ରହେମାନ ବାଂଲାଦେଶକୁ ସ୍ୱାଧୀନ ବୋଲି ଘୋଷଣା କରିଥିଲେ । ପାକିସ୍ତାନର ଅଂଶ ବିଶେଷ ଥିବା ବାଂଲାଦେଶ ସ୍ୱାଧୀନ ହେବା କାଳରେ ଦେଶ ମଧ୍ୟରେ ମୁସଲମାନମାନଙ୍କ ଦ୍ୱାରା ହେଉଥିବା ଅତ୍ୟାଚାର ଓ ନାରକୀୟ କାଣ୍ଡରୁ ନିସ୍ତାର ପାଇବା ପାଇଁ ଜୀବନ ବିକଳରେ ବାଂଲାଦେଶୀମାନେ ଭାରତର ଶରଣାପନ୍ନ ହୋଇଥିଲେ । ଅନୁପ୍ରବେଶ କରି ଭାରତରେ ବାସ କରିବା ଫଳରେ ଦେଶରେ ଅଚାନକ ଜନସଂଖ୍ୟା ବୃଦ୍ଧି ଘଟିଲା । ତେଣୁ ଭାରତର ଆର୍ଥନୀତିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଲା । ପାକିସ୍ତାନ ସହ ଭାରତର ଯୁଦ୍ଧ ହେତୁ ଆର୍ଥିକ ଅପଚୟ ମଧ୍ୟ ଏହି ଆର୍ଥିକ ଦୁର୍ବଳ ହେବାର ଅନ୍ୟତମ କାରଣ । ପୁନଶ୍ଚ ୧୯୭୨ ମସିହାରେ ହୋଇଥିବା ପ୍ରଳୟଙ୍କରୀ ମହାବାତ୍ୟା ଭାରତର, ବିଶେଷତଃ ଓଡ଼ିଶାର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ରାଜନେତାଙ୍କ ଭୋଗବିଳାସ ଓ ବାଟମାରଣା ନୀତି ଯୋଗୁଁ ଗରିବ, ଦୁଃଖୀଙ୍କ ଉନ୍ନତି ନିମନ୍ତେ ଆସୁଥିବା ପାଣ୍ଠି ଖବରକାଗଜର ସମ୍ବାଦ ଭାବରେ ପୃଷ୍ଠା ମଣ୍ଡନ କରିଛି କେବଳ ମାତ୍ର । ସେହି କାଳରେ ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ଉଦ୍ଧାର କରିବାର ବ୍ୟବସ୍ଥା କରାନଯାଇ ସରକାର ବଦଳାଇବା ପାଇଁ ଚାଲିଛି ଅନାସ୍ଥା ପ୍ରସ୍ତାବ ଓ ଜରୁରୀକାଳୀନ ପରିସ୍ଥିତିର ଘୋଷଣା ପାଇଁ ଯୋଜନା । ନାଟ୍ୟକାର ଶଙ୍ଖ ଦଳର କର୍ମୀ ବିମଳ ବାବୁଙ୍କ ମୁଖରେ ଏହା ପ୍ରକାଶ କରିଛନ୍ତି-

"ବିମଳ- ମୁଁ? ଏଇଠି ? ଧର୍ମଗଡ଼ର ଗୋଟିଏ ରାଜ୍ୟ ବାତ୍ୟାରେ ବିଧ୍ୱସ୍ତ ହେଲାବେଳେ ସେଥିପ୍ରତି ଦୃଷ୍ଟି ନଦେଇ ଯେଉଁଠି ସରକାର ବଦଳେଇବା ପାଇଁ ଚାଲୁଛି ଅନାସ୍ଥା ପ୍ରସ୍ତାବର ଆଲୋଚନା, ସେଇଠି ବିମଳଚନ୍ଦ୍ର ଚୌଧୁରୀ ସଂଯତ ହୋଇ କଥାବର୍ତ୍ତା କରିବ ।"(ପୃ-୪୯)

ତା'ପରେ ସେ 'ଚକ୍ରଦଳ' ପରିତ୍ୟାଗ କରି ଯୋଗ ଦେଇଛନ୍ତି 'ଶଙ୍ଖ ଦଳ'ରେ ।

ଦେଶରେ ଉତ୍ପନ୍ନ ସଂପତ୍ତିକୁ ବିଦେଶକୁ ରପ୍ତାନୀ କରି ଭୋଗ ବିଳାସରେ କାଳାତିପାତ କରୁଛନ୍ତି ରାଜନେତାଏ । ମାତ୍ର ଜରୁରୀକାଳୀନ ପରିସ୍ଥିତିରେ ବର୍ହିଦେଶଠାରୁ ଋଣ ନେଇ ଦେଶକୁ ଋଣଭାରଗ୍ରସ୍ତ କରାଇ ଦେବାର ପଶ୍ଚାତପଦ ହେଉ ନାହାନ୍ତି । ସୌଖୀନ ଦ୍ରବ୍ୟ ଉପରେ ନ୍ୟସ୍ତ କର ଲାଘବ କରି ନିତ୍ୟ ଆବଶ୍ୟକୀୟ ସାମଗ୍ରୀ ଉପରେ ଦ୍ୱିଗୁଣ କରଭାର ଲଗାଇ ସାଧାରଣ ଜନତାଙ୍କ ତଣ୍ଟି ଚିପି ଅର୍ଥ ଆଦାୟ କରାଯାଇଛି । ତେଣୁ ଉକ୍ତ

ଜନତା ସାମ୍ୟବାଦୀ ଚେତନାକୁ ସମର୍ଥନ କରି ଆରମ୍ଭ କରି ଦେଇଛନ୍ତି ବିଦ୍ରୋହୀ । ଏହି ବିଦ୍ରୋହୀ ଚରିତ୍ର ଭାବରେ ନାଟ୍ୟକାର ଶଙ୍ଖଦଳର ଅର୍ଥମନ୍ତ୍ରୀ ବିମଳ, କର୍ମୀ ଆନନ୍ଦ ଓ ପାଗଳ ଚରିତ୍ର ମାଧ୍ୟମରେ ରୂପାୟିତ କରିଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଗାନ୍ଧୀଙ୍କ ଚିନ୍ତା ଚେତନା ତ୍ୟାଗ ଓ ଆଦର୍ଶର କଥା ଆସିଛି । କେବଳ ସାଧାରଣ ଜନତାଙ୍କୁ ମିଛ ସ୍ୱପ୍ନ ଦେବା ପାଇଁ । ତାଙ୍କୁ ଆଡୁଆଳ କରି ଚାଲିଛି ସବୁ ଦୁର୍ନୀତି ।

**ସାମାଜିକ ବାତାବରଣ :**

ସ୍ୱାଧୀନ ଭାରତର ହତୋତ୍ସାହୀ, ଭଗ୍ନମନା ଜନସାଧାରଣ ୧୯୭୨ ମସିହାରେ ମହାବାତ୍ୟାର ସମ୍ମୁଖୀନ ହୋଇଛି । ସବୁକିଛି ହରାଇ ସାରିବା ପରେ ବଞ୍ଚିବା ପାଇଁ ଖାଦ୍ୟମୁଠେ ଖୋଜୁଥିବା ମଣିଷ କ'ଣ ବୁଝିବ ରାଜନୀତି, କ'ଣ ପାଳିବ ଆଦର୍ଶ । ଗୋପବନ୍ଧୁଙ୍କ ପରି କେତେକ ସମାଜବାଦୀ ନିଜ ଜୀବନକୁ ପାଣିଛଡ଼ାଇ ପ୍ରପୀଡ଼ିତଙ୍କ ସହାୟତା କରିବା ପାଇଁ ଆଗେଇ ଆସିଥିବା ବେଳେ ସରକାର ନିର୍ବିକାର ଭାବରେ ନିଜ ଗାଦି ସମ୍ଭାଳିବାରେ ବ୍ୟସ୍ତ । ବନ୍ୟା ପରେ ମରୁଡ଼ି, ବେରୋଜଗାରୀ, ଅଭାବ ଅନଟନ ହେତୁ ହିଂସା, ଉତ୍ତେଜନା ଓ ବିଦ୍ରୋହର ସ୍ୱର ତୀବ୍ର ହୋଇଛି । ପୁଞ୍ଜିପତି ଓ ସର୍ବହାରାର ବ୍ୟବଧାନ ଲୋପ କରି ସମାନତା ବାହିର କରିବା ପାଇଁ ଗୀତ ମାଧ୍ୟମରେ ନାଟ୍ୟକାର ସାମ୍ୟବାଦର ନାର ଦେଇଛନ୍ତି ! ଧନୀ, ଗରିବ, ସମସ୍ତେ ଜାଗିଉଠିଛି–

"ଜାଗି ଉଠ, ଜାଗି ଉଠ ଧର୍ମଗଡ଼ ଜନତା ! ଧନୀ, ଗରିବ, ସମସ୍ତେ ଜାଗିଉଠ ।

ମୁଁ ଚାହେଁ ତୁମର ରକ୍ତ, ତୁମର ମାଂସ, ଲାଲ ଖୋଲାପ ଜିନ୍ଦାବାଦ ।" (ପୃ-୩୦)

ନାଟ୍ୟକାରଙ୍କ ମତରେ ଗାନ୍ଧୀବାଦର ଏହି ଲୁପ୍ତ ସୁପ୍ତ ଅବସ୍ଥା, ତାଙ୍କର ସାମ୍ୟବାଦର ସ୍ୱପ୍ନ ସଫଳ ହୋଇପାରିବ ଯଦି ସାଧାରଣ ଜନତା ଜାଗି ଉଠିବେ । ସତ୍ୟ ପାଇଁ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବାର ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ନାଟକ 'ଗାନ୍ଧୀବାଦର ତଳେ' ରଚିତ ।

ଗାନ୍ଧିଜୀ କେବଳ ଗୋଟିଏ ଛାଞ୍ଚ ହୋଇଯାଇଛନ୍ତି । ସେହି ଛାଞ୍ଚ ଆଡୁଆଳରେ ଯେତେ ଶୋଷଣ, ଅପକର୍ମ ହୋଇଛି । ମାତ୍ର ଭାଷଣ ହୁଏ ଗାନ୍ଧୀଙ୍କ ଆଦର୍ଶ ଉପରେ । ସମ୍ମିଳନୀ ଗୃହର ନାମ 'ଗାନ୍ଧୀ ହଲ', ମାର୍କେଟ ଛକରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ସବୁ ରାଜନୀତିକ କେନ୍ଦ୍ର, କାର୍ଯ୍ୟାଳୟରେ ଗାନ୍ଧିଜୀଙ୍କ ଫଟୋ ଶୋଭା ପାଉଛି । ଗାନ୍ଧୀଙ୍କ ନାମରେ ପ୍ରସ୍ତୁତ ହୋଇଛି ଉଦ୍ୟାନ, ସ୍ମୃତି ଭବନ । ହେଲେ ସେହି ଜାଗା ହିଁ ପାଲଟୁଛି ବେଆଇନ କାର୍ଯ୍ୟର କେନ୍ଦ୍ରସ୍ଥଳ । ନାଟ୍ୟକାର ଶଶିଭୂଷଣ ପାଣିଗ୍ରାହୀ 'ପାଗଳ' ଚରିତ୍ର ମୁଖରେ ଏହାର ତାଚ୍ଛଲ୍ୟ କରି କହିଛନ୍ତି– "ବାବୁ ! ଗାନ୍ଧୀ ହଲରେ ? ହଁ ସେଇଠି ଭୋଜି ନ ହେଲେ ଆଉ ହେବ କୋଉଁଠି ? ଗାନ୍ଧୀମାର୍ଗରେ ଚାଲ ବାବୁ ! ଗାନ୍ଧୀ ହଲରେ ଭୋଜି । xxx ଗାନ୍ଧୀ ପାର୍କରେ ବୁଲିଛି ବାବୁ ? ଗାନ୍ଧୀ ଫୁଲ– ନାଲି ରଙ୍ଗର– ହସୁଛି– ଠିକ୍ ତାଜାରକ୍ତ ପରି । ସେ ଦିନର ଠିକ୍ ସେଦିନ ଯେମିତି ରକ୍ତିମ ଓଠରେ ହସିଥିଲା ମୋର ଗାନ୍ଧୀ ରିଭଲଭର (ନିଜର ପିସ୍ତଲ ଦେଖାଇ) ନାଲି ଗାନ୍ଧୀଗୋଲାପ ଭାରି ସୁନ୍ଦର ଦିଶେ ନା ?"

(ପୃ-୮୧)

ନାଟକର ଆରମ୍ଭରେ ନିଜକୁ ଗାନ୍ଧୀବାଦୀ ବୋଲି ପରିଚୟ ଦେଇଥିବା ଧର୍ମଗଡ଼ର ପ୍ରଧାନମନ୍ତ୍ରୀ, ଶଙ୍ଖଦଳର ନେତା ବିଜୟ ବାବୁ; ଦେଶର ରାଜନୀତିକ ଆର୍ଥନୀତିକ ଓ ସାମାଜିକ ଅସ୍ଥିରତା କାଳରେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି । ତାଙ୍କର ଏହି ଚିନ୍ତିତ ଅବସ୍ଥାରେ ଶୂନ୍ୟରୁ ଦର୍ଶନ ଦେଇଛନ୍ତି ଗାନ୍ଧିଜୀ । ନିଜ ସ୍ୱପ୍ନର ଦେଶ ଭାରତ ଏପରି ଅବସ୍ଥା ଦେଖି ପୁନଃଶ୍ଚ ଧରାପୃଷ୍ଠରେ ଅବତରିତ ହେବେ ବୋଲି କହିଛନ୍ତି । ମାତ୍ର ବିଜୟ ଧମକ ଦେଇଛି ଗାନ୍ଧିଜୀଙ୍କୁ ପୁନର୍ବାର ଜନ୍ମ ନ ନେବା ପାଇଁ । କାରଣ ଗାନ୍ଧୀଙ୍କର ନୀତି ଆଦର୍ଶ ଓ ଆଦେଶକୁ ପ୍ରତିପାଳନ କରି ଦେଶ ପାଇଁ ନିଃସ୍ୱାର୍ଥରେ କାର୍ଯ୍ୟ କରୁଥିବା ଅନେକ ସହଯୋଗୀ ପାଇଛନ୍ତି କ'ଣ ? ଗାନ୍ଧୀ ପାଇଛନ୍ତି ସମସ୍ତ ପ୍ରସଂଶା, ସମସ୍ତ ସାଧୁବାଦ ଓ 'ମହାତ୍ମା', 'ବାପୁଜୀ', 'ଜାତିର ପିତା', ପରି ଉପାଧି । ତେଣୁ ତାଙ୍କର ପଟ୍ଟଶିଷ୍ୟ, ସ୍ୱାଧୀନତା ସଂଗ୍ରାମୀ 'ବିଜୟ' ଇଙ୍ଗିତରେ ଗୁଳି ଚାଳନା କରି ହତ୍ୟା କରାଯାଇଛି । ସେ ଗାନ୍ଧୀଙ୍କୁ ପିସ୍ତଲ ଦେଖାଇ କହିଛି–

"ବିଜୟ– ହଁ, ମୁଁ ସେଇ ବିଜୟ, ଯାହାର ଇଙ୍ଗିତରେ ଏହି ରିଭଲଭର ମୁନରେ ବରଣ କରିଛ ମୃତ୍ୟୁ । ଚିହ୍ନିପାରୁନ ମତେ ?

ବାପୁଜୀ– ଏ କ'ଣ କହୁଛ ମତେ ? ତୁମେ ନୁହଁ କି ମୋର ଅନ୍ତରଙ୍ଗ ଶିଷ୍ୟ ?

ବିଜୟ- ହଁ ହଁ, ମୁଁ ସେଇ ବିଜୟ ବାପୁ, ଯିଏ ତୁମ ସାଥିରେ ଅସୀମ ତ୍ୟାଗ ସ୍ୱୀକାର କରିଛି ଧର୍ମଗଡ଼ର ସ୍ୱାଧୀନତା ସଂଗ୍ରାମରେ । ତୁମେ ଆଦେଶ କରିଛ; ମୁଁ ଗୁଳି ସହିତ ଖେଳ ଖେଳିଛି । ତୁମେ ପାଇଛ Reward, 'ବାପୁଜୀ' ଆଖ୍ୟା । ଆଉ ମୁଁ ? This is my reward. (ପୃ-୯୫)

ନାଟ୍ୟକାର ଏପରି ଦୃଶ୍ୟର ରଚନା କରି ଦେଖାଇ ଦେଇଛନ୍ତି ଯେ- ବାସ୍ତବରେ ଆମେ ହିଁ ଗାନ୍ଧୀହନ୍ତା । ଗାନ୍ଧୀଙ୍କ ଦ୍ୱାହି ଦେଇ ନିଜ ସ୍ୱାର୍ଥ ପାଇଁ ଆମେ ହିଁ ଆମ ଭିତରେ ତଣ୍ଟିଚିପି ହତ୍ୟା କରିଦେଇଛୁ ଗାନ୍ଧୀଙ୍କ ଆଦର୍ଶକୁ ।

**ଉପସଂହାର :**

ଗାନ୍ଧୀଙ୍କ ଚେତନା ଓ ଆଦର୍ଶ ବାସ୍ତବରେ ଅବିସ୍ମରଣୀୟ । କେବଳ ବାକ୍ୟରେ ନୁହେଁ ଆନ୍ତରିକତାରେ ଆମେ ସେହି ଆଦର୍ଶକୁ ଗ୍ରହଣ କରିପାରିଲେ ରାମରାଜ୍ୟ ପ୍ରତିଷ୍ଠା ଅସମ୍ଭବ ନୁହେଁ । ରାଜନୀତିରେ ଗାନ୍ଧୀଙ୍କ ତ୍ୟାଗକୁ ସମ୍ମୁଖରେ ରଖି ଅନ୍ତରାଳରେ ହେଉଥିବା ବୀଭତ୍ସକାଣ୍ଡକୁ ଏପରି ଉପସ୍ଥାପନା କରିବା ପାଇଁ ଦାମ୍ଭିକତା ଓ ନିର୍ଭୀକତା ରହିବା ଆବଶ୍ୟକ । ଯାହା ନାଟ୍ୟକାର ଶଶିଭୂଷଣ ପାଣିଗ୍ରାହୀ ବ୍ୟକ୍ତ କରିପାରିଛନ୍ତି । କେତେକ କ୍ଷେତ୍ରରେ କଳ୍ପିତ ଘଟଣା ଓ ଚରିତ୍ର ସ୍ଥାନ ପାଇଛି । ଯାହା ସାହିତ୍ୟରେ ସ୍ୱାଭାବିକ । ମାତ୍ର ରାଜନୀତିର ଯେଉଁ ଅପ୍ରିୟ ସତ୍ୟକୁ ନାଟକ ମାଧ୍ୟମରେ ଦର୍ଶକଙ୍କୁ ଦେଖାଇ ଦେଇଛନ୍ତି ତାହା ବାସ୍ତବରେ ପ୍ରସଂଶ୍ୟ ।

**ସହାୟକ ଗ୍ରନ୍ଥସୂଚୀ :**


୧) ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ - ଡ. ହେମନ୍ତ କୁମାର ଦାସ ।

୨) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା - ଡ. ବୈଷ୍ଣବ ଚରଣ ସାମଲ ।

୩) ସାହିତ୍ୟ କୋଷ - ଦାଶରଥି ଦାସ, ସୁଦର୍ଶନ ଆଚାର୍ଯ୍ୟ (ସଂ) ।



ଗବେଷିକା, ବିଶ୍ୱଭାରତୀ ଶାନ୍ତିନିକେତନ

ଦୂରଭାଷ- ୭୦୬୪୫୧୫୭୯୪

ISSN -2583-147X (P), Vol.- 9, Issue No.IV, July 2023
Bastabatara Pariprakash Prachee
*Peer Reviewed and Referred Research Journal*

# ମଧ୍ୟକାଳୀନ ଓଡ଼ିଆ ପଦିଆ ସାହିତ୍ୟ

**ବିଜୟଲକ୍ଷ୍ମୀ ଦାଶ**

ମଧ୍ୟକାଳୀନ ଓଡ଼ିଆ ଗୀତିକବିତାର ଏକ ଆଙ୍ଗିକ । ପଦିଆ ଏକ ସଂଖ୍ୟାତ୍ମକ ଗୀତି । ମଧ୍ୟକାଳୀନ ଏହି ଗୀତିପ୍ରାରୂପଟି କିନ୍ତୁ ଆଲୋଚକମାନଙ୍କର ସବିଶେଷ ଦୃଷ୍ଟି ଆକର୍ଷଣ କରିପାରିନାହିଁ । ପ୍ରଥମେ ଆଲୋଚକ ବିଚ୍ଛନ୍ଦ ଚରଣ ପଟ୍ଟନାୟକ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ'ର ମୁଖପତ୍ର 'କୋଣାର୍କ' ପତ୍ରିକାର ୧ମ ବର୍ଷ ୩ୟ ସଂଖ୍ୟାରେ 'ଓଡ଼ିଆ ପଦୀ ସାହିତ୍ୟ' ଶୀର୍ଷକରେ ଏକ ଆଲୋଚନାତ୍ମକ ପ୍ରବନ୍ଧ ଲେଖିଥିଲେ । ଏହି ପ୍ରବନ୍ଧରେ ସ୍ୱର୍ଗତ ପଟ୍ଟନାୟକ ତାଙ୍କ ନିଜ ପାଖରେ ଥିବା ଖଣ୍ଡିଏ ତାଳପତ୍ର ପୋଥିରୁ କେତୋଟି ପଦୀ ଓ ପଦିଆର ଉଦ୍ଧୃତି ପ୍ରକାଶ କରି ପଦୀ ଓ ପଦିଆ ସାହିତ୍ୟର ଆଲୋଚନା କରିଥିଲେ । ତାଙ୍କ ମୃତ୍ୟୁପରେ ସେ ପୋଥିଟିର ସନ୍ଧାନ ମିଳିଲା ନାହିଁ ।

**ପଦିଆ :**

'ପଦିଆ' ଶବ୍ଦ ସଂସ୍କୃତ 'ପଦୀ'ର ଓଡ଼ିଆ ରୂପ । ସଂସ୍କୃତ ଓ ପ୍ରାକୃତ 'ଷଟ୍‌ପଦୀ', 'ଚତୁଷ୍ପଦୀ', 'ଅଷ୍ଟପଦୀ', 'ପଞ୍ଚାଶିକା', 'ଶତକ', 'ଚତୁର୍ଦ୍ଦଶପଦୀ', 'ସପ୍ତଶତୀ', 'ପୋଇ' ପରି ପଦିଆ ଏକ ସଂଖ୍ୟାବାଚକ ଗୀତି । ଅଧିକାଂଶ ଓଡ଼ିଆ ପଦିଆ ଶୃଙ୍ଗାର ରସାତ୍ମକ । କବି ନିଜ କାବ୍ୟର ଗୋଟିଏ ଛାନ୍ଦକୁ ମଧ୍ୟ ପଦିଆ ନିୟମରେ ଲେଖିପାରିବେ । ଚଉତିଶା ମଧ୍ୟ ପଦିଆ ପର୍ଯ୍ୟାୟବାଚୀ । କିନ୍ତୁ ଚଉତିଶାରେ ଅକ୍ଷର ନିୟମ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଏହା 'ପଦିଆ' ଠାରୁ ସ୍ୱତନ୍ତ୍ର । ପଦିଆରେ ଅକ୍ଷର ନିୟମ ଉପରେ ଗୁରୁତ୍ୱ ଦିଆଯାଇ ନଥାଏ । କବିତାର ପଦ ସଂଖ୍ୟାନୁସାରେ କବିତାର ନାମକରଣ କରାଯାଏ । ଯେପରି ୩୨ ପଦିଆ, ୫୬ ପଦିଆ, ୧୦୦ ପଦିଆ ।

ଓଡ଼ିଆ ପଦିଆ ସାହିତ୍ୟର ଉନ୍ମେଷ କେଉଁ ସମୟରୁ ହୋଇଛି ତାହା ଆଜିଯାଏ ନିର୍ଦ୍ଧାର୍ଯ୍ୟ ଭାବେ କହିବା ଅସମ୍ଭବ । ଏହା ୧୮ଶ ଶତକ ପରବର୍ତ୍ତୀ ଏବଂ ଚଉତିଶା ରୀତିପରି ଏକ ପରୀକ୍ଷା । ଦ୍ୱାଦଶ ଶତାବ୍ଦୀର କବି ଜୟଦେବ 'ଗୀତଗୋବିନ୍ଦ' ମହାକାବ୍ୟରେ ୨୪ଟି ଅଷ୍ଟପଦୀ ସଂଯୋଜିତ କରିଛନ୍ତି । ଅଷ୍ଟପଦୀଗୁଡ଼ିକ ଆଦିରସଯୁକ୍ତ । ଅର୍ଥାତ୍ ଶୃଙ୍ଗାରସାତ୍ମକ । ଏହାର ଠିକ୍ ଦୁଇଶହ ବର୍ଷ ପରେ ଉତ୍କଳୀୟ ପଣ୍ଡିତ କବିଚନ୍ଦ୍ର ରାୟ, ଦିବାକର ମିଶ୍ର (କର୍ଣ୍ଣାଟ ରାଜଦରବାରରେ ପ୍ରଖ୍ୟାତ ପଣ୍ଡିତ, ପୁରୁଷୋତ୍ତମ ଦେବଙ୍କ ସଭାକବି) ଗୀତଗୋବିନ୍ଦ ଅବଲମ୍ବନରେ 'ଅଭିନବ ଗୀତଗୋବିନ୍ଦ' ଶୀର୍ଷକ ଖଣ୍ଡିଏ ଗୀତିକାବ୍ୟ ରଚନା କରି ସେଥିରେ କେତେଗୁଡ଼ିଏ 'ଅଷ୍ଟପଦୀ' ସନ୍ନିବେଶିତ କରିଥିଲେ । ଏହାପରେ ନାରାୟଣ ଭଂଜଙ୍କର 'ରୁକ୍ମିଣୀ ପରିଣୟ', ରାମାନନ୍ଦ ପଟ୍ଟନାୟକଙ୍କର 'ଶ୍ରୀଜଗନ୍ନାଥ ବଲ୍ଲଭ' ଭଳି କେତୋଟି ହାତଗଣତି ସଂସ୍କୃତ ଗୀତିକାବ୍ୟ ଓଡ଼ିଶାରେ ରଚିତ ହୋଇଥିଲା । 'ଅଷ୍ଟପଦୀ' ରଚନାରେ ଉତ୍କଳୀୟ କବି ଜୟଦେବ ଯେଉଁ ମାର୍ଗ ଦେଖାଇଛନ୍ତି ଉଭୟ ଓଡ଼ିଆ ପଦୀ ଓ ପଦିଆ ସାହିତ୍ୟକୁ ଅନୁପ୍ରାଣିତ କରିଛି ।

ଓଡ଼ିଆରେ ଏଯାବତ୍ ଯେତେ କବିଙ୍କ 'ପଦିଆ' ସଂଗ୍ରହ କରାଯାଇଛି, ସେଗୁଡ଼ିକ ହେଉଛି- 'କୃପାସିନ୍ଧୁ ସୁମନ୍ତଙ୍କ ଛବିଶ ପଦିଆ', 'ବାମଦେବ ପଟ୍ଟନାୟକ', 'ବ୍ରଜସୁନ୍ଦର ପଟ୍ଟନାୟକ' ଓ 'କୃଷ୍ଣ ସିଂହଙ୍କର ଛପନ ପଦିଆ', ବାସୁଦେବ ଦାସ ଓ ବାମଦେବ ପଟ୍ଟନାୟକଙ୍କର 'ପଚାଶ ପଦିଆ', ଭାରତ କବିଙ୍କର 'ଷାଠିଏ ପଦିଆ', ନୀଳକଣ୍ଠ ଖାଡ଼ଙ୍ଗା ଓ ବୀରବର ମଙ୍ଗରାଜଙ୍କର 'ଶହେ ପଦିଆ', ଧନଞ୍ଜୟ ଭଂଜଙ୍କର 'କୋଡ଼ିଏ ପଦିଆ', 'ଅଠର ପଦିଆ', ଉପେନ୍ଦ୍ର ଭଞ୍ଜଙ୍କର 'ବାଇଶି ପଦିଆ', ଦୀନକୃଷ୍ଣ ଦାସଙ୍କର 'ବାର ପଦିଆ' ଅନ୍ୟତମ ।

ଦୀନକୃଷ୍ଣଙ୍କ 'ବାର ପଦିଆ' 'ଚ' – ଆଦ୍ୟାନୁପ୍ରାସରେ ରଚିତ । 'ରାଗ' – 'ବଂଗଳାଶ୍ରୀ' ଓ 'ସରିମାନ' ।

ଚନ୍ଦିନୀ ରାତିକୁ ଚହିଁ ଚକ୍ରଧର ଚିତୋଇଲେ ଚନ୍ଦ୍ରମୁଖୀ ।
ଚରୁ ଚମୀକର ଚଂପେକ ବରନୀ ରସିକ ଆକଳ (କ) ମୁଖୀ ବନ୍ଧୁ ମୋର ॥୧॥

ଋରିଆଡ଼େ ମତ୍ତ କୋକିଳମାନଙ୍କ କୁହୁ କୁହୁ ରାବ ଶୁଣି
ଋମକୁଥିବ ମଦନ – ମହୀପତି ବୀରବାଦ୍ୟ ପରା ମଣି ॥ ୨ ॥
ଚିନ୍ତା ଜଳେ ପଡ଼ି ନେତ୍ର ପ୍ରତିମା ମୋ କି ବିଋରୁଥିବ ଚିତ୍ତେ ।
ଋପଧର ମୂନ କାଣ୍ଡ ଧାଡ଼ି ଘାତ ସହିବ ଅବା କେମନ୍ତେ ॥ ୩ ॥
ଚନ୍ଦ୍ର ରଜନୀରେ ଏହି ବସନ୍ତରେ ବସନ୍ତ ପତନୀ ପିନ୍ଧି
ଚନ୍ଦନେ ଭୂଷିତ ହୋଇ ଯେ ଆସଇ କି ଋତୁରୀ ଗଭା ବାନ୍ଧି ॥ ୪॥
ଚୂଳ ଅଗଣାରେ ଋନ୍ଦେନୀ ଉପରେ ଚଞ୍ଚରୀକା (ଗ) କୁ ଅନାଇ
ଋତୁରୀ କରି ହସି ଯାହା ବୋଲିଛି ଚେଳାଞ୍ଚଳ ମୁଖେ ଦେଇ ॥ ୫॥
ଚିତ୍ର ପଟେ ଚନ୍ଦ୍ରଶେଖର ପ୍ରତିମା ଅର୍ଦ୍ଧ ଅଙ୍ଗେ ଉମା ଦେଖି ।
ଋହଁ ଋହଁ ବୋଲି ଅଛି ଏବେ ଯାହା ରସ-ଗର୍ଭୀ ବିଭାରଖି ॥ ୬॥
ଚକ୍ରବାଳ ଚକ୍ରବାଳୀ ଅଂଗସଂଗ ପ୍ରସଙ୍ଗେ କହିଛି ଯାହା
ଚଡ଼କ ପରେ ଚଡ଼କ ପଡୁଅଛି ଚିତୋଇଲେ ଏବେ ତାହା ॥ ୭ ॥
ଚତୁସମ ଲେପି ଦିନେ ତା' କୁଚକୁ କୋଇଲି ଆହେ ସଙ୍କରା ।
ଚିର କାଳରୁ ତୁମ୍ଭଙ୍କୁ ସେବା କରି ହୋଇଛି ତୁମ୍ଭ କିଙ୍କରା ॥ ୮ ॥
ଚରଋ ନକଲ କିଛି ବର ମୋତେ ଏ ବକ୍ର ବଚନ ଶୁଣି
ଚୀନକୁନ୍ତଳା ଶୋଭନୀ ଯା ବୋଲଛି ଏବେ ହେଉଅଛି ଗୁଣି ॥ ୯॥
ଚିତୋଇ ସେ ରୀତି ପଡ଼ି ଏବେ ମୋତେ ମାରୁଅଛି ତୀକ୍ଷ୍ଣ କାତି ।
ଚଣ୍ଡାଳ ବିହି କେଉଁ ବକ୍ରେ ପଡ଼ିଲା ଫାଟି ଯାଉ କାହିଁ ଛାତି ॥ ୧୦॥
ଚତୁରୀ ଚତୁର ପଣରେ ଚେତାଇ, ଯାହା କହିଛି ଦେଖାଇ ।
ଚଞ୍ଚଳ ଚକିତ ଋମରୀ-ନେତ୍ରାକୁ ଥିଲା କେ ଏହା ଶିଖାଇ ॥ ୧୧ ॥
ଚିତୋଇ ଚିତ୍ତେ ସପ୍ରେମେ ଭାବୁ ଭାବୁ ମଦନ ଧନୁ ଧଇଲା ।
ଚିନ୍ତି ଦୀନକୃଷ୍ଣ ସେହିଠାରୁ ଏବେ ଏକଥା ପ୍ରମାଦ ହେଲା ॥ ୧୨ ॥

କ) ଚିତୋଇଲେ – ଋଟୁବଚନରେ ମନ ମୋହିବା
ଋମୀକର – ସୁନା

ଖ) ରହସ୍ୟ ହୋଇ : ଦକ୍ଷିଣ ଓଡ଼ିଶାରେ ଥଟ୍ଟା, ମଜା ଅର୍ଥରେ ଏହାର ପ୍ରଚଳନ ଅଛି ।
ଚେତା ବସି : ଚେତା ପାଇ (ଦକ୍ଷିଣ ଓଡ଼ିଶାର କଥିତ ଭାଷା)
ଆକଳ : ବନ୍ଧନ (ଯେଉଁ ମୁହଁ ରସିକମାନଙ୍କୁ ଆକର୍ଷିତ କରେ / ବାନ୍ଧି ରଖେ)

ଗ) ବସନ୍ତ ପତନୀ : ଈଷତ୍ ହଳଦିଆ ଲୁଗା

ଘ) ଚଞ୍ଚରୀକା : ଅଭିଧାନରେ (ଭ୍ରମରୀ) (ପିଚ୍‌କାରୀ) ଏଠାରେ ପିଚ୍‌କାରୀ ଶବ୍ଦାର୍ଥ ସମୀଚୀନ ହେବ ।

**ପଦିଆର ବିଷୟବସ୍ତୁ :**

ନାୟକ ବିରହ ଜର୍ଜରିତ । କୌଣସି କାରଣରୁ ବିଦେଶରେ ଅବସ୍ଥିତ । ପ୍ରିୟା ବିଚ୍ଛେଦଜନିତ ସନ୍ତପ୍ତ ଜୀବନଯାପନ କରୁଥିବାବେଳେ ନାୟିକାର ଅନୁଚିନ୍ତା ତା'ର ପ୍ରାଣକୁ ଯନ୍ତ୍ରଣାକ୍ତ କରୁଛି । ବିପ୍ରଲମ୍ଭ ଶୃଙ୍ଗାରକୁ ପଦିଆରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି । ସଂସ୍କୃତ ଓ ଓଡ଼ିଆ ସାହିତ୍ୟର ଧୂରୀଣ କବି ବଡ଼ଖେମୁଣ୍ଡି ରାଜ ଦରବାରର ସଭାକବି ବ୍ରଜସୁନ୍ଦର ପଟ୍ଟନାୟକଙ୍କ 'ବାଉନ ପଦିଆ'ରେ ଅଛି –

"ଅଳକାବତୀର ଶ୍ରୀମୁଖ ଋହିଁ
ଅଳକା ସମ୍ପତ୍ତି ରୁଚଇ ନାହିଁ ॥
ଅଳୀକ ବଚନ ପଦେ ନ କହେ ।
ଅଭିମାନ ଏବେ କିମ୍ପାଇଁ ବହେ ॥
ଅମ୍ଳ କାଳ ହେଲେ ଜଗତର
ଆରୋହଣ କରେ ମୁଁ ଜଗତୀର ।
ଆଉଜଇ ଉପରେ ଘନ-ସ୍ତନୀତ
ଆକର୍ଷନ କରି ଘନ-ସ୍ତନିତ ॥"

**ଉଦ୍ଧୃତିର ଅର୍ଥ :** ପ୍ରେମିକ ବିଦେଶରେ ରହି ପ୍ରିୟା ପ୍ରେମିକାର ମାନଭଂଜନ କରିବା ଉଦ୍ଦେଶ୍ୟରେ ଯାହା ଚିନ୍ତା କରିଛି, ତା'ର ଭାବନାକୁ କବି ପଟ୍ଟନାୟକ 'ଅ-ଆ' ଆଦ୍ୟ ଅନୁପ୍ରାସରେ ରଚନା କରିଛନ୍ତି ।

ଅଷ୍ଟାଦଶ ଶତାବ୍ଦୀର ପ୍ରସିଦ୍ଧ କବି ବାଲାଜୀ ପଟ୍ଟନାୟକଙ୍କ ନାମରେ କେତେକ ଚଉପଦୀ ଭଣିତା କରାଯାଇଛି । କବି ବାଲାଜୀ ଗଂଜାମର ଚିକିଟୀ ଅଞ୍ଚଳରେ ବାସ କରୁଥିଲେ । ତାଙ୍କ ରଚିତ ପଦିଆରେ ୫୬ଟି ପଦ ରହିଥିବାରୁ ତାହା 'ଛପନ ପଦିଆ' ନାମରେ ନାମିତ । ଆଲୋଚକ ବିଚ୍ଛଦଚରଣ ପଟ୍ଟନାୟକ କୋଣାର୍କରେ ଯେଉଁ ପଦିଆ ପ୍ରସଙ୍ଗରେ ଚର୍ଚ୍ଚା କରିଥିଲେ କିନ୍ତୁ ନାମକରଣ କରିନଥିଲେ ।**(୨)** ସେ ପଦିଆଟି ବାଲାଜୀ ପଟ୍ଟନାୟକଙ୍କର । ପଦିଆରେ ନାୟିକାର ବିବିଧ ଅଙ୍ଗଭଙ୍ଗୀ ଓ ହାବଭାବକୁ ମନେପକାଇ ନାୟକ ପ୍ରେମରେ ଜର୍ଜରିତ ହେଉଛି । ପ୍ରତ୍ୟେକ ପଦ ଶେଷରେ "ମୋ କଣ୍ଠ କୋମଳା, ହସି ମୋତି-ମାଳା ପକାଇ ହେଲା ।" ପଂକ୍ତିର ଆବୃତ୍ତି ପଦିଆଟିକୁ ରସଗ୍ରାହୀ କରିଛି ।

"ମେଘାଚ୍ଛନ୍ନେ ଦିନେ ରାତି ପାହିଲା
ବାସର ପ୍ରସର ଜଣା ନ ଗଲା ॥
ସେ କାଳେ ମୁଁ ସ୍ମରଣର ଆକୁଳେ ।
କର ଯୋଡ଼ଇ ବନ୍ଧୁ ଶ୍ରୀ ଛାମୁରେ ॥
ମୋ କଣ୍ଠ କୋମଳା,
ହସି ମୋତି-ମାଳା ପକାଇ ଦେଲା ॥

x x x

କହେ ବାଲାଜୀ ଶରଣ ଏ ରସ ।
ପଶାରେ ହାରିଲା ଦିନେ ବାଳୀଶ ॥

ହୋଡ଼ କରିଥିଲା ପୁରୁଷାୟିତ ।
ବୋଇଲି ଧନରେ ହାର ଦିଅ ତ ॥
ମୋ କଣ୍ଠ କୋମଳା,
ହସି ମୋତି-ମାଳା ପକାଇ ଦେଲା ॥"

ପ୍ରଥମ ପଦରେ ଦିବସ ସମୟରେ ସୁରତି କ୍ରୀଡ଼ା ବିଧିସମ୍ମତ ନୁହେଁ ବୋଲି ମୋତିମାଳା ପକାଇ ଦେବାରୁ, ନାୟିକାର ନିଷେଧା ସୂଚକ ଇଂଗିତ ପ୍ରକାଶ ପାଇଛି । ଦ୍ୱିତୀୟ ପଦରେ ନାୟିକା ନାୟକ ପାଖରେ ସଂପୂର୍ଣ୍ଣ ଆତ୍ମସମର୍ପଣ କରିଛି । ବିରହୀ ନାୟକ ଦୁଇଟିଯାକ ଘଟଣାକୁ ସ୍ମରଣ କରି ନାୟିକାର ବିରହ ଅନୁଚିନ୍ତା କରିଛି ।

ଘୁମୁସର ରାଜବଂଶର ରାଜା କବିସମ୍ରାଟ ଉପେନ୍ଦ୍ର ଭଂଜଙ୍କ ପିତାମହ ତଥା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧି ବିଳାସୀ ରାଜା ଧନଞ୍ଜୟ ଭଞ୍ଜ ନାମରେ ଭଣିତ ପଦିଆଗୁଡ଼ିକୁ ପ୍ରାଚୀନତମ ପଦିଆ ରୂପେ ଗ୍ରହଣ କରାଯାଏ ।

"କି କରୁଥିବ ସେ ଚନ୍ଦ୍ର ବଦନା,
ଋରୁ ଋମରୀ ଖଞ୍ଜନ ଲୋଚନା ।(ଘୋଷା)
ରମଣୀ ମୋରେ ହୋଇଲା ବିରହୀ,
ଅତନୁ ତନୁ ଦେଉଥିବ ବହି ॥ ୧ ॥
ମନ୍ଦେ ହସୁଥାଇ ମୋ ମୁଖ ଋହିଁ,
ଅଳପ ଅଳପ ନେତ୍ର ଢାଳଇ ॥ ୨ ॥
ବେଣୀ ରଞ୍ଜିତା ଖଞ୍ଜିଣ ସୀମନ୍ତୀ,
ମୋ ପାଶେ ମିଳଇ ଶିଖରୀ ଦନ୍ତୀ ॥ ୩ ॥
ଚୀନ ଚେଳେ ଦିଶେ କୁଚଯୁଗଳ,
ଦେଖି ଚିତ୍ତ ମାର କରେ ତରଳ ॥ ୪ ॥
ତାକୁ ଛାଡ଼ିଲି ମୋ ଧିକ ଜୀବନ,
ନିମିଷକେ କୋଟି ଯୁଗ ସମାନ ॥ ୫ ॥"

ଏହି ପଂକ୍ତିରେ ମଧ୍ୟ ନାୟକର ବିରହ ଅବସ୍ଥାର ଚିତ୍ର ପ୍ରଦତ୍ତ ।**(୩)**

ପୁରୁଷୋତ୍ତମ ଅନଙ୍ଗଭୀମ ଦେବଙ୍କ ସଭାକବି ବ୍ରଜସୁନ୍ଦରଙ୍କ ନାମରେ 'ବାଉନ ପଦିଆ'ଟି ଭଣିତା ହୋଇଥିଲା । ପଦିଆ ସାହିତ୍ୟର ଏହା ଏକ ଚମତ୍କାର ଦୃଷ୍ଟାନ୍ତ । କବିଙ୍କ ସମୟକୁ 'କ' ଆଦ୍ୟାନୁପ୍ରାସରେ 'ରସକଲ୍ଲୋଳ' 'ବ' ଆଦ୍ୟାନୁପ୍ରାସରେ 'ବୈଦେହୀଶ ବିଳାସ', 'ସ' ଆଦ୍ୟାନୁପ୍ରାସରେ 'ସୁଭଦ୍ରା ପରିଣୟ' ଓ 'କ' ଆଦ୍ୟାନୁପ୍ରାସରେ 'କଳା କଉତୁକ' ଆଦି ରଚନା ହୋଇସାରିଥିଲା । ତେଣୁ କବିମାନେ ଅଦ୍ୟାନୁପ୍ରାସ ରଚନାରେ ନିଜର କାବ୍ୟ ପାଣ୍ଡିତ୍ୟ ଦେଖାଇବାରେ ଆଗ୍ରହୀ ଥିଲେ । ବ୍ରଜସୁନ୍ଦର ପଟ୍ଟନାୟକ ଏହି ପରଂପରାରେ ଅନୁପ୍ରାଣିତ ହୋଇ 'ଅ', 'ଆ' ଆଦ୍ୟାନୁପ୍ରାସରେ ପଦିଆଟି ରଚନା କରିଛନ୍ତି ।

ମଧ୍ୟକାଳୀନ ଓଡ଼ିଆ ସାହିତ୍ୟରେ ଶହେ ପଦିଆ, ଛପନ ପଦିଆ, ଷାଠିଏ ପଦିଆର ସଂଖ୍ୟା କିଛି କମ୍ ନୁହେଁ । ସାହିତ୍ୟିକ ମୂଲ୍ୟାୟନ ଦୃଷ୍ଟିରୁ ପଦିଆ ସମ୍ପର୍କରେ ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣ । ପୋଇ, ବୋଲି, କୋଇଲି ପରି ପ୍ରାଚୀନ ଗୀତିବିଭାବର ଏଇ ପଦିଆ ଶାଖାଟି ମଧ୍ୟ ବେଶ୍ ସମୁଜ୍ଜ୍ୱଳ । ସରଳ ଶବ୍ଦ ସଂଯୋଜନା, ଆଳଂକାରିକ ସୌଷ୍ଠବ ସମ୍ପାଦନା ଓ ଛନ୍ଦ ଯୋଜନାରେ କବି ଯେଉଁ ଦକ୍ଷତା ଦର୍ଶାଇଛନ୍ତି, ତାହା ଅତୀବ ଉଚ୍ଚକୋଟୀର । ସର୍ବୋପରି ପଦିଆ ରଚୟିତାମାନଙ୍କର ରସବୋଧ, ପ୍ରକୃତିପ୍ରୀତି ଓ ସୌନ୍ଦର୍ଯ୍ୟାନୁଭୂତି ତାହାଙ୍କ ରଚନାକୁ ଅଧିକ ରସମୟ ଓ ରମଣୀୟ କରିଅଛି ।

ଆକାରରେ ନିର୍ଦ୍ଦିଷ୍ଟ ପଦଯୁକ୍ତ ହେଲେ ମଧ୍ୟ ପ୍ରତ୍ୟେକ ପଦ ସ୍ୱୟଂ ସମ୍ପୂର୍ଣ୍ଣ । ପ୍ରତ୍ୟେକ ପଦରେ କୌଣସି ଚରିତ୍ରର ବ୍ୟାପକ ଜୀବନ ମଧ୍ୟରୁ ଏକ କ୍ଷୁଦ୍ର ଅଂଶକୁ ଅଭିବ୍ୟକ୍ତ କରିଥାଏ । ମଧ୍ୟକାଳୀନ କବିମାନେ ପାଣ୍ଡିତ୍ୟ, ଆଳଂକାରିକତା ଓ ଶବ୍ଦ ଶିଳ୍ପରେ ଏପରି ତନ୍ମୟ ଯେ, ସେମାନେ ବହୁ କ୍ଷେତ୍ରରେ ସ୍ୱଭାବ ସୁଲଭ ବର୍ଣ୍ଣନା ବିଳାସର ସୌନ୍ଦର୍ଯ୍ୟ, ଚରିତ୍ରର ସ୍ୱାଭାବିକ ଭାବଭଙ୍ଗୀ ଉପରେ ଗୁରୁତ୍ୱ ଦେଇଛନ୍ତି । ପରିଶେଷରେ ଏହା ଆମେ ସ୍ୱୀକାର କରିବା ଯେ, ମଧ୍ୟକାଳୀନ ଓଡ଼ିଆ ସାହିତ୍ୟର ଏହି ସ୍ୱଳ୍ପ ଆଲୋଚିତ ପ୍ରସଙ୍ଗଟିର 'ପଦିଆ' ଭାଷା ସୁବୋଧ, ମାର୍ଜିତ ଓ ଭାବଗର୍ଭକ । ପରିବେଶ ଓ ପରିସ୍ଥିତିରେ ପଦିଆ ରଚୟିତାମାନେ ପରିପୂର୍ଣ୍ଣ ଉତ୍କଳୀୟ ଭାବ ପରିବେଷଣ କରିଛନ୍ତି । ସାମଗ୍ରିକ ରୂପରେ କହିବାକୁ ଗଲେ 'ପଦିଆ' ସାହିତ୍ୟ ବିଦ୍‌ଵତ୍ତା ଓ କମନୀୟ କାବ୍ୟକବିତାର ଏକ ମନୋଜ୍ଞ ମଧୁଭଣ୍ଡାର ।

**ସହାୟକ ଗ୍ରନ୍ଥସୂଚୀ :**


୧. 'ବାର ପଦିଆ' ଦୀନକୃଷ୍ଣ ଦାସ – Text and Edited Notes with Preface by Pandit Sri Nilamani Mishra, Manuscript Section, Orissa State Museum, Bhubaneswar-751014.

୨. ଓଡ଼ିଆ ପଦିଆ ସାହିତ୍ୟ, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, କୋଣାର୍କ, ପ୍ରଥମ ବର୍ଷ, ତୃତୀୟ ସଂଖ୍ୟା

୩. ଓଡ଼ିଆ ପଦିଆ ସାହିତ୍ୟ, ସଂଗ୍ରହ ଓ ସଂପାଦନା ପ. ଶ୍ରୀ ନୀଳମଣି ମିଶ୍ର, ଏଷଣା, ଷଷ୍ଠ ସଂଖ୍ୟା, ମାର୍ଚ୍ଚ-୧୯୮୩



ଅଧ୍ୟାପିକା, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X (P), **Vol.- 9, Issue No.IV, July 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ସମୀକ୍ଷା: ବିଚାର ଓ ବିମର୍ଶ

**ସନ୍ତୋଷ ଭୋଇ**

ଓଡିଶାର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଜୀବନଚର୍ଯ୍ୟାରେ ବଳରାମ ଦାସଙ୍କ କୃତ ଲକ୍ଷ୍ମୀପୁରାଣ ଏକ ଉଲ୍ଲେଖ ଯୋଗ୍ୟ କୃତି । କୃତିଟିର କଳେବର କ୍ଷୁଦ୍ର । ତଥାପି ଉତ୍କଳୀୟ ଜନଜୀବନରେ ଏହା ବେଦ ସଦୃଶ । ଏ ସଂପର୍କରେ ବହୁ ଚର୍ଚ୍ଚା, ଆଲୋଚନା ଓ ଗବେଷଣା ହୋଇ ସାରିଛି । ତେଣୁ ସେଗୁଡିକୁ ବିଚାର କରି ନିଜସ୍ୱ ମତାମତ ପ୍ରଦାନ କରିବା ଉକ୍ତ ସମୀକ୍ଷାଟିର ଉଦ୍ଦେଶ୍ୟ ।

ପୁରାଣରେ ସାଧାରଣତଃ ସର୍ଗ, ସୃଷ୍ଟି, ପ୍ରତିସର୍ଗ, ବଂଶ, ମନ୍ୱନ୍ତର, ଏବଂ ବଂଶାନୁଚରିତ ପ୍ରଭୃତି ପାଂଚ ଗୋଟି ଲକ୍ଷଣ ଥିବା ଆବଶ୍ୟକ । କାଳକ୍ରମେ ଉପପୁରାଣ ଲୋକପ୍ରିୟତା ଅର୍ଜନ କରିଛି । ତେଣୁ ପୁରାଣକାରମାନେ ପୁରାଣ ପାଇଁ ଦଶଗୋଟି ଲକ୍ଷଣ ଓ ଉପପୁରାଣ ପାଇଁ ପାଂଚ ଗୋଟି ଲକ୍ଷଣ ନିର୍ଦ୍ଧାରଣ କଲେ । ପୁରାଣର ଦଶଗୋଟି ଲକ୍ଷଣ ଭିତରେ ସର୍ଗ, ବସର୍ଗ, ବୃତ୍ତି, ରକ୍ଷା, ଅନ୍ତର ସମୂହ, ବଂଶ, ବଂଶାନୁଚରିତ, ସଂସ୍ଥା, ହେତୁ ଓ ଅପାଶ୍ରୟ । ଏବେ ଲକ୍ଷ୍ମୀପୁରାଣ ଆଡ଼କୁ ଆସିବା । ପୁରାଣର ଦଶ ଲକ୍ଷଣ ଦୃଷ୍ଟିରୁ ଏହା ପୁରାଣ ପଦବାଚ୍ୟ ହୋଇପାରିବ କି ? ଏଥିରେ କୌଣସି ଗୋଟିଏ ଲକ୍ଷଣ ପରିଦୃଷ୍ଟ ହେବାର ନଜରରେ ଆସେ ନାହିଁ । ମାତ୍ର ପୁରାଣର ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଦୁଇଗୋଟି ବୈଶିଷ୍ଟ ସାମନାକୁ ଆସେ । ପ୍ରଥମଟି ଏହାର ପ୍ରଶ୍ନୋତ୍ତର ଶୈଳୀ ଏବଂ ଦ୍ୱିତୀୟଟି ଆଦର୍ଶ ପ୍ରତିଷ୍ଠା କରିବାର ପ୍ରୟାସ । ଯାହାକି ଲକ୍ଷ୍ମୀଙ୍କର ମହାତ୍ମ୍ୟକୁ ପ୍ରକାଶ କରେ । ଆମ ସାଧାରଣ ଜୀବନଚର୍ଯ୍ୟାରେ କେତେକ ଗୋପନ କଥା ବା ରହସ୍ୟକୁ ଆମେ ପୁରାଣ ବୋଲି ଅଭିହିତ କରିଥାଉ । ବେଳେବେଳେ କଥା ପ୍ରସଙ୍ଗରେ 'ତୋ ପୁରାଣ ଖୋଲିଦେବି', 'ତୋ କଥା କହିଲେ ପୁରାଣ ହେବ', 'ତୋ ପୁରାଣ ପେଡ଼ି ଖୋଲିବି' ଆଦି ଉକ୍ତିକୁ ଗୋପନୀୟତା ପ୍ରସଙ୍ଗରେ ପ୍ରକାଶ କରିଥାଉ । ମାତ୍ର ଲକ୍ଷ୍ମୀ ପୁରାଣରେ ଗୋପନୀୟତା କ'ଣ ? ଯାହା ଆମ ଭଗବାନ ଜଗନ୍ନାଥ ଓ ମାଆ ଲକ୍ଷ୍ମୀଙ୍କର ସମସ୍ୟାକୁ ଇଙ୍ଗିତ କରେ । ଇଏ ପୁଣି ପାରିବାରିକ । ପରବର୍ତ୍ତୀ ସମୟରେ ସାମାଜିକ ସ୍ତରକୁ ଗତି କରିଛି । ଏ ସାମାଜିକ ସମସ୍ୟା ପୁଣି ଜଣେ ନାରୀ ସମସ୍ୟା । ଯାହା ଈଶ୍ୱରୀୟ ସମସ୍ୟାରୁ ମାନବୀୟ ସମସ୍ୟା ଆଡ଼କୁ ପ୍ରବାହିତ । ତେଣୁ ଶ୍ରୀମନ୍ଦିରର ଏ ଗୋପନ ସମସ୍ୟାକୁ ଆମେ ପୁରାଣ ବାଚକ ଶବ୍ଦରେ ବ୍ୟବହାର କରିପାରିବା । ତେଣୁ 'ଲକ୍ଷ୍ମୀ ପୁରାଣ'କୁ ସେହି ଦୃଷ୍ଟିରୁ ଏକ ପୁରାଣ ବୋଲି ଗ୍ରହଣ କରିନବା ।[୧] ଲକ୍ଷ୍ମୀ ପୁରାଣକୁ ମାଣବସା ଗୁରୁବାର ଓଷା, ବ୍ରତକଥା ଆଦି ଶବ୍ଦ ସହ ଯୋଡ଼ାଯାଇଛି । ଏ ଯୋଡ଼ଣରୁ ସୃଷ୍ଟି ହୋଇଛି ଯେ ରଚନାଟି ପୁରାଣ ଓ ବ୍ରତକଥାର ସମ୍ମୀକରଣ ।[୨]

ଗୋଟିଏ ଲୌକିକ ପ୍ରସଙ୍ଗରୁ ଷୋଡଶ ଶତାବ୍ଦୀରେ ଲୁହାର ଲେଖନୀ ମାଧ୍ୟମରେ ଏହାର ରଚନା ଯୁଗପ୍ରସଙ୍ଗୀ । ଅଷ୍ଟାଦଶ ଶତାବ୍ଦୀର ଶେଷ ସମୟର କବି ପୀତାମ୍ବର ଦାସ ତାଙ୍କ କୃତ 'ନୃସିଂହ ପୁରାଣ'ରେ ଅଷ୍ଟାଦଶ ପୁରାଣ ମଧ୍ୟରୁ 'ଲକ୍ଷ୍ମୀପୁରାଣ' ଅନ୍ୟତମ ବୋଲି ଉଲ୍ଲେଖ କରିଛନ୍ତି । ସେ ଥିଲେ ଜାତିସ୍ମର । ସେ ପ୍ରଥମ ଜନ୍ମରେ କାଳିଦାସ, ଦ୍ୱିତୀୟ ଜନ୍ମରେ ଭାଗବତକାର ଜଗନ୍ନାଥ ଦାସ, ତୃତୀୟ ଜନ୍ମରେ ରାମାୟଣକାର ବଳରାମ ଦାସ, ଚତୁର୍ଥ ଜନ୍ମରେ ହରିବଂଶ ପୁରାଣକାର ନାରାୟଣ ଦାସ (କାହା କାହା ମତରେ ଅଚ୍ୟୁତାନନ୍ଦ ଦାସ), ପଂଚମ ଜନ୍ମରେ ସାରଳା ଦାସ କବି, ଷଷ୍ଠ ଜନ୍ମରେ ବିଷ୍ଣୁକେଶରୀ ପୁରାଣ ରଚକ ମହାଦେବ ଦାସ ଓ ସପ୍ତମ ଜନ୍ମରେ ସେ ଧରାକୁ ଆସି ନୃସିଂହ ପୁରାଣ ଲେଖିଥିବା କଥା କହିଛନ୍ତି । ସେ 'ନୃସିଂହପୁରାଣ'କୁ ପୁରାଣମାନଙ୍କର ରାଜା ଆଖ୍ୟାଦେଇ ଅଷ୍ଟାଦଶ ପୁରାଣ କଥା ଉଲ୍ଲେଖ କରିଛନ୍ତି । ଯେଉଁଥିରେ 'ଲକ୍ଷ୍ମୀପୁରାଣ' ହେଉଛି ଅନ୍ୟତମ ।

"ବେଦବ୍ୟାସକୃତ ଏଇ ସବୁ ଶାସ୍ତ୍ର ଜାଣ
ଅଷ୍ଟାଦଶ ପୁରାଣ ଯେ ବାନ୍ଧିଲେକ ପୁଣ ।
ନୃସିଂହ ପୁରାଣ କଲେ ତାଙ୍କ ମଧ୍ୟେ ରାଜା

ତହିଁକି ବ୍ରହ୍ମପୁରାଣ ପାତ୍ର ପଣେ ଖଞ୍ଜା ।
ମନ୍ତ୍ରୀପଣରେ ଖଟିଲେ ମାର୍କଣ୍ଡ ପୁରାଣ
ବସିଷ୍ଠ ପୁରାଣ କଲେ ପ୍ରୋହିତ ବରଣ
ମତ୍ସ୍ୟ ପୁରାଣ ବେହେରା ମହାପାତ୍ର ହେଲେ
ସୈନ୍ୟବଳ ଛତ୍ର କୂର୍ମ ପୁରାଣକୁ କଲେ ।
ବରାହ ପୁରାଣ ହେଲେ ସର୍ବ ଅଧିକାରୀ
ପରୀକ୍ଷା କଲେ ବାମନ ପୁରାଣ ବିଚାରୀ
ବୀଣା ବଜାଇ ରହିଲେ ବାଗଦେବୀ ପୁରାଣ
ଲକ୍ଷ୍ମୀପୁରାଣ ସେବିଲେ ପ୍ରିୟା ହୋଇଜାଣ ।
ପଦ୍ମପୁରାଣ ନିଯୋଗ ହେଲେ ସେବାକାରୀ
ବ୍ରହ୍ମାଣ୍ଡ ପୁରାଣ ହେଲେ ପଢିହାରୀ ।"[୩]

ଓଡ଼ିଶାରେ ଭିନ୍ନ ଭିନ୍ନ କବିମାନଙ୍କ ଦ୍ୱାରା ଲିଖିତ ଅନେକ 'ଲକ୍ଷ୍ମୀପୁରାଣ' ଦେଖିବାକୁ ମିଳେ । କବିମାନଙ୍କ ମଧ୍ୟରେ ଅଛନ୍ତି- ଜଡ଼ା କୃଷ୍ଣଦାସ, ବନମାଳୀ ଦାସ, ସିଦ୍ଧେଶ୍ୱର ଦାସ, ଧନଞ୍ଜୟ, ସଦାଶିବ ଦାସ, ସୁଦାମ ଦାସ, କରୁଣାକର ଦାସ, ନେତ୍ରାନନ୍ଦ, ଦ୍ୱିଜ ମୃତ୍ୟୁଞ୍ଜୟ, ପୁସ୍କର ଓ ଜଗନ୍ନାଥ ଦାସ ।[୪] ମାତ୍ର ଷୋଡ଼ଶ ଶତାବ୍ଦୀର କବି ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀପୁରାଣ' ଘରେ ଘରେ ପରିଚିତ । ଯାହା ଆଲୋଚନାର ବିଷୟବସ୍ତୁ ।

ଅଷ୍ଟାଦଶ ଶତାବ୍ଦୀର ପୀତାମ୍ବର ଦାସ ଯେଉଁ ପୌରାଣିକ ଚାତୁରୀ ଆଖ୍ୟାନ ଦ୍ୱାରା ବଳରାମ ଦାସଙ୍କ ସମ୍ପର୍କରେ ଦୃଷ୍ଟି ସଂକେତ ଛାଡ଼ିଯାଇଥିଲେ ତାହା ଊନବିଂଶ ଶତାବ୍ଦୀର ଶେଷ, ବିଂଶ ଶତାବ୍ଦୀ ଏବଂ ଏକବିଂଶ ଶତାବ୍ଦୀର ଆରମ୍ଭରେ ବିଭିନ୍ନ ଗବେଷକ, ଆଲୋଚକ, ସଂପାଦକମାନଙ୍କ ଦ୍ୱାରା ବିଶ୍ଳେଷଣ କରାଯାଇ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣର ସମୀକ୍ଷାକୁ ପ୍ରଶସ୍ତି କରିଛି ।

-୨-

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ହଣ୍ଟର ସାହେବଙ୍କ Orissa ପୁସ୍ତକର ଦ୍ୱିତୀୟ ଖଣ୍ଡରେ ଓଡିଶାର କବିମାନଙ୍କ ତାଲିକା Appendix-IX ରେ The literature of Orissa ପ୍ରସଙ୍ଗରେ ବଳରାମ ଦାସଙ୍କୁ ତିନିଶହ ବର୍ଷ ପୂର୍ବବର୍ତ୍ତୀ ଓ ୨୩ ଖଣ୍ଡ ଗ୍ରନ୍ଥ ଲେଖିଥିବା ସୂଚନା ଦେଇଛନ୍ତି ।[୫] ଏଥିରେ ଲକ୍ଷ୍ମୀପୁରାଣର ନାମୋଲ୍ଲେଖ ନାହିଁ । ଓଡ଼ିଶାର ଘରେ ଘରେ ପରିଚିତ 'ଲକ୍ଷ୍ମୀପୁରାଣ'କୁ ଉଲ୍ଲେଖ ନ କରିବାରେ ତାଙ୍କ ଗବେଷଣା ଯେ ଓଡିଆ ସାହିତ୍ୟ ପ୍ରତି କେତେ ଆନ୍ତରିକତା ବହନ କରୁଛି ତାହା ସ୍ପଷ୍ଟ । ଅଥଚ ହଣ୍ଟରଙ୍କର ଏଥିରେ କୌଣସି ଦୋଷ ନାହିଁ । ରେଭେନ୍ସା ସାହେବଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ସେ ଏଥିରେ ସ୍ଥାନ ଦେଇଥିବା ସ୍ୱୀକାର କରିଛନ୍ତି ।

ପରବର୍ତ୍ତୀ ସମୟରେ ହଣ୍ଟର ସାହେବଙ୍କ ତାଲିକାକୁ ଗ୍ରହଣ କରିଛନ୍ତି ମନମୋହନ ଚକ୍ରବର୍ତ୍ତୀ । ସେ ତହିଁରେ ବଳରାମ ଦାସଙ୍କ ୨୨ ଗୋଟି ରଚନା ଥିବା ଉଲ୍ଲେଖ କରିଛନ୍ତି । ରାମାୟଣକୁ ଛାଡ଼ି ଅନ୍ୟ ଯେଉଁ କେତୋଟି ପାଣ୍ଡୁଲିପି ତାଙ୍କ ଦୃଷ୍ଟିକୁ ଆସିଥିଲା ସେଗୁଡିକ ହେଉଛି- 'ଅର୍ଜୁନ ଗୀତା', 'ଗୁପ୍ତଗୀତା' ଏବଂ 'ତୁଳାଭିଣା' । ପ୍ରକାଶିତ ପୁସ୍ତକ ହେଉଛି- 'ବେଢ଼ାପରିକ୍ରମା', 'ଗଜନିସ୍ତାରଣ ଗୀତା', ଏବଂ 'ମୃଗୁଣୀ ସ୍ତୁତି' । ଏତଦ୍ ବ୍ୟତୀତ 'କାନ୍ତକୋଇଲି'ର ପ୍ରକାଶିତ ରୂପ ହଣ୍ଟରଙ୍କ ତଥ୍ୟକୁ ଆସିନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି ।[୬] ଏଥିରେ ମଧ୍ୟ ଲକ୍ଷ୍ମୀ ପୁରାଣ ସଂପର୍କରେ ଉଲ୍ଲେଖନାହିଁ ।

ବିଜୟ ଚନ୍ଦ୍ର ମଜୁମଦାର ହଣ୍ଟର ସାହେବ ଓ ମନମୋହନ ଚକ୍ରବର୍ତ୍ତୀଙ୍କ ପ୍ରଦତ୍ତ ତାଲିକାକୁ ଗ୍ରହଣ କରିଛନ୍ତି । ଏଥିସହ ବଳରାମ ଦାସଙ୍କ 'କମଳଲୋଚନ ଚଉତିଶା' ହଣ୍ଟର ସାହେବ ଓ ମନମୋହନ ଚକ୍ରବର୍ତ୍ତୀଙ୍କ ଜ୍ଞାତସାରକୁ ଆସିନଥିବା ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି ।[୭] ସେ ମଧ୍ୟ ଲକ୍ଷ୍ମୀପୁରାଣର ନାମ ଉଲ୍ଲେଖ କରିନାହାନ୍ତି ।

ଐତିହାସିକ ଜଗବନ୍ଧୁ ସିଂହ 'ପ୍ରାଚୀନ ଉତ୍କଳ'ରେ ପ୍ରଦତ୍ତ କରିଥିବା 'ଓଡିଆ ସାହିତ୍ୟର ଇତିହାସ'ରେ ହଣ୍ଟରଙ୍କ ତାଲିକାକୁ ଗ୍ରହଣ କରି 'ଲକ୍ଷ୍ମୀପୁରାଣ'କୁ ବାଦ୍ ଦେଇଛନ୍ତି ।[୮] ଜଗବନ୍ଧୁ ସିଂହଙ୍କ ପରି ଓଡ଼ିଆଙ୍କ ଜ୍ଞାତସାରକୁ 'ଲକ୍ଷ୍ମୀ ପୁରାଣ' ଆସିନଥିବା ଏକ ବିଡ଼ମ୍ବନାର ବିଷୟ । ଓଡ଼ିଆ ସାହିତ୍ୟର ଇତିହାସ ଆଲୋଚକ ଭାବେ ପ୍ରଥମେ ତାରିଣୀ ଚରଣ ରଥ ତାଙ୍କ 'ଉତ୍କଳ ସାହିତ୍ୟର ଇତିହାସ'ରେ ବଳରାମ ଦାସଙ୍କ ୨୩ ଗୋଟି ରଚନାକୁ ଗ୍ରହଣ କରି ସେଥିରେ 'ଲକ୍ଷ୍ମୀପୁରାଣ'କୁ ସ୍ଥାନ ଦେଇଛନ୍ତି ।[୯] ତାଙ୍କ ପରେ ପରେ ଓଡ଼ିଆ ସାହିତ୍ୟର ଆଲୋଚକ ଓ ପଂଚସଖା ସାହିତ୍ୟର ଗବେଷକଗଣ ଯଥା- ପଣ୍ଡିତ ବିନାୟକ ମିଶ୍ର, ମାୟାଧର ମାନସିଂହ, ଚିତ୍ତରଞ୍ଜନ ଦାସ, ଡକ୍ଟର କୃଷ୍ଣଚରଣ ସାହୁ, ଡକ୍ଟର ବଂଶୀଧର ମହାନ୍ତି, ଡକ୍ଟର ଦେବେନ୍ଦ୍ର ମହାନ୍ତି, ପଠାଣି ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ମହାରଣା, ରତ୍ନାକର ସାହୁ ପ୍ରମୁଖ ବଳରାମ ଦାସ ଓ ତାଙ୍କ କୃତି ସଂପର୍କରେ ଆଲୋଚନା କରିଛନ୍ତି ।

ଆଲୋଚନାର ପ୍ରଥମ ଚାରିଜଣ ଆଲୋଚକ ( ହଣ୍ଟର ସାହେବ, ମନମୋହନ ଚକ୍ରବର୍ତ୍ତୀ, ବିଜୟ ଚନ୍ଦ୍ର ମଜୁମଦାର ଓ ଜଗବନ୍ଧୁ ସିଂହ)ଙ୍କ ଦୃଷ୍ଟିକୁ 'ଲକ୍ଷ୍ମୀପୁରାଣ' ନ ଆସିବାର କାରଣ ଏହାର ପ୍ରକାଶନ । ପ୍ରକାଶନ ଘଟେ ୧୮୭୨ ମସିହାରେ । ହଣ୍ଟର ସାହେବଙ୍କୁ ବାଦ ଦେଇ ଅନ୍ୟ ତିନିଜଣ ଆଲୋଚକଙ୍କ ଆଲୋଚନା ପ୍ରକାଶ ପାଏ ୧୮୭୨ ମସିହା ପରବର୍ତ୍ତୀ । ହଣ୍ଟରଙ୍କୁ ବାଦଦେଇ ଅନ୍ୟ ତିନିଜଣଙ୍କ ଆଲୋଚନାରେ ଲକ୍ଷ୍ମୀପୁରାଣ ପ୍ରକାଶ ପାଇବା

କଥା । କିନ୍ତୁ ଏମାନେ ସମସ୍ତେ ଥିଲେ ହଣ୍ଟରଙ୍କ ଅନୁଗାମୀ । ଆଉ ଗୋଟିଏ ବି କାରଣ ଖୋଜାଯାଇପାରେ, ତତ୍କାଳୀନ ପ୍ରକାଶନ ବ୍ୟବସ୍ଥା ଓ ପୁସ୍ତକର ପ୍ରଚାର ପ୍ରସାର । ଏଠାରେ 'ଲକ୍ଷ୍ମୀପୁରାଣ' ସମ୍ପର୍କିତ ପୁସ୍ତକ ଓ ପୋଥିରେ ଗୋଟିଏ ତାଲିକା ପ୍ରଦାନ କରାଯାଇପାରେ । ଲକ୍ଷ୍ମୀ –'ଜଗନ୍ନାଥ ବଚନିକା' ( ମହେଶ୍ୱର ବିପ୍ର– ଜଗନ୍ନାଥ, ବାମଣ୍ଡା, ୧୮୯୧), 'ଲକ୍ଷ୍ମୀ ହୃଦୟ ଓ ନାରାୟଣ ହୃଦୟ' (ଅକ୍ଷୟ କୁମାର ଘୋଷ, ବାମନ ଦ୍ୱିବେଦୀ, ଶ୍ରୀଧର ରାୟ, ୧୮୯୧), 'ଲକ୍ଷ୍ମୀପୁରାଣ ବଚନିକା' (ଅରୁଣୋଦୟ ପ୍ରେସ୍– ୧୯୧୬), 'ଲକ୍ଷ୍ମୀପୁରାଣ ଚଉତିଶା' (ଯମେଶ୍ୱର ହୋତା, ଉତ୍କଳ ସାହିତ୍ୟ ପ୍ରେସ୍, ୧୯୨୦), 'ଲକ୍ଷ୍ମୀ ନାରାୟେଣୀ ବଚନିକା' (ସାରଳା ଦାସ, ୧୯୫୭, ସଂ– ବଂଶୀଧର ମହାନ୍ତି), 'ଲକ୍ଷ୍ମୀ ନାରାୟଣୀ ବଚନିକା ବା ଧାନମାଣିକା ଓଷାକଥା' (ସାରଳା ଦାସ, ୧୯୯୦, ସଂ– ଜଟାଧାରୀ ମହାପାତ୍ର), 'ମାଣବସା ଲକ୍ଷ୍ମୀପୁରାଣ' (ବୀଣାପାଣି ପୁସ୍ତକ ଭଣ୍ଡାର) । ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ପ୍ରଥମେ ମୁଦ୍ରିତ ହୋଇଛି ୧୮୭୨ ମସିହାରେ । ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ବହୁ ସଂସ୍କରଣ ପ୍ରକାଶ ପାଇଛି ଓ ପାଠରେ ଭିନ୍ନତା ରହିଛି । ପ୍ରକାଶ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବେଶ୍ୱର ଆଚାର୍ଯ୍ୟ (୧୯୧୬), ସୁଦର୍ଶନ ଦାସ (୧୯୨୦), ଅରୁଣୋଦୟ ପ୍ରେସ୍, ଧର୍ମଗ୍ରନ୍ଥ ପୁସ୍ତକାଳୟ, ପ୍ରଦୀପ୍ତ କୁମାର ପଣ୍ଡା (ବୁକ୍ସ ଆଣ୍ଡ ବୁକ୍ସ), ସୁରେନ୍ଦ୍ର ନାଥ ଦାଶ (ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ୨୦୦୦), କୁନୁମୁନି ପଟ୍ଟନାୟକ (୨୦୧୦) ।[୧୦]

**–୩–**

ଲକ୍ଷ୍ମୀଙ୍କ ସଂପର୍କରେ ପ୍ରଥମେ ଋଗ୍‌ବେଦରେ ବର୍ଣ୍ଣନା କରାଯାଇଥିଲା । ସେଠି ସେ ଶ୍ରୀ ନାମରେ ପରିଚିତା । ସେ ହେଉଛନ୍ତି ସକଳ ଶକ୍ତିର ଅଧିକାରିଣୀ । ଧନ, ସଂପଦ, ସୌନ୍ଦର୍ଯ୍ୟ ଓ କ୍ଷମତାର ଦେବୀ ସେ । ଭାରତୀ, ସରସ୍ୱତୀ, ଇଳାଙ୍କ ଶକ୍ତିକୁ ସେ ବହନ କରୁଛନ୍ତି ।[୧୧] ଦଶ ମହାବିଦ୍ୟା ମଧ୍ୟରୁ ସେ ହେଉଛନ୍ତି ଶେଷ ମହାବିଦ୍ୟା । ସେଠି ସେ କମଳା (The Goddess of Latous) ନାମରେ ପରିଚିତା ।[୧୨] ସେ ବିଷ୍ଣୁଙ୍କ ଘରଣୀ । ପାଟରାଣୀ । ହିନ୍ଦୁ ଧର୍ମ ଅନୁସାରେ ସେ ଅଷ୍ଟଲକ୍ଷ୍ମୀ । ଯଥା– ଧନଲକ୍ଷ୍ମୀ, ବିଦ୍ୟାଲକ୍ଷ୍ମୀ, ଶସ୍ୟଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ଗଜଲକ୍ଷ୍ମୀ, ଧୈର୍ଯ୍ୟଲକ୍ଷ୍ମୀ ଓ ବିଜୟ ଲକ୍ଷ୍ମୀ । 'ବିଷ୍ଣୁ ପୁରାଣ' ଅନୁସାରେ ସେ ସମୁଦ୍ର ସମ୍ଭୁତା । ପୌରାଣିକ ଯୁଗରେ ସେ ରୁକ୍ମିଣୀ, ସତ୍ୟଭାମା ଓ ସୀତା ନାମରେ ପରିଚିତ ଥିଲେ । ବଙ୍ଗଳା ସାହିତ୍ୟରେ ସେ ହେଉଛନ୍ତି ଦୁର୍ଗାଙ୍କର ଝିଅ । ବୌଦ୍ଧ ଓ ଜୈନ ସାହିତ୍ୟ ଅନୁସାରେ ସେ ଭାଗ୍ୟଦେବୀ ଭାବରେ ଆରାଧିତା । କେବଳ ଭାରତ ନୁହେଁ, ଚୀନ, ଜାପାନ, କାମ୍ବୋଡିଆ, ଇଣ୍ଡୋନେସିଆ ଆଦିରେ ସେ ପୂଜିତା ।

ବିଷ୍ଣୁ ପୁରାଣ, ପଦ୍ମ ପୁରାଣ, ସ୍କନ୍ଦ ପୁରାଣ ଆଦିରେ ତାଙ୍କର ସ୍ତୁତି ସଂପର୍କରେ ବ୍ୟାଖ୍ୟା କରାଯାଇଛି । ଓଡିଆ ସାହିତ୍ୟରେ ଏ ଐଶ୍ୱର୍ଯ୍ୟ, କ୍ଷମତା, ଓ ସମ୍ପତିର ଦେବୀ ମଧ୍ୟ ବାଦ୍ ପଡିନାହାନ୍ତି । ବଳରାମ ଦାସ ତାଙ୍କୁ ଉପସ୍ଥାପିତ କରିବା ପୂର୍ବରୁ ସାରଳା ଦାସ ଲକ୍ଷ୍ମୀଙ୍କର ସ୍ତୁତି ସହିତ ଓ ତାଙ୍କ ବ୍ୟକ୍ତିତ୍ୱର ବୈଚିତ୍ର୍ୟ ସଂପର୍କରେ ଉଲ୍ଲେଖ କରିଛନ୍ତି । ସାରଳା ମହାଭାରତରେ ତାଙ୍କୁ ଶ୍ରୀକୃଷ୍ଣଙ୍କ ପତ୍ନୀ ରୂପେ ଦର୍ଶାଇଛନ୍ତି ।

ସାରଳାଙ୍କ ଭଣିତା ଥାଇ ପ୍ର'ସେର ବଂଶୀଧର ମହାନ୍ତି 'ଲକ୍ଷ୍ମୀନାରାୟେଣୀ ବଚନିକା' ନାମରେ ଗୋଟିଏ କୃତିକୁ ପ୍ରକାଶ କରିଛନ୍ତି । ଏହି ପୋଥିର ପଦ ସଂଖ୍ୟା ଅଣାଅଶୀ । ପୃଷ୍ଠା ସଂଖ୍ୟା ନଅ । ଲକ୍ଷ୍ମୀଙ୍କର ଗୁରୁବାର ବ୍ରତ ସଂପର୍କରେ ଏଥିରେ ସୂଚନା ରହିଚି । ଲକ୍ଷ୍ମୀ ଓ ନାରାୟଣଙ୍କ କଥୋପକଥନରେ ବ୍ରତକଥା ପ୍ରକାଶ ପାଇଛି । ମଣଫୁଲ, ପଦ୍ମଫୁଲ ଆୟେଁଳା ପ୍ରଭୃତିରେ ପୂଜା କଲେ ଲକ୍ଷ୍ମୀ କି ବର ଦିଆ ଏଥିରେ ସବିଶେଷ ବର୍ଣ୍ଣନା କରାଯାଇଛି । ନରନାରୀମାନଙ୍କର ଆଚାର ବ୍ୟବହାର କଥା ମଧ୍ୟ ରହିଛି ।

"ବୁଧବାର ଶନିବାରେ ହେ଼ୁ ବିକଇ ଧାନ
ତାହାକୁ ନିଶ୍ଚେୟେ ମୁଁ ଛାଡିବି ଭଗବାନ
ସୁବନ୍ୟ ବିକଳଟୀ ଯେ ମୋହୋର ଗୁରୁବାରେ
ଲକ୍ଷେଧନ ଥିଲେ ଦୁଃଖ ଦିଅଇ ତାହାରେ ।
ବସିଥାଇ ଯେ ନଖରେ ଚିରଇ ଭୂଇଁ
ତିରଣ ଖୁର ପ୍ରାୟେ ମୁଁ ତାହା ସହି ନପାରଇଂ । "[୧୩]

ମାତ୍ର ମଜାର କଥା ଯେ ୧୯୯୦ ମସିହାରେ ପ୍ରକାଶିତ ଜଟାଧାରୀ ମହାପାତ୍ରଙ୍କ 'ଲକ୍ଷ୍ମୀନାରାୟଣ ବଚନିକା ନା ବଡଧାନମାଣିକା ଓଷା କଥା' ରେ ଏହା ସାରଳାଙ୍କ ରଚନା ନୁହେଁ ବୋଲି ପ୍ରମାଣ କରିଛନ୍ତି ।[୧୪]

ସାରଳାଙ୍କ ଦୃଷ୍ଟିରେ କୃଷ୍ଣ ହେଉଛନ୍ତି ଜଗନ୍ନାଥ ଓ ବିଷ୍ଣୁ । ସତ୍ୟଭାମା, ରୁକ୍ମିଣୀ ଓ ଲକ୍ଷ୍ମୀ– ଏକ ଓ ଅଭିନ୍ନ । ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣରେ ମଧ୍ୟ ଏହି ନ୍ୟାୟ ଦେଖିବାକୁ ମିଳେ । ଶ୍ରୀରାମ ହେଉଛନ୍ତି ଜଗନ୍ନାଥ ଓ ସୀତା ହେଉଛନ୍ତି ଲକ୍ଷ୍ମୀ । ପ୍ରତ୍ୟେକ କାଣ୍ଡରେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ବନ୍ଦନା ଦେଖିବାକୁ ମିଳେ ।

**–୪–**

ଉପରୋକ୍ତ ଆଲୋଚନାରୁ ଏହା ପ୍ରତୀୟମାନ ଯେ ବଳରାମ ଦାସ ଲକ୍ଷ୍ମୀପୁରାଣ ଲେଖିବା ପୂର୍ବରୁ ଓଡିଆ ସାହିତ୍ୟରେ ଲକ୍ଷ୍ମୀଙ୍କୁ ନେଇ ସାହିତ୍ୟର ପରିପ୍ରକାଶ ଘଟିଛି । ଆଂଶିକ ହେଲେ ମଧ୍ୟ ଏବେ ଲକ୍ଷ୍ମୀପୁରାଣର କାହାଣୀ ଭାଗକୁ ଆସିବା । ଲକ୍ଷ୍ମୀପୁରାଣର

କାହାଣୀ ଜଟିଳତା ମଧ୍ୟରେ ସରଳ । ସାଧାରଣ ଲୋକଟିଏ ବହୁ ସହଜରେ ଏ କାହାଣୀଟି କହିଦେଇ ପାରେ । ଗାଁ ରୁ ସହର ସବୁଠି ଏହାର ପରିଚାଳନା ଘଟିଥାଏ ମାର୍ଗଶିର ମାସ ଗୁରୁବାର ଦିନ ଅଥବା ଗୁରୁବାର ଦଶମୀରେ । ଲୋକ ବିଶ୍ୱାସ ସହ ଜଡିତ ଏ ସରଳ କଥାବସ୍ତୁରେ ଲୁଚି ରହିଛି ଜଟିଳ ଭାବବସ୍ତୁ । ଭାବବସ୍ତୁଟି ହେଉଛି ଗୋଟିଏ ସମସ୍ୟା । ଯାହା କାହାଣୀ ପରି ସରଳ ନୁହେଁ । ସମସ୍ୟାଟି ପୂରାପୂରି ପାରିବାରିକ । ପାରିବାରିକରୁ ସାମାଜିକ ଆଡକୁ ଗତି । ହିନ୍ଦୁ ପରିବାରର ଏହା ଏକ ନାରୀର ସମସ୍ୟା । ଦେବୀ ସମସ୍ୟା । ଦୈବୀ ସମସ୍ୟା କ୍ରମଶଃ ମାନବୀୟ ସମସ୍ୟାର ଖୋଳପା ପିନ୍ଧିଛି । ଏ ଘଟଣାଟି ପଢିଲେ, ଶୁଣିଲେ ଗୋଟେ ନାଟକ ପରି ମନେହୁଏ । କବିଙ୍କ ଶୈଳୀ ନାଟକୀୟ ଛାୟାରେ ରଚିତ । ଏଥିରେ ରହିଚି ସଂଳାପ, ଦ୍ୱନ୍ଦ, ଉତ୍କଣ୍ଠା ସର୍ବୋପରି ଏକ ସୁନ୍ଦର ପ୍ଲଟଟିଏ । ଘଟଣାଟି ଶ୍ରୀମନ୍ଦିରର । ଆମ ବଡ ଠାକୁର, ତାଙ୍କ ବଡଭାଇ ବଳରାମ, ଭଉଣୀ ସୁଭଦ୍ରା ଓ ସ୍ତ୍ରୀ ମା ଲକ୍ଷ୍ମୀଙ୍କୁ କେନ୍ଦ୍ର କରି ଘଟଣାଟି ଘଟିଛି ।

ଗ୍ରନ୍ଥଟି ଆରମ୍ଭ ଗଣେଶଙ୍କ ବନ୍ଦନାରୁ । ପର ପଦରେ ରହିଚି ଲକ୍ଷ୍ମୀଙ୍କର ବନ୍ଦନା । ମାତ୍ର ବଜାରରେ ଉପଲବ୍ଧ ବହିଗୁଡିକରେ ନାରଦ ଓ ପରାଶର ମୁନିଙ୍କ କଥୋପକଥନରୁ ଏ ଲକ୍ଷ୍ମୀଙ୍କ ମାହାତ୍ମ୍ୟ ପ୍ରକାଶ ପାଇଛି । କାହାଣୀର ଆରମ୍ଭସ୍ଥଳ ବଡଦେଉଳରୁ । ପରିସମାପ୍ତି ଘଟିଛି କୋଣାର୍କ ଠାରେ । କେତେକ ଗ୍ରନ୍ଥରେ ଯାଜପୁର ଠାରେ ।

ସେଦିନ ମାର୍ଗଶିର ମାସ ପ୍ରଥମ ଗୁରୁବାର । ଲକ୍ଷ୍ମୀଙ୍କର ପ୍ରିୟବାର । ସ୍ୱାମୀଙ୍କଠୁ ଅନୁମତି ପାଇ ନଗର ଭ୍ରମଣରେ ବାହାରିଛନ୍ତି ଲକ୍ଷ୍ମୀ ବୁଢୀ ବ୍ରାହ୍ମଣୀ ବେଶରେ । ଶୀଘ୍ର ଫେରିଆସିବା କଥାଦେଇଛନ୍ତି । ଆସିଲେ ଦଶମୀ ରୋଷେଇ କରିବେ । ନଗର ବୁଲି ଦେଖିଲେ ଓ ଆଶ୍ଚର୍ଯ୍ୟ ବି ହେଲେ । ଆଜି ପରି ପବିତ୍ର ଦିନରେ ସମସ୍ତେ ଶୋଇଛନ୍ତି । ମନରେ କ୍ଷୋଭ । ଉଭାହେଲେ ଚଣ୍ଡାଳ ସାହିରେ । ଦେଖିଲେ ଜଣେ ଚଣ୍ଡାଳୁଣୀ ତାଙ୍କୁ ଖଟୁଲିରେ ରଖି ପୂଜାକରୁଛି । ଘରଦ୍ୱାର ଗୋବରରେ ଲିପିଛି । ଝୋଟିଚିତା ଦେଇଛି । ତା ନାଁ ଶ୍ରୀୟା । ବଡଦାଣ୍ଡ ଝାଡୁକରେ । ତା ନିଷ୍ଠା ଦେଖି ଲକ୍ଷ୍ମୀ ମାଆ ସନ୍ତୁଷ୍ଟ । ଭକ୍ତର ଭକ୍ତିରେ ହାରମାନି ତାକୁ କହିପକେଇଛନ୍ତି କଣ ବର ମାଗିବୁ ମାଗେ । ସେ ଚାରୋଟି ବର ମାଗିଛି । କୁବେର ସମାନ ସମ୍ପତି, କୋଳକୁ ପୁତ୍ର, ଏକ ଲକ୍ଷ ଗାଈ ଓ ଏସବୁକୁ ଭୋଗିବାକୁ ଅମର ବର । ଅମର ବରକୁ ଛାଡି ତାକୁ ଅନ୍ୟ ସମସ୍ତ ବର ପ୍ରଦାନ କରିଛନ୍ତି । କାରଣ ଅମର ବର ଦେବତାମାନଙ୍କ ହାତରେ ଥାଏ ।

ଏଥିଅନ୍ତେ ଜଗନ୍ନାଥ ଓ ବଳଭଦ୍ର ଦୁଇ ଭାଇ ମୃଗୟାରେ ଯାଇଥିଲେ । ବଳରାମ ଦିବ୍ୟଦୃଷ୍ଟି ବଳରେ କୁଳବଧୂଙ୍କୁ ଚଣ୍ଡାଳ ଘରେ ଆବିଷ୍କାର କଲେ । ଏଥିପାଇଁ ଜଗନ୍ନାଥଙ୍କୁ ଭର୍ତ୍ସନା ମଧ୍ୟ କଲେ । ବଳରାମ କୋପୀ । ଆତ୍ମସମ୍ମାନକୁ ଜଗନ୍ତି । ତେଣୁ ଲକ୍ଷ୍ମୀଙ୍କ ଚଣ୍ଡାଳ ଘର ପ୍ରେବେଶ ଘଟଣାକୁ ସେ ସ୍ୱୀକାର କରି ପାରିନାହାନ୍ତି । ଜଗନ୍ନାଥଙ୍କୁ ପତ୍ନୀର ଏ ନୀତିହୀନ, ଅଶୁଦ୍ଧି କାର୍ଯ୍ୟାକଳାପ ସଂପର୍କରେ ଅବଗତ କରାଇ ଲକ୍ଷ୍ମୀଙ୍କ ପରି ପାପୀ ଓ ଅପବିତ୍ରାକୁ ଶ୍ରୀମନ୍ଦିରରେ ସ୍ଥାନ ନାହିଁ ବୋଲି ଜଣେଇ ଦେଇଛନ୍ତି । ଲକ୍ଷ୍ମୀଙ୍କୁ ଛାଡପତ୍ର ଦେବାଯାଏ କଥାଗଲା । ପତ୍ନୀଙ୍କୁ ଛାଡିବାକୁ ଜଗନ୍ନାଥଙ୍କ ମନ ବଳୁନଥିଲେ ହେଁ ସେ କିଂ କର୍ତ୍ତବ୍ୟ ବିମୁଢ଼ । ଗୋଟେ ପଟେ ବଡଭାଇ । ଅନ୍ୟପଟେ ପତ୍ନୀ । ଘରକୁ ସୁନ୍ଦର ଦିଶେ ଘରଣୀ । ଏକଥା ଜଗନ୍ନାଥ ଜାଣନ୍ତି । ଘରଣୀକୁ ତ୍ୟଜ କରିଦେଲେ ଘର ସୁନ୍ଦର ହେବନାହିଁ । ସେଥିପାଇଁ ମନରେ ସାହାସ ବାନ୍ଧି ନିଜ ମନକଥା ଭାଇ ଆଗରେ ପ୍ରକାଶ କଲେ । ସମାଜକୁ ଶୃଙ୍ଖଳିତ କରିବାକୁ ବିଧିବ୍ୟବସ୍ଥା ରହିଛି । ଏହାକୁ ଉଲ୍ଲଘଂନ କଲେ ସଂସ୍କାର ପାଇଁ ମାର୍ଗ ରହିଛି । ଜଗନ୍ନାଥ ବଡ ଭାଇଙ୍କୁ କହିଲେ ସବୁ ଭୁଲର ସମାଧାନ ଅଛି । ଲକ୍ଷ୍ମୀ ଭୁଲ୍ କରିଛି । ତା ଭୁଲ୍ ସ୍ୱରୂପ ତାକୁ ଘରୁ ବାହାର କରିଦେଲେ ଘର ଚଳିବ ତ ? ଏହାର ପ୍ରତି ବଦଳରେ ଲକ୍ଷ୍ମୀଙ୍କୁ ଜାତି କରାଇବା କଥା ଭାଇଙ୍କୁ ଜଣାଇଲେ । ସ୍ୱର୍ଗରୁ ଦେବତା ଓ ଋଷିମାନଙ୍କୁ ଡାକି ଭୋଜନର ବ୍ୟବସ୍ଥା କରାଇବା । ସମୟ ପଡିଲେ ଏକ ଲକ୍ଷ ଟଙ୍କା ଦେବାକୁ ଜଗନ୍ନାଥ କହିଲେ ।

ବଳରାମ ସ୍ୱାଭିମାନୀ । ସେ ଜିଦ୍ ଧରିବସିଲେ ଲକ୍ଷ୍ମୀ ବିଦାହେବେ । ଏ ଘରେ ଲକ୍ଷ୍ମୀ ରହିବେ ନହେଲେ ମୁଁ ରହିବି- ଏକଥା ଜଗନ୍ନାଥଙ୍କୁ ଜଣାଇଦେଲେ । ଜଗନ୍ନାଥଙ୍କ ସ୍ତ୍ରୀ ପ୍ରତି ଓକିଲାତି ଦେଖି ଭର୍ତ୍ସନା କରିଛନ୍ତି ବଳରାମ । ଭାରିଜା ପାଦର ପାଣ୍ଡୋଇ । ଭାଇ ଥିଲେ ତତେ କୋଟି ଭାର୍ଯ୍ୟା ମିଳେବେ । ତେଣୁ ତୁ ଲକ୍ଷ୍ମୀକୁ ଛାଡିଦେ ।

"ସିଂହଦ୍ୱାର ମାଡି ବସିଥିବୁ ଭାବଗ୍ରାହୀ
କମଳା ଅଇଲେ ଦେବୁ ଯେ ଘଉଡାଇ ।
ତିରୀଂକର ମାୟା ବାବୁ ଜାଣିନପାରିବ
କଅଁଳ କଥାରେ ଲକ୍ଷ୍ମୀ ଦେଉଳେ ପଶିବ ।"(୧୫)

ଭାଇଙ୍କ ଔଦ୍ଧତ୍ୟ ଓ ମୁରବୀ ପଣିଆକୁ ଜଗନ୍ନାଥ ସ୍ୱୀକାର କରିଛନ୍ତି । ଲକ୍ଷ୍ମୀ ଦଶମୀ ଭୋଗପାଇଁ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତେ, ସ୍ୱାମୀ ବାଟ ଓଗାଳିଲେ । ଲକ୍ଷ୍ମୀଙ୍କ ଜଗନ୍ନାଥ ଚେତେଇ ଦେଇଛନ୍ତି ତୁମେ ଚଣ୍ଡାଳ ଘରୁ ଆସିଛ । ତୁମକୁ ଶ୍ରୀମନ୍ଦିରରେ ଜାଗା ନାହିଁ । ସେ ହାରିଯିବା ଲୋକ ନୁହଁନ୍ତି । ଝଗଡା ଆରମ୍ଭ

ହେଲା ସ୍ୱାମୀ ସ୍ତ୍ରୀଙ୍କ ଭିତରେ । ପରସ୍ପର ପରସ୍ପରର ପୁରାଣ ଖୋଲିଲେ । ନିଜ ଚରିତ୍ର ସହିତ ବଂଶ ଓ ଆଭିଜାତ୍ୟ କିପରି ଦାଣ୍ଡକୁ ଆସେ ଏ କଳି ମ୍ୱମରେ ତାହା ସ୍ପଷ୍ଟ ଚିତ୍ରିତ ।

ଅତୀତର କଥା ଲକ୍ଷ୍ମୀ ସ୍ମରଣ କରାଇଦେଇଛନ୍ତି । ମୋ ପିତାଙ୍କୁ କଥାଦେଇଥିଲ ମୋ ଦଶଦୋଷ କ୍ଷମାକରିବ । ପୁଣି କଉଡି ଖେଳରେ ହାରି ମୋ ବ୍ରତଦିନ ନଗର ବୁଲିବାର ଅନୁମତି ଦେଇଥିଲ । ମୁଁ ତୁମ ଅନୁମତିରେ ଯାଇଥିଲି । ଜଗନ୍ନାଥ ଏଠି ନିରୁପାୟ । ତଥାପି ବଡଭାଇଙ୍କ କୋପୀ ଚେହେରା ମନେ ପଡିଯାଉଛି । ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିର ଛାଡିବାକୁ ହେବ ।କ ଥାରେ ଲକ୍ଷ୍ମୀଙ୍କୁ ଟେରୀ, କାଣୀ ଗାଳିଦେବା ସହ ବରୁଣ (ଲକ୍ଷ୍ମୀଙ୍କ ବାପା)ଙ୍କୁ ମଧ୍ୟ ଭର୍ତ୍ସନା କରିଛନ୍ତି ।

"ଜଗନ୍ନାଥ କହୁଛନ୍ତି ଲକ୍ଷ୍ମୀଙ୍କି ଅନାଇଂ
ବାପା ତ ଲୁଣିଆ ହୁଣ୍ଡା (ବୁଢା) ଗର୍ଜି ମରୁଥାଇ ।
ଝିଅ ଟେରୀ କାଣି ଗୁଣ କହିଲେ ନସରଇ
ଯେତେବେଳେ ଦେଉଳେ ରହିଲଇଂ ମୁହିଁ
ବାପା ଗରଜନ ତୋର ନପାରିଲି ସହି
ମେଘନାଦ ପାଚେରୀ ଯେ ଗୋଟିୟେ ବେଢାଇ ।"[୧୬]

ଝିଅଟିଏ ନିଜକୁ କହିଲେ ସହେ । ବାପାଙ୍କୁ କି ବାପଘରକୁ କହିଲେ ସହେନାହିଁ । ଜଗନ୍ନାଥଙ୍କୁ ଗଉଡ, ଶବର ଅଇଁଠାଖିଆ, ଦାସୀ ଘରେ ଖାଇବା ପ୍ରସଙ୍ଗ ଉଲ୍ଲେଖ କରି ଜାତିଗୋତ୍ର ସ୍ମରଣ କରେଇଦେଇଛନ୍ତି । ଶେଷରେ ଲକ୍ଷ୍ମୀ ଛାଡପତ୍ର ନେଉଛନ୍ତି । ସର୍ବାଙ୍ଗରୁ ଗୋଟି ଗୋଟି ଅଳଙ୍କାର କାଢି ଦେଇଛନ୍ତି । ଲକ୍ଷ୍ମୀ ଦୁଇଭାଇଙ୍କୁ ଅଭିଶାପ ଦେଲେ ତୁମକୁ ଅନ୍ନବସ୍ତ୍ର ନମିଳୁ ।

ଲକ୍ଷ୍ମୀ ବଡଦାଣ୍ଡରେ ଚାଲି ଚାଲି ଯାଉଛନ୍ତି । ଯିବେ କୁଆଡେ ? ପିତାଙ୍କ ଘରକୁ? ନା, ସିଦ୍ଧାନ୍ତ ନେଲେ ଯିବେନି । ବାପଘରକୁ ଗଲେ ପ୍ରତିଜ୍ଞା ପୂରଣ ହେବନି । ତେଣୁ ସେ ଅନ୍ୟତ୍ର ରହିବାକୁ ଇଚ୍ଛା କରିଛନ୍ତି । ଏଥି ନିମନ୍ତେ ଘରଟିଏ ଦରକାର । ସେ ବିଶ୍ୱକର୍ମାଙ୍କୁ ସ୍ମରଣ କରିଛନ୍ତି । ବିଶ୍ୱକର୍ମା କୋଣାର୍କରେ ନଅରଟିଏ ଖୋଲାଇଛନ୍ତି । କେତେକ ପୋଥିରେ ବାଙ୍କୀମୁହାଣ ଓ ଯାଜପୁରରେ ନଅର ନିର୍ମାଣ କଥା ଉଲ୍ଲେଖ ଅଛି । ନିଜର ସୁବନ୍ଦୋବସ୍ତ କରିସାରି ଲକ୍ଷ୍ମୀ ପ୍ରତିଶୋଧ ନେବାକୁ ପ୍ରସ୍ତୁତ ହେଲେ । ସେ ଶ୍ରୀ ଓ ଧନର ଅଧିକାରିଣୀ । ଉଭୟେ ପତ୍ନୀ ଓ ମାଆ । ପତ୍ନୀ ରୂପରେ ତଡାଖାଇଲା ପରେ ପୁତ୍ରମାନଙ୍କୁ ସ୍ମରଣ କରିଛନ୍ତି । ପୁତ୍ର କହିଲେ ସ୍ୱଗର୍ଭୁ ଜାତ ସନ୍ତାନ ନୁହନ୍ତି । କାରଣ ଆମ ଦେବୀ ଆଜନ୍ମ ଯୌବନା । ସେ ଋତୁମତୀ ନୁହନ୍ତି । ତାଙ୍କର ପାର୍ବତୀଙ୍କ ପରି କାର୍ତ୍ତିକେୟ ଓ ଗଣେଷଙ୍କ ପରି ପୁତ୍ର ନାହାନ୍ତି । ଯାହାର କେହି ନଥାନ୍ତି ତାର ସମସ୍ତେ ଅଛନ୍ତି । ସେ ସମସ୍ତଙ୍କର ମାଆ । ତେଣୁ ସେ ଜଗତର ଜନନୀ । ସେ ସ୍ମରଣ କରିବା ମାତ୍ରେ ହନୁମାନ ଓ ଅଷ୍ଟବେତାଳ ଆସି ଉପସ୍ଥିତ ହୋଇଛନ୍ତି । ବଜାରରେ ମିଳୁଥିବା ବହିରେ କେବଳ ଅଷ୍ଟବେତାଳଙ୍କ କଥା ଉଲ୍ଲେଖ ଅଛି । ପୁତ୍ରମାନଙ୍କୁ ଆଦେଶ ଦେଇଛନ୍ତି ଶ୍ରମନ୍ଦିର ଶ୍ରୀହୀନ ହେବ । ସକଳ ପଦାର୍ଥ ବୋହି ଆଣିବ । ଏପରିକି କୁଲା ଓ ଛାଂଚୁଣୀ ମଧ୍ୟ ଛାଡିବ ନାହିଁ । ପୁତ୍ରଗଣ ଆଦେଶ ପାଳନରେ ହେଳା କରିନାହାନ୍ତି ।

ଶ୍ରୀମନ୍ଦିର ସକାଳୁ ଶ୍ରୀହୀନ । ପ୍ରଥମେ ବଳରାମ, ଦ୍ୱିତୀୟରେ ଜଗନ୍ନାଥ ଘରର ଏ ଅବସ୍ଥା ଦେଖି ଚକିତ ହୋଇଛନ୍ତି । ବଳରାମ ଜଗନ୍ନାଥଙ୍କୁ କହିଛନ୍ତି ଏସବୁ ତୋ ସ୍ତ୍ରୀର କାମ । ସୁଭଦ୍ରାଙ୍କ ଅବସ୍ଥା ମଧ୍ୟ ଦୟନୀୟ ହୋଇଛି । ସୁଭଦ୍ରାଙ୍କୁ ଲକ୍ଷ୍ମୀଙ୍କ ଅନୁପସ୍ଥିତିରେ ବଳରାମ ଭଣ୍ଡାର ଗୃହ ଜଗିବାକୁ କହିଥିଲେ । ସୁଭଦ୍ରାଙ୍କ ନିଦ୍ରିତ ଅବସ୍ଥାରେ ଅଷ୍ଟବେତାଳ ଓ ହନୁମାନ ତାଙ୍କର ସମସ୍ତ ଅଳଙ୍କାର କାଢିନେଇଛନ୍ତି ।

"ଅଚେତନ ହୋଇ ଯେ ସୋଭଦ୍ରା ଅଛି ଶୋଇ
ସଧୀରେ ଆଣିଲା ଯେ ସୋବର୍ଣ୍ଣ ବାହି ନେଇ ।
ବେନିଚୁଡି ବେନି ପିଢା ହନୁ ଘେନିଗଲା
କମଳାଙ୍କ ଛାମୁରେଣ ପ୍ରବେଶ ହୋଇଲା ।"[୧୭]

ଶ୍ରୀମନ୍ଦିର ଶ୍ରୀହୀନ । ଭଣ୍ଡାର ଘର ଖାଦ୍ୟ ଶୂନ୍ୟ । ଏତେବଡ ଉଆସରେ ଦାସୀ ସେବକର ଚିହ୍ନବର୍ଣ୍ଣ ନାହିଁ । ସକାଳୁ ମୁହଁ ଧୋବା ପାଇଁ ପାଣିର ଅଭାବ । ଭୋକ ଦାଉରେ ବଳରାମ କୁଣ୍ଢେଇଛନ୍ତି ଗରୁଡ ସ୍ତମ୍ଭକୁ । ସେବକର ଘରକୁ ଯାଇଛନ୍ତି । ଲକ୍ଷ୍ମୀଦ୍ରୋହୀ ବୋଲି ସେଠାରୁ ତଡା ଖାଇଛନ୍ତି । ବଡ ଦାଣ୍ଡରେ ଘୂରି ବୁଲୁଛନ୍ତି ଦୁଇ ଭାଇ । ଆଭିଜାତ୍ୟ ଜୀବନ ଶୈଳୀରୁ ଏବେ ମୂଳିମୁଣ୍ଡିଆ ହୋଇଯାଇଛନ୍ତି ଦୁଇଭାଇ । ଦୁଇ ଭାଇ ଏବେ ଭିକାରୀ । ଶ୍ରୀୟା ଚଣ୍ଡାଳୁନୀ ଘରେ ପହଞ୍ଚିଛନ୍ତି । ସେଠୁ ମଧ ଭର୍ତ୍ସନା ଶୁଣି ନେଇଛନ୍ତି । କେତେକ ଲକ୍ଷ୍ମୀ ପୁରାଣରେ ତାଙ୍କୁ ଯାଜପୁର ଓ କପିଳାସ ପର୍ଯ୍ୟନ୍ତ ନେଇଯାଇଛି । କପିଳାସରେ ଶିବଙ୍କ ସହ ତାଙ୍କର ଭେଟ ହୋଇଛି । ପାର୍ବତୀ ଲକ୍ଷ୍ମୀଙ୍କ କଥା ଶୁଣିକି ଜଗନ୍ନାଥ ଭଲକାମ କରିନାହାନ୍ତି ବୋଲି କହୁଛନ୍ତି । ପାର୍ବତୀ ସେମାନଙ୍କ ପାଇଁ ଖାଦ୍ୟ ଯୋଗାଡ କରନ୍ତେ ପାକଶାଳା ହାଣ୍ଡିଶୂନ୍ୟ । ସେଠୁ ମଧ୍ୟ ଲକ୍ଷ୍ମୀଛଡା ହୋଇ ଶିବଙ୍କ ପରାମର୍ଶ କ୍ରମେ ସମୁଦ୍ର କୂଳରେ ଜୈନକା ଦାନୀ ମହିଳାଙ୍କ ସଂପର୍କରେ ଶୁଣିଛନ୍ତି । ଦୁଇ ଭାଇ ତତଲା ବାଲିରେ ଆସି ସମୁଦ୍ର କୂଳସ୍ଥ ନଅର ପାଖରେ ପହଞ୍ଚିଛନ୍ତି । ନଅରର ପାଚେରୀରେ 'ଲିଥିବା କାକୁତିକୁ ବଳରାମ ଖଆନ୍ତେ ଅତ୍ୟଧିକ ପିତା ହେତୁ ଥୁ ଥୁ କରି ଫିଙ୍ଗିଦେଲେ । ନଅର ମଧ୍ୟରେ ବଳରାମ ପ୍ରବେଶ କରନ୍ତେ

ଦାସୀମାନେ ଘେରିଯାଇ ତାଙ୍କୁ ନିସ୍ତୁକ ମାଡ ମାରିଛନ୍ତି । ତାଙ୍କର ଆଣଣ୍ଟୁଗଣ୍ଠି ଛିଣ୍ଡିଯାଇଛି । ସ୍ତ୍ରୀ ଲୋକଙ୍କଠୁ ମାଡଖାଇଥିବାରୁ ବଡଭାଇଙ୍କୁ ଦେଖି ଜଗନ୍ନାଥ ହସୁଛନ୍ତି । ବଳରାମଙ୍କ ପରାମର୍ଶକ୍ରମେ ପଞ୍ଚମ ବରାଡି ରାଗରେ ସେ ବେଦ ଗାନ କରିଛନ୍ତି । ସ୍ୱାମୀଙ୍କ ବେଦପାଠ ଶୁଣି ଲକ୍ଷ୍ମୀ ନିସ୍ତରିଲି ବୋଲି କହିଛନ୍ତି । ସ୍ୱାମୀ ଓ ଦେଢଶୁର ଏବେ ତାଙ୍କ ଅଧିକାରରେ । କରୁଣା ନାମକ ଦାସୀଙ୍କୁ ସେମାନଙ୍କର ଆଗମନର କାରଣ ବୁଝିବାକୁ ପଠେଇଛନ୍ତି । ଉତ୍ତରରେ ଆସିଛି– ଆମେ ଜାତିରେ ବ୍ରାହ୍ମଣ । ଘର ବଡଦେଉଳ । ବାପା ବସୁଦେବ ବାଜପେଇ, ମାଆ ଦେବକୀ, ମଉସା ନନ୍ଦ ବାଜପେଇ, ମାଉସୀ ଯଶୋଦା, ବଡଭାଇ ବଳଭଦ୍ର ବାଜପେଇ, ସାନ ଭଉଣୀ ସୁଭଦ୍ରା । ମୁଁ ଜଗନ୍ନାଥ ବାଜପେଇ । ସ୍ତ୍ରୀ ଲକ୍ଷ୍ମୀ ।

ଏକଥା କରୁଣା ଲକ୍ଷ୍ମୀଙ୍କୁ କହିଛି । ଲକ୍ଷ୍ମୀ କରୁଣାକୁ କହିଛନ୍ତି ଯେ– ଯାଆ ପଚାରିବ । ଆମେ ଜାତିରେ ଚଣ୍ଡାଳ । ବ୍ରାହ୍ମଣ ହୋଇ ଚଣଡାଳ ଘରେ ଖାଇବେ କିପରି ? କରୁଣା ସମ୍ବାଦ ଦେଇଛି । ତଥାପି ଦୁଇଭାଇଙ୍କର ଅହଂକାର ମନୁ ଦୂର ହୋଇନାହିଁ । ରୋଷ ସାମଗ୍ରୀ ଦେଲେ ନିଜେ ରୋଷେଇ କରିବୁ ବୋଲି କହିଛନ୍ତି । ରାନ୍ଧଣା ପାଇଁ  ଚାଉଳ, ବିରି, ବଡି, କଦଳୀ ଆଦି ଯୋଗଇ ଦିଆଯାଇଛି । ଦୁଇଭାଇ ରୋଷେଇ କର୍ମରେ ବ୍ୟସ୍ତ । ପୁରୁଷ ନିଜେ ରୋଷେଇ କରି ଖାଇଲେ ନାରୀଙ୍କୁ ଲୋଡିବେ କାହିଁକି ? ତେଣୁ ଅନ୍ନପୂର୍ଣ୍ଣାଙ୍କ ପ୍ରରୋଚନାରେ ଅଗ୍ନିଦେବତା ପାକଶାଳରେ ବିଜେ କରିନାହାନ୍ତି । ନିଆଁ ନଜଳିବାରୁ ବଳରାମ ହାଣ୍ଡି ପିଟି ଭାଙ୍ଗିଦେଇଛନ୍ତି । ଶେଷକୁ ବଳରାମ ରାଜି ହୋଇଛନ୍ତି । ଜୀବନ ଆଗରେ ଜାତି କିଛି ନୁହଁ ବୋଲି ସ୍ୱୀକାର କରିଛନ୍ତି ।

ଦୁଇଭାଇ ସ୍ନାନ ସାରିଛନ୍ତି । ଲକ୍ଷ୍ମୀଙ୍କ ପ୍ରଦତ୍ତ ଦେବାଙ୍ଗ ପାଟବସ୍ତ୍ର ପରିଧାନ କରିଛନ୍ତି । ଚନ୍ଦନ, ହଳଦୀ, କୁଙ୍କୁମ, ଦେହରେ ବୋଳିହୋଇଛନ୍ତି । ପୁରୁଷ ବିହୀନ ଘରେ ଏତେ ଆଦର ଚର୍ଚ୍ଚା କଣ ? ବଳରାମ ଏକଥାକୁ ସହଜରେ ଆଦୌ ଗ୍ରହଣ କରିପାରିନାହାନ୍ତି । କିଛି ଅଘଟଣ ଘଟିବ କି ? ଏ ଆଶଙ୍କା ବଳରାମଙ୍କ ଠାରେ ଦେଖାଦେଇଛି । ଦୁଇଭାଇଙ୍କୁ ଖାଦ୍ୟ ପରିଷିଲାବେଳେ ଦାସୀ ବଡ କିଏ ସାନ କିଏ ପଚାରିବାରୁ ବଳରାମ ତାଙ୍କୁ ଭର୍ତ୍ସନା କରିଛନ୍ତି । ଏଠି ବଳରାମଙ୍କ ଅହଙ୍କର ସୁସ୍ପଷ୍ଟ । ଦୁଇ ଭାଇ ମନ ପସନ୍ଦର ଖାଦ୍ୟ ଖାଇଛନ୍ତି ।

ଲକ୍ଷ୍ମୀ ଦୁଇ ଭାଇଙ୍କୁ ରତ୍ନପଲଙ୍କ ଦେଇଛନ୍ତି ବିଶ୍ରାମ କରିବାକୁ । ଜଣେ ଅପରିଚିତାଙ୍କ ଘରେ ଆଦର ସତ୍କାର ସ୍ନେହ ପାଇ ଜଗନ୍ନାଥ ଜାଣି ପାରିଛନ୍ତି ଏ ଲକ୍ଷ୍ମୀଙ୍କ ଉଆସ । ଏକଥା ବଳରାଙ୍କୁ କହିଛନ୍ତି । ବଳରାମ ତାଙ୍କୁ ପ୍ରବର୍ତ୍ତାଇଛନ୍ତି ଲକ୍ଷ୍ମୀଙ୍କ ହାତ ଧରିବାକୁ । ଜଗନ୍ନାଥ ଲକ୍ଷ୍ମୀଙ୍କ ହାତ ଧରି କ୍ଷମା ମାଗିବାକୁ ଯାଇଛନ୍ତି । ମାତ୍ର ଲକ୍ଷ୍ମୀ ସ୍ୱାମୀର ପାଦତଳେ ସମର୍ପଣ ନେଇଛନ୍ତି । ସ୍ୱାମୀଙ୍କ ପାଦସେବ କରି ପାଦ ପ୍ରକ୍ଷାଳନ ପାଣିକୁ ପାନ କରିଛନ୍ତି । ଏତେ ରାଗ ଓ ଅଭିମାନ ସତ୍ତ୍ୱେ ଲକ୍ଷ୍ମୀଙ୍କ ସମର୍ପଣ ସୂଚାଏ ଯେ ସ୍ୱାମୀବିନା ସେ କିଛି ନୁହନ୍ତି । ଜଗନ୍ନାଥ ଲକ୍ଷ୍ମୀଙ୍କୁ ସାଙ୍ଗରେ ଶ୍ରୀମନ୍ଦିର ଫେରିବାକୁ କହିଛନ୍ତି । ଲକ୍ଷ୍ମୀ ଜଗନ୍ନାଥଙ୍କ ଆଗରେ ସର୍ତ୍ତ ରଖିଛନ୍ତି  । ସେ ସର୍ତ୍ତ ମାନିଲେ ବଡଦେଉଳକୁ ଯିବେ ବୋଲି ସିଧାସିଧା କହିଦେଇଛନ୍ତି ।

"ଉଠ ବୋଲି ଗୋବିନ୍ଦ ଯେ ଧଇଲେ ଯାଇଂ ହସ୍ତ
ଲକ୍ଷ୍ମୀ ଯେ ବୋଲଇଲେ ଦୀନବନ୍ଧୁ କର ସତ୍ୟ ।
ଚଣ୍ଡାଳ ହସ୍ତରୁ ଅର୍ଣ୍ଣ ବ୍ରାହ୍ମଣ ଖାଇବେ
କୈବଲ୍ୟ ଖାଇଣ ହସ୍ତ ଶିରରେ ପୋଛିବେ ।
ଅର୍ଣ୍ଣ ଖାଇ ହସ୍ତ ଯେବେ ଶିରରେ ପୋଛିବ
ଏହି କ୍ରିତି ମୋହର ଯେ ଯୁଗଯୁଗ ଥିବ ।
ସେହି କଥାମାନ ଯେବେ କର ସ୍ଥିତ
ତେବେ ବଡ ଦେଉଳକୁ ଯିବି ଜଗନ୍ନାଥ ।"(୧୮)

ଲକ୍ଷ୍ମୀ ଜଗନ୍ନାଥ ଗରୁଡ ପିଠିରେ, ବଳରାମ ତାଳଧ୍ୱଜ ରଥରେ ଓ ବିଜୟା ରଥରେ ସୁଭଦ୍ରା ବଡଦେଉଳରେ ବିଜେ କରିଛନ୍ତି । ଅଷ୍ଟବେତାଳ ଲକ୍ଷ୍ମୀଙ୍କ ଆଦେଶରେ ଶ୍ରୀମନ୍ଦିରରୁ ଆଣିଥିବା ଜିନିଷ ଫେରାଇଛନ୍ତି । ତେତିଶକୋଟି ଦେବତା ଉତ୍ସବରେ ମାତିଛନ୍ତି ।

"ଲକ୍ଷ୍ମୀ ଯେ ପୁରାଣ ପୋଥି ସଂପୂର୍ଣ୍ଣ ହୋଇଲା
ବଳରାମ ଦାସ ଏହା ଗୀତରେ ଗାଇଲା ।"

ଏତିକି ମାତ୍ର କାହାଣୀ । ପୁରୁଷ ଓ ଶକ୍ତିର ମିଳନ । ଶକ୍ତି ଠାରେ ପୁରୁଷର ପରାଜୟ ଘଟିଛି । ଶକ୍ତିବିନା ପୁରୁଷ କିଛି ନୁହଁ । ଅସାର । ଏଭଳି ଏକ ନାଟକୀୟ ଢଙ୍ଗରେ ବଳରାମ ଦାସ ପରିବେଷଣ କରିଛନ୍ତି ଯେ, ଯାହାର ପ୍ରଭାବ ଯୁଗଯୁଗକୁ ରହିଚି । ଉତ୍କଳୀୟ ଚିନ୍ତାଚେତନାରେ ଲକ୍ଷ୍ମୀପୁରାଣ ଏକ ସାର୍ବକାଳୀନ କୃତି । କାହାଣୀଟିର ଆରମ୍ଭ ଯେମିତି ଚମତ୍କାର, ଶେଷ ମଧ୍ୟ ସେମିତି ଚମତ୍କାର ।

–୫–

ଇଏ ତ ଗଲା ଲକ୍ଷ୍ମୀ ପୁରାଣର କାହାଣୀ । ଏ କାହାଣୀ ଭିତରେ ଲୁଚି ରହିଛି ଚିରନ୍ତନ ସତ୍ୟତା । ଶକ୍ତି ବିନା ପୁରୁଷ ଜୀବନ ଶୂନ୍ୟ । ସାମାଜିକ ଜୀବନକୁ ଶୃଙ୍ଖଳିତ କରିବାରେ ଏହାର ପ୍ରଭାବ ଯଥେଷ୍ଟ । ସମାଜର ଅସଜଡା ପ୍ରକୃତିର ଲୋକମାନଙ୍କୁ ସଜାଡିବାକୁ ଏହା ଏକ ଜୀବନ ବେଦ । ଆଜି ବି ଲକ୍ଷ୍ମୀବ୍ରତ

ପ୍ରଚଳିତ ଥିବା ଘରେ ନାରୀମାନେ ଲକ୍ଷ୍ମୀପୁରାଣ ପ୍ରଦର୍ଶିତ ମାର୍ଗରେ ଚାଲନ୍ତି । ଏ ଲକ୍ଷ୍ମୀପୁରାଣର ରଚୟିତା କିଏ ? ସମସ୍ତେ ଜାଣନ୍ତି ବଳରାମ ଦାସ । ଓଡିଶାରେ ଏକାଧିକ ବଳରାମ ଦାସ ଥିବା ଆଲୋଚକମାନେ ପ୍ରମାଣ କରିଛନ୍ତି । ମାତ୍ର କୋଉ ବଳରାମ ଦାସ ଏହାର ରଚୟିତା ? ସେ ମୂଳ ଖୋଜି ବସିଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । କିନ୍ତୁ ଅଧିକାଂଶ ଓଡିଆ ସାହିତ୍ୟର ଇତିହାସ ଆଲୋଚକ ଜଣେ ବଳରାମ ଦାସଙ୍କୁ ସ୍ୱୀକୃତି ଦେଇଛନ୍ତି । ଯିଏକି ଦାଣ୍ଡି ରାମାୟଣ ଲେଖିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ତତ୍ତ୍ୱମୂଳକ ଓ କାହାଣୀ ମୂଳକ ଗ୍ରନ୍ଥର ରଚୟିତା । ସେଥିମଧ୍ୟରୁ ଏ ଲକ୍ଷ୍ମୀପୁରାଣ ଅନ୍ୟତମ । ଓଡିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ଲକ୍ଷ୍ମୀପୁରାଣ ଭିନ୍ନ ଅନ୍ୟ ପ୍ରକାଶନୀ ସଂସ୍ଥାଦ୍ୱାରା ପ୍ରକାଶିତ ଲକ୍ଷ୍ମୀ ପୁରାଣ ପଠନ କାଳରେ ଆମେ ନିର୍ଦ୍ୱନ୍ଦରେ ପ୍ରକାଶ କରିପାରିବା ଯେ ଏହା ବଳରାମ ଦାସଙ୍କ ରଚନା ନୁହଁ । ରାମାୟଣକାର ବଳରାମ ଦାସ ଓ ଲକ୍ଷ୍ମୀ ପୁରାଣକାର ବଳରାମ ଦାସ ଏକ ଅଭିନ୍ନ ନୁହନ୍ତି । ଭିନ୍ନ ଭିନ୍ନ କାଳର ଭିନ୍ନ ଭିନ୍ନ ସ୍ଥାନର ବୋଲି ପ୍ରମାଣ କରାଯାଇପାରିବ । ଏହାର ଏକାଧିକ ପ୍ରମାଣ ଲକ୍ଷ୍ମୀପୁରାଣ ଆଧାରରେ ଦେଖାଇଦିଆଯାଇ ପାରିବ । ପ୍ରଥମ କାରଣ ସ୍ୱରୂପ ଭାଷା ଓ ରଚନା ଶୈଳୀକୁ ଗ୍ରହଣ କରାଯାଉ । ଯେକୌଣସି ପାଠକ ବଜାରରେ ଉପଲବ୍ଧ ଲକ୍ଷ୍ମୀପୁରାଣ ପାଠକଲେ ଜାଣିପାରିବ ଯେ, ଏହାର ଭାଷା ଓ ରଚନା ଶୈଳୀ ଊନବିଂଶ ଶତାବ୍ଦୀର ବୋଲି । ବଳରାମ ଦାସ ଥିଲେ ଦାଣ୍ଡିବୃତ୍ତର ଅଧିକାରୀ । ତାଙ୍କର ଅଧିକାଂଶ ଲେଖାରେ ଏ ବୃତ୍ତ ଦେଖିବାକୁ ମିଳେ । ମାତ୍ର ଲକ୍ଷ୍ମୀ ପୁରାଣ (ବଜାରରେ ଉପଲବ୍ଧ) ଏହା ଠାରୁ ବିପରୀତ । ଛନ୍ଦ ରହିତ । ଦ୍ୱିତୀୟତଃ ଏହାର ଆଚାର, ଆଚରଣ ଓ ଚଳନି ସଂସ୍କାର । ରାମାୟଣରେ ପ୍ରଚଳିତ ଆଚାର ବ୍ୟବସ୍ଥା ଲକ୍ଷ୍ମୀପୁରାଣରେ ଭିନ୍ନ । ତୃତୀୟତଃ ଲକ୍ଷ୍ମୀପୁରାଣରେ ବର୍ଣ୍ଣିତ ଶବର ଉପାଖ୍ୟାନ । ଉପାଖ୍ୟାନଟି ଏହିପରି, ବସୁ (ଜାରା, ବଜାର ପୋଥି ଅନୁସାରେ)ଶବର ଗୃହରେ ରାମ ଓ ଲକ୍ଷ୍ମଣ ଅବସ୍ଥାନ କାଳରେ ଅଇଁଠା ଫଳ ଭକ୍ଷଣ କରିଥିଲେ । ଏହାକୁ ଆଲୋଚନା କରାଯାଉ, ରାମାୟଣର ଏହି ଉପାଖ୍ୟାନଟିରେ ଶବର ଅପେକ୍ଷା ଶବରୀକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଅଥଚ ଲକ୍ଷ୍ମୀ ପୁରାଣରେ ବସୁ (ଜାରା) ଶବରକୁ ଗୁରୁତ୍ୱ ଦିଆଯାଇଛି । ମୁଖ୍ୟ କଥା ହେଲା ରାମାୟଣରେ ରାମ ଓ ଲକ୍ଷ୍ମଣ ଶବରୀ ଦ୍ୱାରା ଅଭ୍ୟର୍ଥିତ ପରେ ଗୃହ ତ୍ୟାଗ କରିଥିଲେ । ମାତ୍ର ଲକ୍ଷ୍ମୀ ପୁରାଣରେ ଦଶ ବର୍ଷ ଅତିବାହିତ କରିଥିଲେ ବୋଲି ଉଲ୍ଲେଖ ଅଛି । ଜାରା ବା ବସୁ ଶବର ରାମାୟଣର ଚରିତ୍ର ନୁହେଁ । ଉଭୟେ ମହାଭାରତର ।[୧୯] ବିଶାଳକାୟ ରାମାୟଣ ରଚନା ପରେ ବଳରାମ ଦାସଙ୍କ ରାମାୟଣ ସଂପର୍କିତ ଏପରି ବ୍ୟତିକ୍ରମ ତାଙ୍କ ପକ୍ଷରେ ସମ୍ଭବ ହୋଇଥିବ କି ? ନା ଲକ୍ଷ୍ମୀ ପୁରାଣରେ ଏ ପରବର୍ତ୍ତୀ ସଂଯୋଜନା ବୋଲି ଗ୍ରହଣ କରିବା ? ନା ବଳରାମ ଦାସଙ୍କ ନାଁରେ କେହି ଜଣେ ଶିଷ୍ୟ ଭଣିତା କରିଦେଇଛନ୍ତି ବୋଲି ଭାବିବା ? ଏ ପ୍ରଶ୍ନ ଅନ୍ୟ ଏକ ଗବେଷଣାର ଆବଶ୍ୟକତା ଲୋଡ଼େ ।

–୬–

ବିଡମ୍ବନାର ବିଷୟ ଯେ ଏ କ୍ଷୁଦ୍ର ରଚନାଟି ସଂପର୍କିତ ଆଲୋଚନା ଓଡିଆ ସାହିତ୍ୟରେ ସ୍ୱଳ୍ପ । ଓଡିଆ ସାହିତ୍ୟର ଇତିହାସ ଲେଖକଗଣ ଏସଂପର୍କରେ କିଂଚିତ୍ ଆଲୋଚନା କରିଛନ୍ତି । ତାକୁ ବାଦ୍ ଦେଇ ଚାରି ପାଞ୍ଚଟି ଆଲୋଚନା ଓ ଗବେଷଣାମୂଳକ ଲେଖା ଉପଲବ୍ଧ । ପ୍ରଫେସର ବଂଶୀଧର ମହାନ୍ତି ତାଙ୍କ ସାରଳା ସାହିତ୍ୟ ପୁସ୍ତକରେ ତାଙ୍କ ସଂଗୃହୀତ ଲକ୍ଷ୍ମୀନାରାୟଣୀ ବଚନିକାକୁ ସ୍ଥାନଦେଇ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଏହାର ପରିବର୍ଦ୍ଧିତ ରୂପ ବୋଲି ମତଦିଅନ୍ତି । ବଳରାମ ଦାସଙ୍କର ଲକ୍ଷ୍ମୀପୁରାଣର ରଚନା ବେଳକୁ ସାରଳା ଦାସଙ୍କ ରଚିତ ଲକ୍ଷ୍ମୀନାରାୟଣୀ ବଚନିକା ଗ୍ରନ୍ଥରେ ପ୍ରଚଳିତ ଥିଲା ଓ ତାହାରି ପ୍ରଭାବରେ କବି ପ୍ରଭାବିତ ହୋଇଥିବା ଅସମ୍ଭବ ନୁହଁ । ଏହା ଛଡା ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣରେ ଶ୍ରୀୟାଚଣ୍ଡାଲୁଣୀର ପ୍ରସଙ୍ଗ ଓ ଜଗନ୍ନାଥ ଲକ୍ଷ୍ମୀଙ୍କ କଳି ପ୍ରଭୃତି ସୁନ୍ଦର ବିଷୟବସ୍ତୁ ସଂଯୋଜନାରେ ଲକ୍ଷ୍ମୀପୁରାଣକୁ ସାରଳା ଦାସଙ୍କ ଲକ୍ଷ୍ମୀ ପୁରାଣ ଅପେକ୍ଷା ବିଶେଷ ଲୋକପ୍ରିୟ କରାଇ ଅଛନ୍ତି ।[୨୦] ତାଙ୍କ ପରବର୍ତ୍ତୀ ସମୟରେ ଜଟାଧାରୀ ମହାପାତ୍ର ଲକ୍ଷ୍ମୀନାରାୟଣୀ ବଚନିକା ନା ବଡ ଧାନମାଣିକ ଓଷା କଥା ? ପ୍ରବନ୍ଧରେ ଏହି ଲେଖାଟିର ଭାଷା, ଶୈଳୀ ଓ ପ୍ରମାଣ ଭିତିରେ ଏହାକୁ ସାରଳା ଦାସଙ୍କ ଲେଖାଭାବେ ଗ୍ରହଣ କରାଯାଇପାରିବନାହିଁ ବୋଲି କହିଛନ୍ତି ।[୨୧] ଲକ୍ଷ୍ମୀବ୍ରତର ଇଙ୍ଗିତ ଥାଇ ମଧ୍ୟ ବିଷୟବସ୍ତୁ ଦୃଷ୍ଟିରୁ ଉଭୟ ଗ୍ରନ୍ଥ ଲକ୍ଷ୍ମୀପୁରାଣର ବିଷୟବସ୍ତୁ ସହ ସାମ୍ୟ ପରିଲକ୍ଷିତ ହୁଏ ନାହିଁ । ସେହିପରି ଓଡ଼ିଆ ସାହିତ୍ୟର ଇତିହାସ (ପଞ୍ଚସଖା ସାହିତ୍ୟ)ରେ ସେ ପୂର୍ବକଥାକୁ ସ୍ୱୀକାର କରି 'ଲକ୍ଷ୍ମୀନାରାୟଣୀ ବଚନିକା' ଧାରାରେ ଏହା ରଚିତ ବୋଲି କହିଛନ୍ତି । ଏହି ଆଲୋଚନାରେ ଲକ୍ଷ୍ମୀପୁରାଣର ବିଷୟବସ୍ତୁ ଆଲୋଚନା ସହ ରୀତି, ନୀତି ବର୍ଣ୍ଣନା ରହିଛି । ସେ ଏ ସମ୍ପର୍କରେ କୁହନ୍ତି– ପ୍ରତ୍ୟେକ ଓଡ଼ିଆ ଗୃହିଣୀକୁ ଆଦର୍ଶ ଗୃହଲକ୍ଷ୍ମୀ କରାଇବା ଏହାର ଲକ୍ଷ୍ୟ । ଆଉ ମଧ୍ୟ ଜଗନ୍ନାଥ ଧର୍ମର ଭେଦଭାବଶୂନ୍ୟ ପ୍ରକଟ ହେଉଛି ଏ ପୁରାଣର ପ୍ରଧାନ ଭାବଧାରା । ଛୁଆଁ ଅଛୁଆଁ ଉଚ୍ଚନୀଚ ଭେଦଭାବ ଆଉ ଆଧୁନିକ ଯୁଗର ହରିଜନ ଆନ୍ଦୋଳନ ପାଇଁ କେତେ ତାହା ସୃଷ୍ଟି ନ ହୋଇଛି । କିନ୍ତୁ ଶହ ଶହ ବର୍ଷ ତଳେ ଆମର ଓଡିଆ ସାହିତ୍ୟରେ ପ୍ରତିଧ୍ୱନିତ୍ୱ ହୋଇଛି ଅସ୍ପୃଶ୍ୟତା ଆନ୍ଦୋଳନ ।[୨୨] ବଳରାମ ଦାସଙ୍କ ଏହି ଅସ୍ପୃଶ୍ୟ ଆନ୍ଦୋଳନ କଣ ସେତେବେଳେ

ସଫଳ ହୋଇପାରିଥିବ ? ବ୍ରାହ୍ମଣ୍ୟବାଦର ପ୍ରଭାବିତ ସମାଜ କଣ ସ୍ୱୀକୃତି ଦେଇଥିବ ଚଣ୍ଡାଳ ହାତରୁ ପ୍ରସାଦ ଖାଇବା ପାଇଁ । ଜାତିଭେଦ ପରି ଏକ ଉତ୍କଟ ରୂପ ଅଦ୍ୟାବଧି ଆମ ସମାଜର ମୂଳ ଗ୍ରାସିଚି । ସେମିତି ଚେର ପ୍ରଲମ୍ବିତ ହୋଇଛି ତଳକୁ ତଳକୁ । ଆଜିବି ଗାଁ ଗହଳିରେ ଶୂଦ୍ରଟିଏ ବ୍ୟବହାର କରୁଥିବା କୂଅ କି ନଳକୂଅଠୁ ସବର୍ଣ୍ଣମାନେ ଦୂରେଇ ରହୁଛନ୍ତି । ଆଜକୁ ପ୍ରାୟ ଛଅ ଶହ ବର୍ଷ ତଳେ ଏ ଆନ୍ଦୋଳନ କେତେ  ମାତ୍ରାରେ ସଫଳ ହୋଇଥିବ ? ଚଣ୍ଡାଳ ହାତରୁ ବ୍ରାହ୍ମଣ ଖାଇବ । ପୁଣି ମୁଣ୍ଡରେ ହାତ ପୋଛିବ । ସେ ପରିପ୍ରେକ୍ଷୀରେ ଏକଥା ଭାବିଲା ବେଳକୁ ଏକ ନୀରବ ବିଦ୍ରୋହ ପରି ମନେହୁଏ । ଭାରତୀୟ ଇତିହାସରେ ଅସବର୍ଣ୍ଣମାନଙ୍କୁ ୧୯୨୮ ମସିହାରେ ମନ୍ଦିର ପ୍ରବେଶ କରାଇଥିଲେ ଯମୁନାଲାଲ ବଜାଜ । ପୁଣି ତାଙ୍କ ବ୍ୟକ୍ତିଗତ ମନ୍ଦିରରେ । ଅସବର୍ଣ୍ଣମାନଙ୍କୁ ମନ୍ଦିର ପ୍ରବେଶ ନିମନ୍ତେ ଗାନ୍ଧୀଜୀ ୧୯୩୪ ମସିହାରେ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ । ସେହି ଦୃଷ୍ଟିରୁ ପୁରୀ ମନ୍ଦିରର କଥା ଭାବିଲାବେଳକୁ ବୋଧହୁଏ ୧୯୪୮ ମସିହାରେ ପ୍ରବେଶ ଦ୍ୱାର ଖୋଲିଥିବା ଅନୁମେୟ । ତାହା ପୁଣି ଆନ୍ଦୋଳନ ମାଧ୍ୟମରେ । ତେଣୁ ଷୋଡଶ ଶତାବ୍ଦୀରେ ବ୍ରାହ୍ମଣ ଚଣ୍ଡାଳ ଖୁଆଖୋଇ ହେବେ କଥାଟି ଅଳୀକ ମନେହୁଏ । ଏ ଯେଉଁ ସ୍ୱପ୍ନଟି ବୁଣାଯାଇଥିଲା ମହାପ୍ରସାଦକୁ ନେଇ ତାହାକୁ ଘରେ ଘରେ ପ୍ରଚାର କରିଛି ଲକ୍ଷ୍ମୀପୁରାଣ । ମାତ୍ର ସଂଳତା କ୍ଷେତ୍ରରେ ନୀରବୀ ଯାଇଛି । ଓଷାତୁଣୀମାନେ ଓଷା କଲାବେଳେ ଏ ଗ୍ରନ୍ଥଟି ପାଠକରୁଥିବେ ଓ ବୁଝୁଥିବେ ମଧ୍ୟ  । କିନ୍ତୁ ଏ ଜାତିଭେଦର ମର୍ମଟି ସେମାନେ କେବେ ଅନୁଭବ କରିଥିବେ ବା କରିଛନ୍ତି ? ସବୁ ନାରୀ ଲକ୍ଷ୍ମୀସାଜି ନିଜଘରୁ କ୍ଷୀଣ ବିପ୍ଳବଟିଏ କରିଥିଲେ ଆଜି ଏ ଉତ୍କଟ ରୂପ ନଥାନ୍ତା । ସେ ଯାହାହେଉ ଜାତିଭେଦ ବିରୋଧରେ ଏହା ଗୋଟିଏ କ୍ଷୀଣ ବିପ୍ଳବ ବୋଲି ସ୍ୱୀକାର କରିବାକୁ ପଡ଼ିବ ।

'ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ' (ତୃତୀୟ ଭାଗ)ରେ ଡକ୍ଟର ବଂଶୀଧର ମହାନ୍ତି ଲକ୍ଷ୍ମୀପୁରାଣକୁ ଏକ ଜନପ୍ରିୟ ପବିତ୍ର ଗ୍ରନ୍ଥ ଓ ଜାତିଭେଦ ବିରୋଧରେ ଏ ଗ୍ରନ୍ଥ ଗୋଟିଏ ଉଲ୍ଲେଖଯୋଗ୍ୟ କୃତି ବୋଲି କହିଛନ୍ତି ।[୨୩] 'ପଞ୍ଚସଖା ଧର୍ମ ଓ ସାହିତ୍ୟ' ପୁସ୍ତକରେ ସୁରେନ୍ଦ୍ର ମହାରଣା ଓ 'ଓଡିଶାର ସନ୍ଥ ସାହିତ୍ୟ' ପୁସ୍ତକରେ ଡକ୍ଟର ରତ୍ନାକର ସାହୁ ଲକ୍ଷ୍ମୀପୁରାଣ ସଂପର୍କରେ ଆଲୋଚନା କାଳରେ ଏହା ସାରଳା ଦାସଙ୍କ ଲକ୍ଷ୍ମୀନାରୟଣୀ ବଚନିକା ପ୍ରଭାବରେ ଲେଖାଯାଇଛି ବୋଲି ମତବ୍ୟକ୍ତ କରିଛନ୍ତି । ଏହା ହେଉଛି ସାରଳା ଦାସଙ୍କ ଗ୍ରନ୍ଥର ପରିମାର୍ଜିତ ସଂସ୍କରଣ । ଏଥିରେ ଜାତିହୀନ ଓ ଶ୍ରେଣୀହୀନ ସମାଜର ପରିକଳ୍ପନା କରାଯାଇଛି ବୋଲି କୁହାଯାଇଛି । ଜାତି, ବର୍ଣ୍ଣ, ନିର୍ବିଶେଷରେ ଏକତ୍ର ମହାପ୍ରସାଦ ସେବନ ପରିକଳ୍ପନା ତତ୍କାଳୀନ ସମାଜରେ ବିସ୍ମୟାନ୍ୱିତ କରେ ବୋଲି କହିଛନ୍ତି ।[୨୪] ଡକ୍ଟର ପ୍ରେମାନନ୍ଦ ମହାପାତ୍ର ତାଙ୍କ ଓଡ଼ିଆ ସହିତ୍ୟର ଇତିହାରେ ମଧ୍ୟ ଏତାଦୃଶ ମତଦେଇଛନ୍ତି । ସେ ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତିଙ୍କ ମତ Laxmi Puran (Tale of Laxmi), asmall kavya, extremely popular, narrates how Goddess Laxmi could established her position vis-a-vis her consort, Sri Jagannath.କୁ ସ୍ୱୀକୃତି ଦେଇଛନ୍ତି ।

ପଞ୍ଚସଖା ସାହିତ୍ୟ ଆଲୋଚନାର ଜଣେ ବଳିଷ୍ଠ ବ୍ୟାଖ୍ୟାକାର ହେଉଛନ୍ତି ପ୍ରଫେସର କୃଷ୍ଣଚରଣ ସାହୁ । ସେ ବଳରାମ ଦାସଙ୍କର ଉଭୟେ କୃତି ସଂପାଦନା ଓ ଆଲୋଚନାରେ ନିଜର ପାଣ୍ଡିତ୍ୟର ପରିପ୍ରକାଶ କରିଛନ୍ତି । ସେ ବଳରାମ ଦାସଙ୍କର ମୂ୍ଳ ଜୀବନୀକାର । କବି ବଳରାମ ଦାସ ନାମରେ ତାଙ୍କର ଗୋଟିଏ ଗ୍ରନ୍ଥ ରହିଛି । ଏହି ଗ୍ରନ୍ଥରେ ବଳରାମ ଦାସଙ୍କ ଜୀବନୀ ଓ ସାହିତ୍ୟ କୃତି ଆଲୋଚନା କରିବା ସହିତ ଜୀବନଦୃଷ୍ଟି, କବିତ୍ୱ, ଦାର୍ଶନିକ ଚିନ୍ତାଧାରା ଆଦି ସଂପର୍କରେ ଆଲୋଚନା କରାଯାଇଛି । ଲକ୍ଷ୍ମୀପୁରାଣ ଆଲୋଚନା କାଳରେ ଗୋଟିଏ ଐତିହାସିକ ତଥ୍ୟ ଉପସ୍ଥାପିତ କରିଛନ୍ତି । ତଥ୍ୟଟି ଏହିପରି-ପୁରୀରେ ଦୁଇଟି ଲକ୍ଷ୍ମୀମନ୍ଦିର ବିରାଜିତ । ଗୋଟିଏ ଜଗନ୍ନାଥ ବେଢାଭିତରେ । ଆଉ ଗୋଟିଏ ସମୁଦ୍ର କୂଳରେ । ଏହି ଦୁଇ ମନ୍ଦିରକୁ ଦେଖି କେତେକ ଐତିହାସିକ ମତ ଦିଅନ୍ତି ଯେ, ପ୍ରଥମେ ଲକ୍ଷ୍ମୀ ଜଗନ୍ନାଥ ମନ୍ଦିର ବାହାରେ ହିଁ ପୂଜିତ ହେଉଥିଲେ । ରାମାନୁଜ ସଂପ୍ରଦାୟ ପ୍ରଭାବରେ ସେ ଆସିଲେ ବେଢା ଭିତରକୁ । ଇତିହାସରେ ଏ ଗୁରୁତ୍ୱପୂର୍ଣ୍ଣ ଘଟଣା ପରେ କିମ୍ବଦନ୍ତୀରେ ପରିଣତ ହୋଇଗଲା ଓ ବଳରାମ ଦାସ ଏହାକୁ କାବ୍ୟର ରୂପଦେଲେ ଲକ୍ଷ୍ମୀ ପୁରାଣରେ ।[୨୫] ସେ ଆଉ ଗୋଟିଏ କଥା ଦୃଢ଼ଭାବରେ ଉପସ୍ଥାପିତ କରିଛନ୍ତି । କଥାଟି ହେଉଚି, ରାମାନୁଜ ପନ୍ଥୀମାନେ ଜାତିଭେଦର କୋଠର ଭାବରେ ପାଳନ କରି ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିର ବେଢାରେ ସ୍ଥାପନା କଲେ । ଜାତିଭେଦ ପ୍ରଥାକୁ ମନ୍ଦିରରେ ପ୍ରଚଳନ କରିବାକୁ ସେ ଚେଷ୍ଟାକରିଥିବେ । ଏଥି ସକାଶେ ବିଭିନ୍ନ ମହଲରୁ ସେମାନଙ୍କୁ ବିରୋଧ କରାଯାଇଥିବ । ସେହି ପୂର୍ବ ପରମ୍ପରାକୁ ଦୃଷ୍ଟିରେ ରଖି ଲକ୍ଷ୍ମୀପୁରାଣରେ ଲକ୍ଷ୍ମୀଙ୍କୁ ନେଇ ଜାତିଭେଦ ବାବଦରେ ଉଲ୍ଲିଖିତ କରାଗଲା । ଏ ଘଟଣାଟିର ସତ୍ୟାସତ୍ୟ ଖୋଜିଲେ ନିରାଶ ହେବାକୁ ପଡିବ । କାରଣ ଲକ୍ଷ୍ମୀପୁରାଣରେ ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବିଦା ହେବା ପ୍ରସଙ୍ଗ ରୂପପାଇଛି । ଶ୍ରୀମନ୍ଦିର ବାହାରୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାର କଳ୍ପନା ନାହିଁ କବିଙ୍କର । ଶ୍ରୀମନ୍ଦିର ନିର୍ମାଣ ବେଳେ ଦୁଇଟି ମୂର୍ତ୍ତିପାଇଁ ମନ୍ଦିର ଗଢିଥିବା କଥା ଚୋଡଗଙ୍ଗଦେବଙ୍କ ନାତି

ରାଜରାଜ ତୃତୀୟ (୧୧୯୮-୧୨୧୧)ଙ୍କ ଦାସଗୋବା ତାମ୍ରଶାସନରେ ଲିପିବଦ୍ଧ । ଏଥିରେ ଉଲ୍ଲେଖ ଅଛି ଯେ ମନ୍ଦିର ନିର୍ମାଣ ହେତୁ ଜଗନ୍ନାଥ ଓ ଲକ୍ଷ୍ମୀ ଅପାର ଆନନ୍ଦ ଲାଭ କରିଛନ୍ତି । ସେମାନେ ପୂର୍ବେ ରହୁଥିଲେ ଶ୍ୱଶୁରାଳୟରେ । ଶ୍ୱଶୁର ଘରେ ରହିବାକୁ ଜଗନ୍ନାଥ ଲଜ୍ଜାବୋଧ କଲେ । ତେଣୁ ସେ ଏବେ ଆନନ୍ଦିତ । ଏଣିକି ସେ ସ୍ୱାମୀଙ୍କ ସହ ନୂଆ ପ୍ରାସାଦରେ ରହିବେ ।[୨୬] ପରେ ବଡ ଭାଇ ବଳଭଦ୍ର ଜଗନ୍ନାଥଙ୍କ ସହ ରତ୍ନସିଂହାସନରେ ଯୋଗଦେଲେ । ଆମ ସମାଜରେ ଦେଢଶୁର ଭାଇବୋହୂ ପରମ୍ପରାଟି ଯୋଗୁଁ ଲକ୍ଷ୍ମୀ ବିଦାହେଲେ ବେଢାଭିତରେ ଥିବା ଲକ୍ଷ୍ମୀମନ୍ଦିରକୁ । ତତ୍କାଳୀନ ସମୟରେ ଏହି କିମ୍ବଦନ୍ତୀ ଆଧାରରେ ଲକ୍ଷ୍ମୀପୁରାଣ ଲେଖାଯାଇଛି ।[୨୭] ତେଣୁ ପ୍ରଫେସର ସାହୁଙ୍କର ମନ୍ତବ୍ୟଟି ଗୃହୀତ କରାଯାଇପାରୁନାହିଁ । ଏତଦ୍ ବ୍ୟତୀତୀ ପ୍ରଫେସର ସାହୁ ଲକ୍ଷ୍ମୀଙ୍କର ସଂସ୍କାରବାଦୀ ମନୋଭାବ, ଜାତିପ୍ରଥାର ବିଲୋପ, ନାରୀମାନଙ୍କର ସ୍ୱାଧୀନତା ଓ ଶୃଙ୍ଖଳିତ ଜୀବନଯାପନ ପ୍ରସଙ୍ଗରେ ଏଥିରେ ଆଲୋଚନା କରିଛନ୍ତି ।

'ଲକ୍ଷ୍ମୀ ମିଥ୍ ଓ ବଳରାମଙ୍କ ଲକ୍ଷ୍ମୀପୁରାଣ' ଶୀର୍ଷକ ଆଲୋଚନାରେ ଡକ୍ଟର ନଟବର ଶତପଥୀ ଖୋଜିଛନ୍ତି ଲକ୍ଷ୍ମୀ ମିଥ୍‌କୁ । ଆଲୋଚନାର ଆଲୋଚନାର ଆରମ୍ଭରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ଲକ୍ଷ୍ମୀପୁରାଣ ଏକ ପୁରାଣ ବୋଲି । ପୁରାଣଟି ରଚନା ହେବା ପୂର୍ବରୁ ସଂସ୍କୃତି ଓ ସଭ୍ୟତାରେ ସ୍ଥାନ ଜମେଇସାରିଥିଲା । ସେ ଲକ୍ଷ୍ମୀପୁରାଣର ମିଥ୍‌କୁ ଆଲୋଚନା କରିବାରୁ ଲକ୍ଷ୍ମୀପୁରାଣର କାହାଣୀ ସଂପର୍କରେ ଅବଗତ କରାଇଛନ୍ତି । ମଝିରେ ମଝିରେ ଲକ୍ଷ୍ମୀତ୍ୱ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ପ୍ରକାଶ କରୁଛନ୍ତି । ବେଳେବେଳେ ପ୍ରକାଶ ପାଇଛି ବଳରାମଙ୍କ ବ୍ୟକ୍ତିତ୍ୱ ସଂପର୍କିତ ଗୁଢତତ୍ତ୍ୱ । କ୍ଷୁଧା, ଅସାମର୍ଥ୍ୟ ଓ ଅଣପୁରୁଷାକାର ଭାବରେ ବଳରାମଙ୍କ କ୍ରୋଧ ପ୍ରସଙ୍ଗ ରହିଚି । ମିଥ୍‌କୁ ଖୋଜିବା ଆଗରୁ ସେ ପହଞ୍ଚିଛନ୍ତି ଜାତିଭେଦ ଆଲୋଚନା ପାଖରେ । ଲକ୍ଷ୍ମୀପୁରାଣ ସଂପୂର୍ଣ୍ଣ ରୂପେ ଜାତିଭେଦର ସପକ୍ଷରେ- ଏକଥାକୁ ସେ ସଂପୂର୍ଣ୍ଣ ଗ୍ରହଣ କରିପାରୁନାହାନ୍ତି । ଏ ସଂକ୍ରାନ୍ତରେ ଲେଖକୀୟ ମତହେଲା- କଥାଟା ପୂରାପୂରି ଅମୂଳକ ନହେଲେ ମଧ୍ୟ ଶାଶ୍ୱତ ନୁହେଁ । ସ୍ରଷ୍ଟା ସଂସ୍କାର ପାଇଁ ସୃଷ୍ଟି କରନ୍ତିନି । ଏହିପରି କଲେ ସାହିତ୍ୟ ତାତ୍କାଳୀକ ହୋଇଯାଏ । କୌଣସି ସାମାଜିକ ସମସ୍ୟା ଚିରକାଳୀନ ନୁହେଁ । ସମସ୍ୟାଟି ଯଦି ଚିରନ୍ତନ, ସେଥିରେ ପ୍ରକଟିତ ଆବେଦନ ଚିରନ୍ତନ ହିଁ ହେବ ।[୨୮] ଲେଖକଙ୍କ କଥା ଗ୍ରହଣଯୋଗ୍ୟ । ଲକ୍ଷ୍ମୀପୁରାଣ ମିଥକୁ ସେ ଖୋଜିଛନ୍ତି ଲକ୍ଷ୍ମୀଙ୍କ ବେଢା ଭିତରୁ ବାହାରିବା ପ୍ରସଙ୍ଗରୁ । କିନ୍ତୁ କୋଉ ପରିସ୍ଥିତି ଓ ଘଟଣାରେ ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରିଲେ ତାର କାରଣ ସେ ଉଲ୍ଲେଖ କରିନାହାନ୍ତି ।

'Alternative Modernities and Mediaval Indian Literature: The Oriya Lakshi Puran as Radical pedagogy'[୨୯] ନାମକ ପ୍ରବନ୍ଧରେ ସତ୍ୟପ୍ରକାଶ ମହାନ୍ତି ଉତ୍କଳୀୟ ଜନଜୀବନରେ ଲକ୍ଷ୍ମୀପୁରାଣର ଭୂମିକା ସଂପର୍କରେ ବିଶ୍ୱଦରବାରରେ ଏକ ସୁନ୍ଦର ଉପସ୍ଥାପନାଟିଏ ପ୍ରଦାନ କରିଛନ୍ତି । ଉକ୍ତ ଆଲୋଚନାଟି ତାଙ୍କ ଗବେଷକୀୟ ଦୃଷ୍ଟିଭଙ୍ଗୀକୁ ଚମକତା ଖେଳାଏ । ଲକ୍ଷ୍ମୀପୁରାଣକୁ ସେ ନାରୀବାଦ, ସମାଜଗଠନର ଅଭିମୁଖ୍ୟ, ଭାରତୀୟ କୃଷିଭିତିକ ସମାଜ ଆଦି ସଂପର୍କରେ ଗଭୀର ଅନ୍ୱେଷଣ କରିଛନ୍ତି । ଉଭୟେ ଶ୍ରୀୟା ଏବଂ ମା ଲକ୍ଷ୍ମୀ ଏକତ୍ରିତ ହୋଇ ସାମାଜିକ ବିଧିବ୍ୟବସ୍ଥା ସଂପର୍କରେ ଲଢିଛନ୍ତି । ଏଗୁଡିକୁ ଲକ୍ଷ୍ମୀପୁରାଣର କାହାଣୀ ସହ ଆଲୋଚନା କରିଛନ୍ତି । ପୁରୁଷ ପ୍ରଧାନ ଓ ବ୍ରାହ୍ମଣ୍ୟବାଦ ସମାଜ ବିରୁଦ୍ଧରେ ଏଥିରେ ଯଥେଷ୍ଟ ଆଲୋଚନା କରାଯାଇଛି । ଲକ୍ଷ୍ମୀପୁରାଣରେ କର୍ମବାଦ ସଂପର୍କିତ ଆଲୋଚନାକୁ ସେ ଏଠି ଉପସ୍ଥାପିତ କରୁଛନ୍ତି । ସେ ପ୍ରଦାନ କରିଥିବା କେତେଗୁଡିଏ କଥାକୁ ସଂପୂର୍ଣ୍ଣ ରୂପେ ଗ୍ରହଣ କରାଯାଇନପାରେ । ସେଥିମ୍ପରୁ ଲକ୍ଷ୍ମୀପୁରାଣକୁ ଯେଉଁ ରାଡିକାଲ ପେଡାଗୋଜି ବୋଲି ଉପସ୍ଥାପନ କରିଛନ୍ତି ତା କହିବାର କୌଣସି ତାତ୍ପର୍ଯ୍ୟ ନାହିଁ । କାରଣ ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମହପ୍ରସାଦ ଭକ୍ଷଣ କରିବେ । ଏକଥା ସ୍କନ୍ଧ ପୁରାଣରେ ରହିଛି । ତେଣୁ ସ୍କନ୍ଧ ପୁରାଣର ଏ ପରମ୍ପରାଟିକୁ ଲୋକମାନ୍ୟତା ଦିଆଯାଇ ନୂଆ ପୁରାଣଟିଏ ସୃଷ୍ଟିକଲେ ବଳରାମ ଦାସ । ତେଣୁ ଲକ୍ଷ୍ମୀ ରାଡିକାଲ୍ ଗଡେସ୍ ବା ପ୍ରତିବାଦୀ ଦେବୀ ହେବେ କେମିତି ? ସେ ଦୁର୍ଗା କି ପାର୍ବତୀ ନୁହଁନ୍ତି ? ସେ କୌଣସି ଦୈତ୍ୟକୁ ସଂହାର କରିବାକୁ ଜନ୍ମ ନେଇନାହାନ୍ତି । ସେ ମାଆ । ଶାନ୍ତ, ସ୍ନିଗ୍ଧ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କୁ ମୁଁ ନାରୀବାଦୀ ରୂପେ ଆଲୋଚକ ଉପସ୍ଥାପିତ କରିଛନ୍ତି । ଲକ୍ଷ୍ମୀପୁରାଣରେ ନାରୀଚେତନାବାଦର ବୈଶିଷ୍ଟ୍ୟ କାହିଁ ? ଲକ୍ଷ୍ମୀ କଣ ସମାଜର ସମସ୍ତ ମହିଳାଙ୍କ ପାଇଁ କିଛି କରିଛନ୍ତି କି ? ଯାହା କରିଛନ୍ତି ସବୁ ନିଜ ପାଇଁ । ସେ ରାଗି ରୁଷି ଘରୁ ପଳାଇଥିଲେ । ଆଶା ଥିଲା ଜଗନ୍ନାଥ ଲୋଡିବେ ତାଙ୍କୁ । ତେଣୁ ପୁରୁଷର ଏକଚାଟିଆ ଆଧିପତ୍ୟରେ ସେ ଜୀଇଁବେ ନାହିଁ କି, ପୁରୁଷବିନା ରହିବେ ନାହିଁ ? ସେ ଦୁଇ ନାବରେ ଗୋଡ ଦେଇଛନ୍ତି ? ତେଣୁ ସାପ ମରିବନି କି ବାଡି ଭାଙ୍ଗିବନି ନ୍ୟାୟରେ ଚାଲିଛନ୍ତି । ନିଜର ଶକ୍ତିକୁ ସେ ଏଥିରେ ପ୍ରୟୋଗ କରିଛନ୍ତି । ସଂସ୍କୃତିରେ ସ୍ୱାମୀ ସ୍ତ୍ରୀର ସମ୍ପର୍କ ଶାଶ୍ୱତ । ସ୍ତ୍ରୀ ବିନା ପୁରୁଷ କି ପୁରୁଷ ବିନା ସ୍ତ୍ରୀ ଜୀଇଁ ପାରିବ ନାହିଁ । ସାମାନ୍ୟ ରାଗରୁଷା ଓ ଅଭିମାନର କଥା ଏଠି କୁହାଯାଇଛି । ଏଠି ନାରୀବାଦ ଆସିଲା କୁଆଡୁ ? ଜଗନ୍ନାଥଙ୍କୁ ଛାଡି ନିଜ ଶକ୍ତିରେ ସେ କେବେ ବି ରହିପାରିବେନି । ଜଗନ୍ନାଥଙ୍କୁ ସେ ବହୁତ ଭଲପାଆନ୍ତି । ଜଗନ୍ନାଥ

ତାଙ୍କୁ ମ୍ଧ ସମପରିମାଣରେ ସ୍ନେହ କରନ୍ତି । ସେଥିପାଇଁ ତ ଜଗନ୍ନାଥଙ୍କ ଫେରିବା ବାଟକୁ ସେ ଅପେକ୍ଷା କରି ରହିଥିଲେ । ଜଗନ୍ନାଥଙ୍କୁ ଦେଖି ଦେଖି ପାଦ ପ୍ରକ୍ଷାଳନ କରିପକାଇଲେ । ପ୍ରକ୍ଷାଳନ ପାଣିକୁ ପାଦୁକା ଭାବରେ ପାନକଲେ । ଇଏ କଣ ନାରୀନାଦର ସ୍ୱରୂପ ? ଲକ୍ଷ୍ମୀ କେବେ ଚାହିଁନାନାହନ୍ତି ନାରୀମାନଙ୍କର ନେତ୍ରୀ ହେବା ପାଇଁ ? କି ପୁରାଣକାର ତାଙ୍କୁ ନାରୀବାଦୀ ଭାବେ ରୂପାୟିତ କରିଥିଲେ ? ତେଣୁ ସଂପୂର୍ଣ୍ଣ ରୂପେ ନାରୀବାଦ ଏଠି ନାହିଁ ବୋଲି କୁହାଯାଇପାରିବ । ଜଗନ୍ନାଥଙ୍କ ସହ ପରସ୍ପର ବିରୋଧ ହେଇଛି । ତଥାପି ପରସ୍ପର ପ୍ରତି ଦୁହେଁ ବ୍ୟାକୁଳ । ତାଙ୍କର ଅଖଣ୍ଡ ସ୍ୱାଧୀନତା ନୁହଁ ପୁରୁଷଟିଏ ଦରକାର । ଭାରତୀୟ ସମାଜରେ ନାରୀରର ସ୍ୱାଧୀନତା ଶିଥିଳ । ସେ ପୁରୁଷର ଅଧୀନସ୍ଥ । ଲକ୍ଷ୍ମୀ ବଡଦେଉଳ ଛାଡିଛନ୍ତି, ତଥାପି ପୁରୁଷର ଅଧୀନରେ ନିଜକୁ ନିୟନ୍ତ୍ରଣ କରିଛନ୍ତି । ସେ ଜାଣିଛନ୍ତି ସ୍ୱାମୀ ଖାଦ୍ୟ ଗ୍ରହଣ କରିନଥିବେ । ତେଣୁ ସେ ଉପବାସ ଅଛନ୍ତି । ଏଠି କଣ ନାରୀବାଦକୁ ଖୋଜି ହେବ ? ଲକ୍ଷ୍ମୀ ନିଜ ସ୍ୱାଧୀନତା ଖୋଜିଛନ୍ତି । ସେ ସ୍ୱାଧୀନତା ସ୍ୱାମୀଙ୍କ ଅନୁମତି ବିନା କେବେ ସମ୍ଭବ ନୁହଁ ।

ଲକ୍ଷ୍ମୀ ନିଃସନ୍ତାନ ଥିଲେ । ତେଣୁ ସମସ୍ତ ଜଗତବାସୀ ତାଙ୍କର ସନ୍ତାନ । ଜାତିଭେଦରେ ସମସ୍ତଙ୍କୁ ସେ ସମାନ ପରିମାଣରେ ପ୍ରେମ କରନ୍ତି । ତାଙ୍କ ପାଇଁ ଉଚ୍ଚନୀଚ କେହି ନୁହଁନ୍ତି । ସମସ୍ତେ ସମାନ । ତେଣୁ ମହାପ୍ରସାଦରେ ଚଣ୍ଡାଳ ଠାରୁ ବ୍ରାହ୍ମଣ ଯାଏ ସମସ୍ତଙ୍କ ଅଧିକାର ପାଇଁ ସେ ଜଗନ୍ନାଥଙ୍କୁ କହିଥିଲେ । ଏହା ମଧ୍ୟ ବ୍ରାହ୍ମଣ ବାଦ ବିରୋଧରେ ଏକ ବଡ ଶକ୍ତ ଧକ୍କା ବୋଲି କୁହାଯାଇପାରିବ । ସେ ବ୍ରାହ୍ମଣମାନଙ୍କୁ ଘୃଣା କରନ୍ତି । କାରଣ ଜଣେ ବ୍ରାହ୍ମଣ ତାଙ୍କୁ ସ୍ୱାମୀଙ୍କୁ ଗୋଇଠା ମାରିଥିଲା । ଜାତିଗତ ସମାନତା କରିବାକୁ ସେ ଚେଷ୍ଟା କରିଥିଲେ । ଏଥିରେ ସେ କେତେଦୂର ସଫଳ ହୋଇଥିଲେ ତାହା ଆଗରୁ ଆଲୋଚିତ ହୋଇଛି ।

'ଲକ୍ଷ୍ମୀପୁରାଣରେ ଓଡିଆ ବାମାବାଦୀଧାରା ଉନ୍ମେଷ'(୩୦) ପ୍ରବନ୍ଧରେ ଡକ୍ଟର କବିତା ବାରିକ ଲକ୍ଷ୍ମୀଙ୍କ ବାମାବାଦର ପ୍ରବକ୍ତା ରୂପେ ଆଲୋଚିତ କରିଛନ୍ତି । ସେ ଗୋଟିଏ ଉଦାହରଣ ମ୍ଧମରେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ଉଦାହରଣଟି–

ଜଗନ୍ନାଥ ମହାପ୍ରଭୁ ଯେବେ ମୋତେ ନ ଖୋଜିବେ
ନାରୀଙ୍କି ପୁରୁଷମାନେ ଆଉ ନ ଲୋଡିବେ
ମୋତେ ଛାଡି ପ୍ରଭୁ ଯେବେ କରିବେଟି ଘର
କଳିଯୁଗେ ନାରୀଙ୍କି ଯେ ନଖୋଜିବେ ନର ।

ଉକ୍ତିଟିରେ ଅର୍ଥ ଲେଖିକା ଯାହା ବୁଝୁଥାନ୍ତୁ ନା କାହିଁକି ଆଉ ଗୋଟିଏ ଅର୍ଥ ମ୍ଧ ବାହାର କରାଯାଇପାରିବ । ଅର୍ଥଟି ଜଗନ୍ନାଥ ରୋଷେଇ କରି ଖାଇଲେ, ସେ ସ୍ୱାବଲମ୍ବୀ ହୋଇଯିବେ । ଆଉ ମୋତେ ଖୋଜିବେନି । ଲକ୍ଷ୍ମୀଙ୍କର ଭୟ କାଳେ ଜଗନ୍ନାଥ ତାଙ୍କୁ ନଲୋଡିବେ । ଏହା ଲକ୍ଷ୍ମୀଙ୍କର ଜଗନ୍ନାଥଙ୍କୁ ହରେଇବାର ଭୟ ବୋଲି ବିବେଚନା କରାଯାଇପାରେ ।

'ଲକ୍ଷ୍ମୀପୁରାଣ – ପୁନର୍ପାଠ ଓ ପୁନର୍ବିବେଚନ'(୩୧) ନାମରେ ପ୍ରଫେସର ଦାଶରଥି ଦାସ ଏକ ସୁନ୍ଦର ଗବେଷଣାତ୍ମକ ନିବନ୍ଧଟିଏ ଲେଖିଛନ୍ତି । ସ୍ଥାନ ପାଇଛି ପ୍ରସଙ୍ଗ ପୁରୁଣା ଭାବନା ନୂଆ ବହିରେ । ଚମତ୍କାର ଆଲୋଚନା ଓ ପାଣ୍ଡିତ୍ୟପୂର୍ଣ୍ଣ ତର୍କକୁ ଉପସ୍ଥାପିତ କରି ତାର ସୁନ୍ଦର ବ୍ୟାଖ୍ୟା ମାଧ୍ୟମରେ ସବୁ ପ୍ରଶ୍ନର ଉତ୍ତର ସମାଧାନ କରିଛନ୍ତି । ଓଡିଆ ସାହିତ୍ୟର ଇତିହାସରେ ଲକ୍ଷ୍ମୀପୁରାଣର ନାମ ଅଛି କିନ୍ତୁ ଉପଯୁକ୍ତ ମର୍ଯ୍ୟାଦା ନାହିଁ । ତେଣୁ ଆଲୋଚନାର ପ୍ରାରମ୍ଭରେ ତାଙ୍କୁ ବ୍ୟଥିତ ଲାଗିଛି । ଲକ୍ଷ୍ମୀପୁରାଣର ଦୁଇଟି ଘଟଣା ( ଲକ୍ଷ୍ମୀ ବିଦା ହେବା ଓ ମହାପ୍ରସାଦର ପବିତ୍ରତା)କୁ ଖୋଜି ଖୋଜି ସେ ସତ୍ୟର ଅନୁନ୍ଧାନ କରିଛନ୍ତି । ପହଞ୍ଚିଛନ୍ତି ଇତିହାସ ଓ କିମ୍ବଦନ୍ତୀ ପାଖରେ । ପରିଶେଷରେ ଇତିହାସ, ଲୋକକଥା ଓ କିମ୍ବଦନ୍ତୀର ସମନ୍ୱିତ ପ୍ରୟାସରେ ଲକ୍ଷ୍ମୀପୁରାଣ ଗଢିଉଠିଛି– ଯାହା ତାଙ୍କ ଗବେଷଣାର ମୁଖ୍ୟ ପ୍ରସଙ୍ଗ ।

ଇତିହାସର ଅଇନାରେ ଖୋଜିଛନ୍ତି ଲକ୍ଷ୍ମୀଙ୍କୁ । ଗନ୍ତବ୍ୟ ସ୍ଥଳ ହୋଇଛି ଶ୍ରୀମନ୍ଦିର । ତାଙ୍କ ମନରେ ପ୍ରଶ୍ନ, ମୁଖ୍ୟ ତିନୋଟି ଚରିତ୍ର (ବଳଭଦ୍ର, ଜଗନ୍ନାଥମ ଲକ୍ଷ୍ମୀ) ଲକ୍ଷ୍ମୀପୁରାଣରେ ଅଚନ୍ତି । ମାତ୍ର ସୁଭଦ୍ରା ଗଲେ କୁଆଡେ ? ଦୁଇ ଭାଇଙ୍କ ଅଲିଅଲି ଭଉଣୀ, ଭାଉଜଙ୍କ ଗେହ୍ଲି ନଣନ୍ଦ । ଯଦି ଥିଲେ ତେବେ ଭାଉଜ କଣ ତାଙ୍କ ପାଇଁ ଅନ୍ନ ବସ୍ତ୍ର ବ୍ୟବସ୍ଥା କରିଦେଇଯାଇଥିଲେ । ସେ ଗୋଟିଏ ତର୍କ ଆଣି ଠିଆ କରାଇଛନ୍ତି । ତର୍କଟିର ସମାଧାନ ମଧ୍ୟ କରିଛନ୍ତି । ସେ ଯାହା ହେଉ ବଜାରରେ ମିଳୁଥିବା ଲକ୍ଷ୍ମୀ ପୁରାଣରେ ସୁଭଦ୍ରାଙ୍କର ଅନୁପସ୍ଥିତ । ମାତ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଲକ୍ଷ୍ମୀ ପୁରାଣରେ ସୁଭଦ୍ରାଙ୍କର ଉପସ୍ଥିତ ଘଟିଛି । ଆଲୋଚକ ବଜାରରେ ମିଳୁଥିବା ପୁରାଣକୁ ପାଠ୍ୟ ହିସାବରେ ଗ୍ରହଣ କରିଛନ୍ତି ।

ପ୍ରଫେସର ଦାସଙ୍କର ଆଲୋଚନାକୁ ଉତଖାରିବା ମୋର ଲକ୍ଷ୍ୟ ନୁହେଁ । ତାଙ୍କର କେତେକ ତର୍କ ଓ ଯୁକ୍ତି ସହ ଭାଗିଦାରୀ ହୋଇ ପ୍ରସଙ୍ଗ ଗୁଡିକୁ ଅଧିକ ଶକ୍ତିଶାଳୀ କରିବା ମୋର ଲକ୍ଷ୍ୟ । ବଳରାମ ଦାସ ଗୋଟିଏ ଲୋକ କଥା ଓ କିମ୍ବଦନ୍ତୀରୁ ଲକ୍ଷ୍ମୀପୁରାଣର କାହାଣୀକୁ ସାଉଁଟିଲେ । ଏହା ଦ୍ୱାରା ଲକ୍ଷ୍ମୀଙ୍କ ମାହାତ୍ମ୍ୟ ପ୍ରଚାର ହେଲା । ଶ୍ରୀ ମନ୍ଦିରରେ ଜାତିଭେଦ ନିର୍ବିଶେଷରେ ଆଚଣ୍ଡାଳବ୍ରାହ୍ମଣ ମହାପ୍ରସାଦ ସେବନର ଅଧିକାରୀ ହେଲେ । କାହାଣୀଟି ପୁରାତନ । ମାତ୍ର ସାତଶହ କି ଆଠ ଶହ ବର୍ଷ ତଳର । ତେଣୁ ଲକ୍ଷ୍ମୀପୁରାଣ

କାହାଣୀ ଜଗନ୍ନାଥ ମନ୍ଦିର ଠୁ ଅଧିକ ହେବାର ସମ୍ଭାବନା ନାହିଁ । ଆଉ ଗୋଟିଏ ଯୁକ୍ତି ଏଠି ଉପସ୍ଥାପନ କରାଯାଇପାରେ । ଯୁକ୍ତିଟି ଏହିପରି- ଏ କାହାଣୀଟି ପ୍ରଚଳିତ ହେବା ପୂର୍ବରୁ ଲକ୍ଷ୍ମୀ କଣ ଗଣଚେତନାରେ ନଥିଲେ ? ନା ଗଣଦେବୀ ରୂପେ ପୂଜିତ ହେଉନଥିଲେ ? ନା ଲକ୍ଷ୍ମୀବ୍ରତ ପ୍ରଚଳିତ ନଥିଲା ? ଏ ସଂକ୍ରାନ୍ତରେ ଗୋଟିଏ କଥା ଏଠି ଯୋଡ଼ିଦିଆଯାଇପାରେ । ଯେ, ଲକ୍ଷ୍ମୀ ଯୁଗେ ଯୁଗେ ଥିଲେ । ସେ ଥିଲେ ଗଣର ଦେବୀ । ଶସ୍ୟର ଦେବୀ । ସମ୍ପତ୍ତିର ଦେବୀ । ଯାହା ସାରୋଳାଙ୍କ ସାହିତ୍ୟରେ ସ୍ପଷ୍ଟ । ତତ୍କାଳୀନ ସମାଜରେ ଲକ୍ଷ୍ମୀବ୍ରତ ନଥିଲେ ସାରୋଳା ତାଙ୍କ ସାହିତ୍ୟରେ କଣପାଇଁ ଉଲ୍ଲେଖ କରିଥାନ୍ତେ ? ଜାତି ଧର୍ମ ନିର୍ବିଶେଷରେ ସେ ସମସ୍ତଙ୍କ ଘରକୁ ଯାଆନ୍ତି । ତେଣୁ ତାଙ୍କର ନାମ ଚଞ୍ଚଳା । କୋଉଠି ବି କ୍ଷଣେ ରହିପାରନ୍ତିନି । ଯାହାର କୋଟିକୋଟି ସନ୍ତାନ ସେ କଣ ଜଣଙ୍କ ପାଖରେ ବାନ୍ଧି ହେଇ ରହିପାରେ ।

ଲକ୍ଷ୍ମୀପୁରାଣକୁ ପ୍ର୍ଫେସର ଦାସ ବ୍ରତକଥା ଭାବରେ ଉପସ୍ଥାପିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ଅମୂଳକ ପ୍ରସଙ୍ଗ ଉପସ୍ଥାପିତ କରିଛନ୍ତି । ପ୍ରସଙ୍ଗଟି ଏଇଆ ଯେ, ଚଣ୍ଡାଳ ସମାଜରେ ଏହା ପ୍ରଥମେ ପ୍ରଚଳିତ ହୋଇଥିଲା । ଶ୍ରୀୟା ଚଣ୍ଡାଲୁଣୀର ବ୍ରତ ନିଷ୍ଠା ଏଥିରେ ସ୍ଥାନ ପାଇଛି । ଏଇ ସୂତ୍ରରୁ ସେ ଗ୍ରହଣ କରିଛନ୍ତି । ସତରେ କଣ ଚଣ୍ଡାଳ ଏ ବ୍ରତର ପ୍ରଥମ ଉପାସକ ? ମନରେ ପ୍ରଶ୍ନଟି ଗୋଳମାଳିଆ ଲାଗୁଛି । ଚଣ୍ଡାଳ ଆର୍ଯ୍ୟର ନା ଅନାର୍ଯ୍ୟ ? ନିଶ୍ଚୟ ଅନାର୍ଯ୍ୟ ଗୋଷ୍ଠୀର ଅର୍ନ୍ତଭୁକ୍ତ ହୋଇଥିବ । ତେଣୁ ସେମାନେ ଅନ୍ୟବ୍ରତ । ଆର୍ଯ୍ୟନ ବ୍ରତାନୁଷ୍ଠାନ ସହ ସେମାନେ ଜଡ଼ିତ ନଥିବାରୁ ସେମାନଙ୍କୁ ଅନ୍ୟବ୍ରତ ବୋଲି ଆର୍ଯ୍ୟମାନେ ନାମ ଦେଇଥିଲେ । ଲକ୍ଷ୍ମୀ ଥିଲେ ଆର୍ଯ୍ୟମାନଙ୍କର ଦେବୀ । ଜଣେ ଆର୍ଯ୍ୟଦେବୀଙ୍କ ବ୍ରତ ପ୍ରଥମେ ଚଣ୍ଡାଳ କେମିତି କରିବ ? ଆହୁରି ଗୋଟିଏ ଯୁକ୍ତି ଏ ସଂକ୍ରାନ୍ତରେ ଆସେ । ଯଦି ଅନାର୍ଯ୍ୟ ବା ଚଣ୍ଡାଳ ଏ ବ୍ରତଟି କରୁନଥିବେ ତେବେ ଚଣ୍ଡାଲୁଣୀ ଶ୍ରୀୟାକୁ ଏଥିରେ ନିଆଗଲା କାହିଁକି ? ଏହାର ଉତ୍ତର ଖୋଜିବାକୁ ହେଲେ ଆମକୁ ପହଞ୍ଚିବାକୁ ହେବ ତତ୍କାଳିନ ତମସାଚ୍ଛନ୍ନ ପରିବେଶ ପାଖରେ । ନିମ୍ନ ଜାତିର ଲୋକଙ୍କୁ ଏଥି ସହ ନଯୋଡ଼ିଲେ ଶ୍ରୀମନ୍ଦିରରୁ ଜାତି ଉଠିବ କିପର ? ମହାପ୍ରସାଦକୁ ସମସ୍ତେ ଭୁଂଜିବେ କିପରି ? ଲକ୍ଷ୍ମୀ ଧନର ଦେବୀ । ଐଶ୍ୱର୍ଯ୍ୟର ଦେବୀ । କିଏ ବା ନଚାହେଁ ତାଙ୍କୁ ସନ୍ତୁଷ୍ଟ କରି ସମ୍ପତ୍ତି ପ୍ରାପ୍ତ ନହେବା ପାଇଁ । ତେଣୁ ଲକ୍ଷ୍ମୀଙ୍କୁ ସମସ୍ତେ ସନ୍ତୁଷ୍ଟ କରିବାକୁ ଏ ବ୍ରତ ସମସ୍ତେ କରୁଥିଲେ ।

ପ୍ରଫେସର ଦାସ ଆଉ ଗୋଟିଏ ପ୍ରସଙ୍ଗ ତର୍କଆଡ଼କୁ ନେଇଯାଉଛନ୍ତି । ତର୍କଟି ହେଉଛି- ଲକ୍ଷ୍ମୀ ଚଣ୍ଡାଳର ଜୀବନ ଦର୍ଶନକୁ, ଉଚ୍ଚବର୍ଣ୍ଣ ସମାଜରେ ଗୃହୀତ କରାଇବା । ତେଣୁ ସେହି ବ୍ରତାଚାରୁଣରୁ ତାହା ଆଜି ଘରେ ଘରେ ପରିଚିତ । ଏ ସଂପର୍କରେ ସତ୍ୟାସତ୍ୟ ଖୋଜିବାକୁ ହେଲେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ କଳି ପାଖକୁ ଯିବାକୁ ପଡ଼ିବ । କଉଡ଼ି ଖେଳରେ ପରାଜିତ ଜଗନ୍ନାଥ ସତ୍ୟକରିଥିଲେ ଲକ୍ଷ୍ମୀ ତାଙ୍କ ପ୍ରିୟଦିନରେ ନଗର ଭ୍ରମଣରେ ଯିବେ । ଏଥିରୁ ସ୍ପଷ୍ଟ ଯେ ଲକ୍ଷ୍ମୀଙ୍କର ବ୍ରତ ତାଙ୍କ ବିବାହ ପୂର୍ବରୁ ପ୍ରଚଳିତ ଥିଲା । ତାଙ୍କର ବ୍ରତ ସମସ୍ତେ କରନ୍ତେ । ଯଦିଓ ସମସ୍ତେ ନକରୁଥାନ୍ତେ ତେବେ ସେ ସାଧବାଣୀ ଘରକୁ କାହିଁକି ଯାଇଥାନ୍ତେ । ନାଟକୀୟତା ଓ ଲକ୍ଷ୍ମୀଙ୍କ ମାହାତ୍ମ୍ୟ ଦୃଷ୍ଟିରୁ ଚଣ୍ଡାଳ ଘରକୁ ଶ୍ରେଷ୍ଠ କରିଦିଆଯାଇଛି । ନହେଲେ କାହାଣୀରେ ଶ୍ରେଷ୍ଠତା ଆସିବ କୁଆଡୁ ?

ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ ବଳଭଦ୍ରଙ୍କ ଉପସ୍ଥିତି ଯୋଗୁଁ ବଳଭଦ୍ରଙ୍କୁ ଉପସ୍ଥିତ ଯୋଗୁଁ ଲକ୍ଷ୍ମୀ ମୂର୍ତ୍ତି ବାଁ ଡାହାଣ କରିବା, ମହାପ୍ରସାଦର ଅଖଣ୍ଡତା ପ୍ରଖ୍ୟାପନ କରିବା ଆଦି ଲକ୍ଷ୍ମୀପୁରାଣ ସଂପର୍କିତ ଘଟଣା ଅଛି । ମାତ୍ର ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବିତାଡ଼ିତ ହେବା ଘଟଣାଟି କାହିଁକି ନାହିଁ ? ଏହାର ପ୍ରମୁଖ କାରଣ ତତ୍କାଳୀନ ଜାତିଭେଦ । ଗୋଟିଏ ବ୍ରାହ୍ମଣ୍ୟ ପୁରାଣ ଜାତିବାଦକୁ କିପରି ସ୍ୱୀକାର କରନ୍ତା ।

ଲକ୍ଷ୍ମୀପୁରାଣରେ ବ୍ୟବହୃତ କିମ୍ବଦନ୍ତୀଟି ଲୋକମାନସରେ ଉଜ୍ଜୀବିତ ଥିଲା । ମହାଭାରତରେ ଅନେକ କିମ୍ବଦନ୍ତୀ ଓ ଲୋକକଥାକୁ ସ୍ଥାନିତ କରିଥିଲେ ସାରଳା ଦାସ । ଏପରିକି ଲକ୍ଷ୍ମୀଙ୍କର ବିଭିନ୍ନ ଉପାଖ୍ୟାନ ମହାଭାରତରେ ଅଛି । ସାରଳା ଦାସଙ୍କ ପରି ମାର୍ତ୍ତଣ୍ଡଙ୍କ ଠାରୁ ଏ କିମ୍ବଦନ୍ତୀଟି ବଳିଗଲା କେମିତ ? ଯାହା ଆଉ ଏକ ତର୍କର ଗବେଷଣା କରେ ?

**ପ୍ରାନ୍ତଟୀକା :**


୧. ଶତପଥୀ ନଟବର: ଅସମାପ୍ତ ଦ୍ୱିତୀୟ । ଅଗ୍ରଦୂତ, ବାଙ୍କାବଜାର, କଟକ-୨, ୧ମ ପ୍ରକାଶ-୨୨୦୭, ପୃ- ୯-୧୦ ।

୨. ଆଚାର୍ଯ୍ୟ ସୁଦର୍ଶନ (ମିଳିତ) : ଲକ୍ଷ୍ମୀପୁରାଣ । ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧ମ ପ୍ରକାଶ- ୨୦୧୮, ପୃ-୩୧ ।

୩. ମିଶ୍ର ସଚ୍ଚିଦାନନ୍ଦ : ନୃସିଂହପୁରାଣକାର ପୀତାମ୍ବର ଦାସ । ପ୍ରଗତି ଉତ୍କଳ ସଂଘ, ରାଉରକେଲା-୦୩, ୧ମ ପ୍ରକାଶ- ୨୦୦୧, ପୃ-୩୭ ।

୪. ଆଚାର୍ଯ୍ୟ ସୁଦର୍ଶନ (ମିଳିତ): ଲକ୍ଷ୍ମୀପୁରାଣ । ପୃ-୧୫ ।

୫. W.W. Hunter: Orissa (Vol-2). London, 1872. Page-210-211.

୬. Chakravarti M.M. : Note on the Language and Literature of Orissa. Part-III and IV, Journal of the Asiatic Society of Bengal ( Vol-LXVII), Part 1, Baptist Mission Press, Calcutta, 1898, Page-346.

୭. Mazumdar Bijay Chandra: Typical Selections From Oriya Literature. Vol-1, Baptist Mission Press, Calcutta, 1921.

୮. ସିଂହ ଜଗବନ୍ଧୁ: ପ୍ରାଚୀନ ଉତ୍କଳ । ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୪, ୩ୟ ସଂସ୍କରଣ, ୧୯୮୨, ପୃ-୭୧ ।

୯. ରଥ ତାରିଣୀ ଚରଣ: ଉତ୍କଳ ସାହିତ୍ୟର ଇତିହାସ । ଉତ୍କଳ ସାହିତ୍ୟ ପ୍ରେସ୍, କଟକ, ୨ୟ ସଂସ୍କରଣ, ୧୯୨୭, ପୃ-୧୦ ।

୧୦. ଆଚାର୍ଯ୍ୟ ସୁଦର୍ଶନ (ମିଳିତ) : ଲକ୍ଷ୍ମୀପୁରାଣ, ପୃ-୧୫ ।

୧୧. Dhala U.N. : The Origin and Development of The Goddess Laksmi, Unpublished Phd Thesis, Utkal University, p-2.

୧୨. Kinsley David: Tantric Vision of the Divine Feminine ( The Ten Mahavidya). Motilal Banarsidass Publishers, Pvt., Delhi, 2008, P-223.

୧୩. ମହାନ୍ତି ବଂଶୀଧର: ସାରଳା ସାହିତ୍ୟ । ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ପ୍ରଥମ ପ୍ରକାଶ କାଳ-୧୯୭୩, ପୃ-୭୮-୮୪ ।

୧୪. ମହାପାତ୍ର ଜଟାଧାରୀ : ଲକ୍ଷ୍ମୀନାରାୟଣୀ ବଚନିକା ନା ବଡ଼ ଧାନମାଣିକା ଓଷା କଥା । ଏଷଣା, ୨୧ଶ ଖଣ୍ଡ, ଡିସେମ୍ବର-୧୯୯୦, ପୃ-୨୧ ।

୧୫. ଆଚାର୍ଯ୍ୟ ସୁଦର୍ଶନ (ମିଳିତ) : ଲକ୍ଷ୍ମୀପୁରାଣ । ପୃ-୩୮ ।

୧୬. ପୂର୍ବସୂଚିତ ଗ୍ରନ୍ଥ, ପୃ-୮୨ ।

୧୭. ପୂର୍ବସୂଚିତ ଗ୍ରନ୍ଥ, ପୃ-୯୦ ।

୧୮. ପୂର୍ବସୂଚିତ ଗ୍ରନ୍ଥ, ପୃ-୧୨୬ ।

୧୯. ପୂର୍ବସୂଚିତ ଗ୍ରନ୍ଥ, ପୃ-୮୧ ।

୨୦. ମହାନ୍ତି ବଂଶୀଧର: ସାରଳା ସାହିତ୍ୟ, ପୃ-୮୦-୮୩ ।

୨୧. ମହପାତ୍ର ଜଟାଧାରୀ: ଏଷଣା । ଡିସେମ୍ବର,୧୯୯୦, ପୃ-୨୧ ।

୨୨. ମହାନ୍ତି ବଂଶୀଧର: ଓଡ଼ିଆ ସାହିତ୍ୟର ଇତିହାସ (୩ୟ ଭାଗ) । ଫ୍ରେଣ୍ଡସ ପବ୍ଲିସର, ବିନୋଦବିହାରୀ, କଟକ-୨, ତୃତୀୟ ସଂସ୍କରଣ-୨୦୨୦,ପୃ-୧୬୨-୬୫ ।

୨୩. ମହାନ୍ତି ଦେବେନ୍ଦ୍ର: ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ । ବିଦ୍ୟାପୁରୀ, ବାଲୁବଜାର,କଟକ-୨,ତୃତୀୟ ମୁଦ୍ରଣ, ୨୦୨୦, ପୃ-୧୪୪-୪୬ ।

୨୪. ମହାରଣା ସୁରେନ୍ଦ୍ର କୁମାର: ପଞ୍ଚସଖା ଧର୍ମ ଓ ସାହିତ୍ୟ । ଫ୍ରେଣ୍ଡେସ ପବ୍ଲିଶସ. ପୃ-୧୮୫-୮୯ ।

୨୫. ସାହୁ କୃଷ୍ଣଚରଣ: କବି ବଳରାମ ଦାସ । ଓଡ଼ିଶା ସାହିତ୍ୟ ଏକଡେମୀ । ଭୁବନେଶ୍ୱର-୧୪, ୨ୟ ପ୍ରକାଶ, ୨୦୦୮, ପୃ-୧୨୮-୩୦ ।

୨୬. Chakravarti M.M. : Jagannath Temple In Orissa. Journal of the Asiatic Society of Bengal ( Vol-LXVII), Part 1, Baptist Mission Press, Calcutta, 1898, Page-329.

୨୭. ଦାସ ଦାଶରଥି: ପ୍ରସଙ୍ଗ ପୁରୁଣା ଭାବନା ନୂଆ । ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ୨ୟ ସଂସ୍କରଣ-୨୦୧୯, ପୃ-୧୦୧ ।

୨୮. ଶତପଥୀ ନଟବର: ଅସମାପ୍ତ ଦ୍ୱିତୀୟ । ପୃ-୧୩ ।

୨୯. Diacritics, Vol-38, Nuvember 3, fall 2008.

୩୦. କୁସୁମିତା, ପୂଜାସଂଖ୍ୟା,୨୦୧୮ ।

୩୧. ଦାସ ଦାଶରଥି: ପ୍ରସଙ୍ଗ ପୁରୁଣା ଭାବନା ନୂଆ । ପୃ୧୦୧-୧୫୦ ।

ଅଧ୍ୟାପକ, ଓଡ଼ିଆ ବିଭାଗ
ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ
ଜଗତପୁର, କଟକ

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ